

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୦୫ ଡିସେମ୍ବର ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 05 DECEMBER 2021

Vol.No. 32 ■ No. 310 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ପାଇଛି ଏବର୍ଷର ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଦୁର୍ବଳ ହେଲା ଜୱାଦ

## ବର୍ଷା ହେବ, କମ୍ ରହିବ ପବନର ବେଗ

ଭୁବନେଶ୍ୱର, ୦୪/୧୨ (ନି.ପ୍ର): ବଙ୍ଗୋପସାଗରରେ ସୃଷ୍ଟ ବାତ୍ୟା ଜୱାଦ ଦୁର୍ବଳ ହୋଇଯାଇଛି। ଏଥିସହ ଓଡିଶା ପ୍ରତି ଥିବା ବିପଦ ମଧ୍ୟ ଟଳିଛି। ଶନିବାର ସଂଧ୍ୟା ସାଢେ ୫ଟା ସୁଦ୍ଧା ଏହା ଦୁର୍ବଳ ହୋଇ ଏକ ଗଭୀର ଅବପାତ ବା ଡିପ୍ ଡିପ୍ରେସନରେ ପରିଣତ ହୋଇଛି। ଏହା ଘଂଟା ପ୍ରତି ୯ କିଲୋମିଟର ବେଗରେ ଗତି କରୁଛି ବୋଲି ଭାରତୀୟ ପାଣିପାଗ ବିଭାଗ ସୂଚନା ଦେଇଛି। ସଂଧ୍ୟା ସାଢେ ୫ଟା ବେଳେ ଏହା ବିଶାଖାପାଟଣାଠାରୁ ୧୮୦ କିଲୋମିଟର ପୂର୍ବ, ଦକ୍ଷିଣ-ପୂର୍ବ ଦିଗରେ ତଥା ଗୋପାଳପୁରଠାରୁ ୨୬୦ କିଲୋମିଟର ପୂର୍ବ, ଦକ୍ଷିଣ-ପୂର୍ବ ଦିଗରେ ଓ ପୁରୀଠାରୁ ୩୩୦ କିମି



ଓ ପାରାଦ୍ୱୀପ ଠାରୁ ୪୨୦ କିମି ଦକ୍ଷିଣ, ଦକ୍ଷିଣ-ପୂର୍ବ ଦିଗରେ ରହିଛି। ଆସନ୍ତା କାଲି ଅର୍ଥାତ ରବିବାର ସକାଳ ସୁଦ୍ଧା ଏହି ଗଭୀର ଅବପାତ ଆହୁରି ଦୁର୍ବଳ ହୋଇ ଏକ ଅବପାତରେ ପରିଣତ ହେବ। ଏହା ଆସନ୍ତା କାଲି ଅର୍ଥାତ ରବିବାର ମଧ୍ୟାହ୍ନ ସୁଦ୍ଧା ପୁରୀ ନିକଟବର୍ତ୍ତୀ ହେବ ଓ ଧୀରେ ଧୀରେ ଉତର ଉତର-ପୂର୍ବ ଦିଗରେ ଗତି କରିବ ଓ ପରବର୍ତ୍ତୀ ୨୪ ଘଂଟାରେ ଏକ ଲଘୁଚାପରେ ପରିଣତ ହୋଇ ପଶ୍ଚିମବଙ୍ଗ ଉପକୂଳରେ ପହଂଚିବ। ଏହାର ପ୍ରଭାବରେ ଉପକୂଳ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ୨୪ ଘଂଟାରେ ପଶ୍ଚିମବଙ୍ଗରେ ବି ବର୍ଷାର ସମ୍ଭାବନା ରହିଛି ବୋଲି ଭାରତୀୟ ପାଣିପାଗ ବିଭାଗ କହିଛି। ବାତ୍ୟା 'ଜୱାଦ'କୁ ନେଇ ସ୍ୱତନ୍ତ୍ର ରିଲିଫ କମିସନର ପ୍ରଦୀପ ଜେନା ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି, ବାତ୍ୟାର ପ୍ରଭାବରେ କମ୍ ପବନ ବହିବ, ମାତ୍ର ପ୍ରବଳ ବର୍ଷା ହେବ। ସେ କହିଛନ୍ତି ଆସନ୍ତାକାଲି ମଧ୍ୟାହ୍ନ ବେଳକୁ ପୁରୀ ଉପକୂଳରେ ପହଂଚିବ। ତୀବ୍ରତା ହ୍ରାସ ପାଉଛି। ପୁରୀରେ ପହଂଚିଲା ବେଳକୁ ଅବପାତରେ ପରିଣତ ହେବ। ଏହି ସମୟରେ ଘଂଟାକୁ ୬୦ରୁ ୭୦ କିମି ପବନ ରହିବ। ସ୍ଥଳଭାଗରେ ପଶି ସମୁଦ୍ରକୁ ଚାଲିଯିବ। ପଶ୍ଚିମବଙ୍ଗ ଦେଇ ▶▶ପୃଷ୍ଠା ୭

# ମାହାଙ୍ଗା ଡବଲ ମର୍ଡର ଘଟଣା : ଆଇଆଇସିଙ୍କୁ ୧୦ ତାରିଖ ସୁଦ୍ଧା ସମସ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୦୪/୧୨(ନି.ପ୍ର): ବହୁଚର୍ଚ୍ଚିତ କଟକ ଜିଲ୍ଲା ମାହାଙ୍ଗା ଡବଲ ମର୍ଡର ଘଟଣାରେ ସାଲେପୁର ଜେଏମଏଫସି ଆଇଆଇସିଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। କାହିଁକି ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆ ନ ଯିବ, ସେନେଇ କାରଣ ଦର୍ଶାଇବା ପାଇଁ ଥାନା ଅଧିକାରୀ ନିହାର ମହାନ୍ତିଙ୍କୁ ଜଣାଇବାକୁ ନୋଟିସ୍ ହୋଇଛି। ଆଇଆଇସିଙ୍କୁ ଆସନ୍ତା ୧୦ ତାରିଖ ମଧ୍ୟରେ ଜବାବ ଦେବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ କୋର୍ଟଙ୍କ ନିର୍ଦ୍ଦେଶ ସତ୍ତ୍ୱେ ବି ଆଇଆଇସି ନିହାର ମହାନ୍ତି ଡିସେମ୍ବର ୩ ତାରିଖରେ ବ୍ୟକ୍ତିଗତ ହାଜର ସତ୍ତ୍ୱେ ସମୟ



ନେଇଥିଲେ। ପୁନଃ ତଦନ୍ତ ରିପୋର୍ଟ ଓ ସିଡିଆର ନଦେଇ ଆଇଆଇସି ବାରମ୍ବାର ସମୟ ଗଡ଼ାଇ ଚାଲିଥିଲେ। ଶୁକ୍ରବାର ଦିନ ଥାନା ଆଇଆଇସି ତଥା ତଦନ୍ତକାରୀ ଅଧିକାରୀ ନିହାର ରଞ୍ଜନ ମହାନ୍ତି କୋର୍ଟରେ ହାଜର ନହୋଇ ନିଜେ ଏକ ଆବେଦନ ମାଧ୍ୟମରେ ଅଦାଲତଙ୍କୁ ଅବଗତ କରାଇଛନ୍ତି ଯେ, ଏହି ଘଟଣା ରାଜ୍ୟସ୍ତରକୁ ଯାଇଛି, ରାଜ୍ୟସ୍ତରରେ ଆଲୋଚନା ହେବା ପରେ କେସ୍ ଡାଏରି ଦାଖଲ କରାଯିବ। ଆବେଦନରେ ଉଲ୍ଲେଖ ରହିଥିଲା, ଏଥିପାଇଁ ତାଙ୍କୁ ଅଧିକ ମହଲତ ପ୍ରଦାନ କରାଯାଉ। ତଥା ତା' ପୂର୍ବରୁ ବ୍ୟକ୍ତିଗତ ହାଜିରାରୁ ତାଙ୍କୁ ଛାଡ଼ କରାଯାଉ। ସରକାରଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟରଙ୍କ ମାଧ୍ୟମରେ ମାମଲାରେ ପକ୍ଷ ରଖିବାକୁ ତାଙ୍କୁ ଅନୁମତି ଦିଆଯାଉ ବୋଲି ଆବେଦନରେ ଦର୍ଶାଯାଇଥିଲା। ଏ ନେଇ ଏତଲାକାରୀ ରମାକାନ୍ତ ବରାଳଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ▶▶ପୃଷ୍ଠା ୭

## ବାହାରୁ ଆସୁଥିବା ଲୋକଙ୍କର ସ୍କ୍ରିନିଂ, ଟେଷ୍ଟ ହେଉଛି

ଭୁବନେଶ୍ୱର, ୦୪/୧୨ (ନି.ପ୍ର): ବିମାନବନ୍ଦରରେ ଆସୁଥିବା ଲୋକମାନଙ୍କର ସ୍କ୍ରିନିଂ ଓ ଟେଷ୍ଟ କରାଯାଉଛି । ସମସ୍ତ ଜିଲ୍ଲାପାଳମାନଙ୍କୁ ରାଜ୍ୟ ବାହାରୁ ଏବଂ ବିଦେଶରୁ ଆସୁଥିବା ଲୋକଙ୍କ ସୂଚନା ଦିଆଯାଉଛି। ଜିଲ୍ଲା ସ୍ତରରେ ସେମାନଙ୍କୁ ଟ୍ରାକ୍ କରାଯାଇ ଟେଷ୍ଟ କରାଯାଉଛି, ଯଦି ରିପୋର୍ଟ ନେଗେଟିଭ ଆସୁଛି, ସେମାନଙ୍କୁ ହୋମ କ୍ୱାରେଂଟିନରେ ରହିବାକୁ ପରାମର୍ଶ ଦିଆଯାଉଛି। ଯଦି କେହି ପଜିଟିଭ୍ ଆସୁଛନ୍ତି, ସେମାନଙ୍କର ସାମ୍ପୁଲ ସଂଗ୍ରହ କରାଯାଇ ଜିନମ ସିକ୍ୱେନସିଂ ପାଇଁ ଆଇଏଲଏସ ଭୁବନେଶ୍ୱରକୁ ପଠାଯାଉଛି। ତେଣୁ ଜିନମ ସିକ୍ୱେନସିଂ ପରେ ହିଁ ଡେ଼ଲଟା କି ଓମିକ୍ରନ ଜଣାପଡ଼ିବ ବୋଲି ଡିଏମଇଟି ଡାକ୍ତର ରମାରମଣ ମହାନ୍ତି ସୂଚନା ଦେଇଛନ୍ତି। ସେ କହିଛନ୍ତି ବାହାରୁ ଆସିଥିବା ୩୮୦ ଜଣଙ୍କର ଟେଷ୍ଟ କରାଯାଇଛି। ସେଥିରୁ ଯାହାଙ୍କର ପଜିଟିଭ୍ ଆସିଛି, ସେମାନଙ୍କ ସାମ୍ପୁଲ ଜିନମ ସିକ୍ୱେନସିଂ ପାଇଁ ପଠାଯାଇଛି। ଟିକା ନେବା ପାଇଁ କେନ୍ଦ୍ର ସରକାର ବାରମ୍ବାର କହୁଛନ୍ତି। ଭ୍ୟାକସିନ କାମ କରୁଛି। ଭୟଭୀତ ନହୋଇ ଭ୍ୟାକସିନ ନିଅନ୍ତୁ ଏବଂ କୋଭିଡ ନିୟମ ପାଳନ କରନ୍ତୁ। ତାହେଲେ ଯାଇ କୋଭିଡକୁ ପ୍ରତିହତ କରାଯାଇପାରିବ। ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଓମିକ୍ରନ ଚିହ୍ନଟ ହୋଇନାହିଁ । ଓମିକ୍ରନ ସଂକ୍ରମିତ ଦେଶ କିମ୍ବା ବିଦେଶରୁ ଫେରିଥିବା ଲୋକମାନେ ହୋମ କ୍ୱାରେଂଟିନ ନିୟମ ପାଳନ କରନ୍ତୁ। ନଚେତ ଅନ୍ୟମାନେ ସଂକ୍ରମିତ ହେବେ।

# ଓମିକ୍ରନ୍ ସଂକ୍ରମିତ ସନ୍ଦେହରେ ପତ୍ନୀ ଓ ଦୁଇ ପୁଅଙ୍କୁ ହତ୍ୟା କଲେ ଡାକ୍ତର

ଉତ୍ତରପ୍ରଦେଶ, ୦୪/୧୨ (ନି.ପ୍ର): ଓମିକ୍ରନ ଭୂତାଣୁରେ ଆକ୍ରାନ୍ତ ହୋଇଥିବା ସନ୍ଦେହ କରି ପରିବାର ସଦସ୍ୟଙ୍କୁ ହାଣିଲେ ଡାକ୍ତର । ନିଜ ପତ୍ନୀଙ୍କ ସମେତ ଦୁଇଜଣ ପୁଅକୁ ମଧ୍ୟ ଅତି ନୃସଂଶ ଭାବେ ହତ୍ୟା କଲେ । ଡାକ୍ତର ଜଣକ ମାନସିକ ରୂପେ ଅସୁସ୍ଥ ହୋଇ ଏଭଳି କରିଥିବା ଜଣାପଡିଛି । ଉତ୍ତରପ୍ରଦେଶ କାନୁପରରୁ ଆସିଥିବା ଏ ଘଟଣା ଏବେ ସାରା ଦେଶରେ ଆଲୋଡନ ସୃଷ୍ଟି କରିଛି । ଓମିକ୍ରନ ଆକ୍ରାନ୍ତ ହୋଇଥିବା ଭୟରେ ପତ୍ନୀ ଓ ଦୁଇ ପୁଅଙ୍କୁ ହତ୍ୟା କଲେ ଡାକ୍ତର । ଏଭଳି ଅଭାବନୀୟ ଘଟଣା ସାମ୍ନାକୁ ଆସିଛି ଉତ୍ତରପ୍ରଦେଶ, କାନପୁରରୁ । ଡାକ୍ତର ଜଣକ ନିଜ ମାନସିକ ଭାରସାମ୍ୟ ହରାଇ ଏଭଳି କରିଥିବା ତାଙ୍କ ଭାଇଙ୍କୁ ସୂଚନା ଦେଇଛନ୍ତି । ସେ କିଭଳି ତାଙ୍କ ପତ୍ନୀ ଓ ପିଲାଙ୍କୁ ହତ୍ୟା କଲେ ତାର ପୁରା ଘଟଣାକ୍ରମକୁ ହ୍ୱାଟ୍ସଆପ୍



ମେସେଜ ଜରିଆରେ ଭାଇକୁ ପଠାଇଛନ୍ତି ଡାକ୍ତର ସୁଶୀଲ କୁମାର । ଏହି ଘଟଣା ଏବେ ସାରା ଉତ୍ତରପ୍ରଦେଶରେ ଆଲୋଡନ ସୃଷ୍ଟି କରିଛି । ଡାକ୍ତର ସୁଶୀଲ କୁମାର କାନପୁର ହସ୍ପିଟାଲରେ ଫରେନସିକ୍ ବିଭାଗର ମୁଖ୍ୟ ଭାବେ କାମ କରନ୍ତି । ତେବେ ନିଜ ପତ୍ନୀ ଓ ପିଲା ଓମିକ୍ରନ୍ ଭୂତାଣୁ ଦ୍ୱାରା ସଂକ୍ରମିତ ହୋଇଥିବା ସନ୍ଦେହ କରି ସେମାନଙ୍କୁ ହତ୍ୟା କରିଥିବା ପୋଲିସ ସୂଚନା ଦେଇଛି । ମୃତ ଦୁଇ ପୁଅଙ୍କ ବୟସ ୧୮ ଓ ୧୫ ଥିବା ଜଣାପଡିଛି । କାନପୁର ଇନ୍ଦ୍ରାନଗରରେ ଥିବା ଡିଭିନିଟି ଆପାର୍ଟମେଣ୍ଟର ଏହି ଘଟଣା ଏବେ ସାରା ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି କରିଛି । ଅନ୍ୟପଟେ ଘଟଣା ସ୍ଥଳରେ ପୋଲିସ ପହଞ୍ଚି ଛାନଭିନ ଆରମ୍ଭ କରିଛି ।

## ବିଦେଶ ଫେରନ୍ତାଙ୍କ ଉପରେ ସରକାର କଡା ନଜର ରଖିଛନ୍ତି : ସ୍ୱାସ୍ଥ୍ୟମନ୍ତ୍ରୀ

ଭୁବନେଶ୍ୱର, ୦୪/୧୨ (ନି.ପ୍ର): କରୋନାର ନୂଆ ଭାରିଆଂଟ ଓମିକ୍ରନ ବିରୋଧରେ ଟୀକା କାମ କରୁଛି। ଏହାକୁ ନେଇ ଭୟଭୀତ ହେବାର କିଛି କାରଣ ନାହିଁ। ଯେଉଁମାନେ ବିଦେଶରୁ ଆସୁଛନ୍ତି ତାଙ୍କ ଉପରେ ରାଜ୍ୟ ସରକାର କଡା ନଜର ରଖିଛନ୍ତି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସଙ୍କ ପ୍ରତିକ୍ରିୟାଦେଇଛନ୍ତି। ସେ କହିଛନ୍ତି ଓମିକ୍ରନ ମୁକାବିଲା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରସ୍ତୁତ। ହୋମ ଆଇସୋଲେଶନକୁ ଗୁରୁତ୍ୱ ଦିଆଯାଇଛି। ଯେଉଁ ମାନେ ବିଦେଶରୁ ଆସୁଛନ୍ତି କେନ୍ଦ୍ର ସରକାରଙ୍କୁ କୁହାଯାଇଛି ରାଜ୍ୟକୁ ଅବଗତ କରିବା ପାଇଁ। ଶିକ୍ଷାନୁଷ୍ଠାନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ସେଥିଲାଗି ସ୍ୱତନ୍ତ୍ର କ୍ୱରେଂଟାଇନ ସେଂଟର କରାଯାଇଛି। ଶିକ୍ଷାନୁଷ୍ଠାନ ରେ କିଭଳି କରନା ନ ବ୍ୟାପିବ ସେଥିପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ କହିଛନ୍ତି।

# ବିରୋଧୀଙ୍କ ହଙ୍ଗାମା : ସୋମବାର ପର୍ଯ୍ୟନ୍ତ ଗୃହ ମୁଲତବୀ

ଭୁବନେଶ୍ୱର,୦୪/୧୨(ନି.ପ୍ର): ସୋମବାର ଯାଏଁ ମୁଲତବୀ ହେଲା ବିଧାନସଭା । ଆଜି ଅପରାହ୍ନରେ ବିଧାନସଭା ଅଧିବେଶନ ଆରମ୍ଭ ହେବା କ୍ଷଣି ବିରୋଧୀ ଦଳର ସଦସ୍ୟମାନେ ହଙ୍ଗାମା ଆରମ୍ଭ କରିଦେଇଥିଲେ । ଗୃହରେ ଉଭୟ ବିଜେପି ଓ କଂଗ୍ରେସ ଦଳର ସଦସ୍ୟ ମାନେ ହଟ୍ଟଗୋଳ କରିବା ସହିତ ପ୍ରତିବାଦ କରିଥିଲେ । ଯାହାକୁ ଦେଖିବା ପରେ ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ସୋମବାର ପର୍ଯ୍ୟନ୍ତ ବିଧାନସଭାକୁ ମୁଲତବୀ ଘୋଷଣା କରିଛନ୍ତି । ସୋମବାର ସକାଳ ସାଢେ ୧୦ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରିଛନ୍ତି ବାଚସ୍ପତି । ବିଧାନସଭାରେ ଆଜି ବି ଦେଖିବାକୁ ମିଳିଛି ଦିବ୍ୟଶଙ୍କର



ଧ୍ୱଜ । ଦିବ୍ୟଶଙ୍କରଙ୍କ ବହିଷ୍କାର ଦାବିରେ ଆଜି ବି ବିଧାନସଭାରେ ଦେଖିବାକୁ ମିଳିଥିଲା ହାଇଡ୍ରାମା । ଗୃହରେ ଘଣ୍ଟ ବାଡେଇ ପ୍ରତିବାଦ କରିଛନ୍ତି କଂଗ୍ରେସ ବିଧାୟକ । ବିଧାୟକ ତାରାବହିନୀ ପତି ପୂଜକ ବେଶରେ ବିଧାନସଭା ଗୃହରେ ଗଙ୍ଗା ଜଳ ଛିଞ୍ଚି ପ୍ରତିବାଦ ଜଣାଇଥିଲେ । ସେହିପରି କଂଗ୍ରେସର ଅନ୍ୟ ବିଧାୟକମାନେ ହାତରେ ପ୍ଲାକାର୍ଡ ଧରି ଗୃହରେ ପ୍ରତିବାଦ କରିଛନ୍ତି । ମନ୍ତ୍ରୀ ଦିବ୍ୟଶଙ୍କରଙ୍କ ବହିଷ୍କାର ନହେବା ପର୍ଯ୍ୟନ୍ତ ଆନ୍ଦୋଳନ ଜାରି ରହିବ ବୋଲି କହିଛନ୍ତି କଂଗ୍ରେସ ବିଧାୟକ । ସେହିପରି ବିଜେପି ବିଧାୟକମାନେ ଆଜି ବି ପ୍ରତିବାଦ କରିଛନ୍ତି । ସିବିଆଇ ତଦନ୍ତ ଦାବି କରି ସେମାନେ ପ୍ରତିବାଦ କରିଛନ୍ତି ।

# ଭିଜିଲାନ୍ସ ଜାଲରେ ଅତିରିକ୍ତ ଯୋଗାଣ ଅଧିକାରୀ : ଘରୁ ୨.୭୪ ଲକ୍ଷ ଜବତ

ନୟାଗଡ଼, ୦୪/୧୨ (ନି.ପ୍ର): ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ନୟାଗଡ଼ ଜିଲ୍ଲା ଅତିରିକ୍ତ ଯୋଗାଣ ଅଧିକାରୀ ଜୟନ୍ତ କୁମାର ଦାସଙ୍କ ଘରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇଛି। ଜୟନ୍ତଙ୍କ ବାସଭବନ ଓ ଅଫିସ୍ ସହ ୬ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ରେଡ୍ କରାଯାଇଛି। ଚଢ଼ାଉ ବେଳେ ତାଙ୍କ ଘରୁ ନଗଦ ୨ ଲକ୍ଷ ୭୪ ହଜାର ଟଙ୍କା, ଗୋଟିଏ ଚାରି ଚକିଆ ଯାନ, ତିନିଟି ବାଇକ୍ ଓ ସୁନାଗହଣା ଜବତ କରାଯାଇଛି। ଜୟନ୍ତଙ୍କର ନୟାଗଡ଼ ଲେଙ୍କୁଡିପଦାରେ ଗୋଟିଏ ଚାରିମହଲା କୋଠା ରହିଛି। ସେହିପରି ଓଡଗାଁରେ ଦୁଇଟି ଦୁଇ



ମହଲା ଘର ରହିଛି। ଜୟନ୍ତ ଦୀର୍ଘ ଦିନ ଧରି ନୟାଗଡ଼ ଜିଲ୍ଲାରେ କାର୍ଯ୍ୟ କରୁଥିବା ବେଳେ ବହୁ ବେନାମୀ ସମ୍ପତ୍ତିର ଅଧିକାରୀ ହୋଇଥିବା ଅଭିଯୋଗ ହୋଇଥିଲା। ବିଶେଷକରି ନୟାଗଡ଼ ଜିଲ୍ଲାର ସମସ୍ତ ରାଇସ ମିଲରଙ୍କ ସହ ତାଙ୍କର ଘନିଷ୍ଠତା ଥିବା ନେଇ ଅଭିଯୋଗ ହୋଇଥିଲା। ନିମ୍ନ ମାନର ଚାଉଳ ଓ ଗହମ ଯୋଗାଣ ସହ ସରକାରୀ ଅର୍ଥ ହଡ଼ପ କରିବା, ରାଇସ ମିଲର ମାନଙ୍କୁ ଅହେତୁକ ଅନୁକମ୍ପା ପ୍ରଦାନ କରିବା ଓ ଯୋଗାଣ ବିଭାଗର ଟେଣ୍ଡର ଫିକ୍ସିଂ କରିବା ଭଳି ବହୁ ଅଭିଯୋଗ ତାଙ୍କ ନାଁରେ ହୋଇଥିଲା। ଚଳିତ ସପ୍ତାହରେ ଜୟନ୍ତ ଦାସଙ୍କର ନୟାଗଡ଼ରୁ ଅନ୍ୟତ୍ର ବଦଳି ହୋଇଥିବା ବେଳେ ଆଜି ଭିଜିଲାନ୍ସ ତାଙ୍କ ଘରେ ଚଢ଼ାଉ କରିଛି।

# ଲଗାଣ ବର୍ଷାରେ ପୁଣି ବେହାଲ ତାମିଲନାଡୁ

## ଚେନ୍ନାଇ ସମେତ ବିଭିନ୍ନ ସହରରେ ବନ୍ୟା ପରିସ୍ଥିତି

ତାମିଲନାଡୁ,୦୪/୧୨(ନି.ପ୍ର): ଲଗାଣ ବର୍ଷାରେ ବେହାଲ ହେଲା ତାମିଲନାଡୁ । ରାଜଧାନୀ ଚେନ୍ନାଇ ସହିତ ବିଭିନ୍ନ ସହରରେ ବର୍ଷା ବିପ୍ଳାତ ଦେଖିବାକୁ ମିଳିଛି । ରାମେଶ୍ୱରମରେ ଲଗାଣ ବର୍ଷା ଜାରି ରହିବା ଫଳରେ ବନ୍ୟା ପାଣି ରାସ୍ତାରେ ଭରି ରହିଛି । ସେହିପରି ମଦୁରାଇରେ ମଧ୍ୟ ପ୍ରବଳ ବର୍ଷା ହେବାରୁ ସହର ଜଳବନ୍ଦୀ ଅବସ୍ଥାରେ ରହିଛି । ଅନ୍ୟପଟେ ପ୍ରବଳ ବର୍ଷାର ପୂର୍ବାନୁମାନ କରି ସତର୍କ ସୂଚନା ଜାରି କରିଛି ଆଞ୍ଚଳିକ ପାଣିପାଗ ବିଭାଗ । ଚିନ୍ତା ବଢାଉଛି ଲଗାଣ ବର୍ଷା । ତାମିଲନାଡୁରେ ପୁଣି ବନ୍ୟା । ତାମିଲନାଡୁରେ ଜାରି ରହିଛି ଲଗାଣ ବର୍ଷା । ଫଳରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ପୁଣିଥରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ରାଜଧାନୀ ଚେନ୍ନାଇ ସମେତ ଅନେକ ସ୍ଥାନରେ ରାସ୍ତା ଘାଟ, ଘରଦ୍ୱାର ବନ୍ୟା ଜଳରେ ଅଧା ବୁଡି ରହିଥିବା ଦେଖିବାକୁ ମିଳିଛି ।



ରାଜ୍ୟରେ ଲଗାତାର ବର୍ଷା ରାଜ୍ୟବାସୀଙ୍କ ପାଇଁ ଚିନ୍ତାର କାରଣ ପାଲଟିଛି । ଅନ୍ୟପଟେ ପ୍ରବଳ ବର୍ଷାର ଅନୁମାନ କରି ସତର୍କ ସୂଚନା ଜାରି କରିଛି ଆଞ୍ଚଳିକ ପାଣିପାଗ ବିଭାଗ । ସେପଟେ ଲଗାଣ ବର୍ଷା ଜାରି ରହିବା ଫଳରେ ନଦୀ ନାଳ ଗୁଡିକ ବନ୍ୟା ପାଣିରେ ଭର୍ତ୍ତି ହେବା ସହ ବନ୍ୟା ଜଳ ସହର ଭିତରକୁ ପ୍ରବେଶ କରୁଛି । ରାମେଶ୍ୱରମରୁ ମଧ୍ୟ ବନ୍ୟାର ସମାନ ଦୃଶ୍ୟ ସାମ୍ନାକୁ ଆସିଛି । ପ୍ରବଳ ବର୍ଷା ଯୋଗୁ ରାସ୍ତାରେ ଥିବା ଏକ ପୋଲ ଖସି ପଡିଛି । ସେହିପରି ଭାଇଗାଇ ଡ୍ୟାମରୁ ଅଧିକ ମାତ୍ରାରେ ବନ୍ୟାଜଳ ଛାଡିବା ପରେ ରାସ୍ତାରେ ପାଣି ଭର୍ତ୍ତି ହୋଇରହିଛି । ଫଳରେ ଯାତାୟାତ ବିଚ୍ଛିନ୍ନ ହେବା ସହ ଫସଲ ମଧ୍ୟ ନଷ୍ଟ ହୋଇଛି । ଅନ୍ୟପଟେ ମଦୁରାଇ ସହରରେ ମଧ୍ୟ ପ୍ରବଳ ବର୍ଷାର ପ୍ରଭାବ ଦେଖିବାକୁ ମିଳିଛି । ସହରର ବିଭିନ୍ନ ସ୍ଥାନ ଜଳ ଘେରରେ ରହିଥିବା ଦେଖିବାକୁ ମିଳିଛି । ଫଳରେ ସହରବାସୀଙ୍କ ଚିନ୍ତା ବଢିବାରେ ଲାଗିଛି ।

# ଓଡିଶାରେ ସଂକ୍ରମଣ ବୃଦ୍ଧି ନେଇ କେନ୍ଦ୍ରର ଚିଠି

ଭୁବନେଶ୍ୱର, ୦୪/୧୨ (ନି.ପ୍ର): ଓଡ଼ିଶାର ୬ଟି ଜିଲ୍ଲାରେ ସାପ୍ତାହିକ ସଂକ୍ରମଣ ବଢ଼ିଛି। ଟେଷ୍ଟିଂ କମୁଛି ଏବଂ ସଂକ୍ରମଣ ବଢୁଥିବାରୁ ଚିନ୍ତା ପ୍ରକଟ କରି ରାଜ୍ୟକୁ ଚିଠି ଲେଖିଛନ୍ତି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ରାଜେଶ ଭୂଷଣ। ରାଜ୍ୟରେ ଟେଷ୍ଟିଂ କମିବାକୁ ନେଇ ବିରକ୍ତି ପ୍ରକାଶ କରିବା ସହ ଏନେଇ ତାଗିଦ ମଧ କରିଛନ୍ତି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟର ଚିଠି ଅନୁସାରେ ଗତ ୩୦ ଦିନ ଭିତରେ ରାଜ୍ୟରେ ୭୪୪୫ ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏଥିରେ ଖୋର୍ଦ୍ଧା ଜିଲ୍ଲାରେ ସାପ୍ତାହିକ ସଂକ୍ରମଣ ସବୁଠୁ ଅଧିକ ରହିଛି। ଡିସେମ୍ବର ୩ ତାରିଖ ସୁଦ୍ଧା ଖୋର୍ଦ୍ଧାରେ ୯୦୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ କମାଇବା ପାଇଁ ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପରାମର୍ଶ ଦେଇଛି। ବିଗତ ୭ ଦିନରେ ଢେଙ୍କାନାଳ, ଅନୁଗୁଳ, କେନ୍ଦୁଝର, କନ୍ଧମାଳ, ବଲାଙ୍ଗୀର ଓ ନବରଙ୍ଗପୁର ଜିଲ୍ଲାରେ ସଂକ୍ରମଣ ବଢ଼ିଛି। ନଭେମ୍ବର ୨୦ ତାରିଖରୁ ନଭେମ୍ବର ୨୬ ତାରିଖ ମଧ୍ୟରେ ଢେଙ୍କାନାଳ ଜିଲ୍ଲାରେ ୯ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏହି ସଂଖ୍ୟା ନଭେମ୍ବର ୨୭ରୁ ଡିସେମ୍ବର ୩ ତାରିଖ ମଧ୍ୟରେ ୬୯କୁ ବଢ଼ିଯାଇଛି। ଖାଲି ସେତିକି ନୁହେଁ, ଖୋର୍ଦ୍ଧା ଜିଲ୍ଲାରେ ମଧ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ପ୍ରତି ସପ୍ତାହରେ ବଢ଼ିବା ସହ ୯୦୦ଟି ନୂଆ ମାମଲା ସାମ୍ନାକୁ ଆସିଛି। ସେହିପରି ନଭେମ୍ବର ୨୬ ସୁଦ୍ଧା ରାଜ୍ୟରେ ପ୍ରତି ସପ୍ତାହରେ ୪ ଲକ୍ଷ ୧ ହଜାର ୧୬୪ ଟେଷ୍ଟ କରାଯାଉଥିଲା। ଏହି ସଂଖ୍ୟା ଡିସେମ୍ବର ୩ ତାରିଖ ସୁଦ୍ଧା କମିଯାଇଛି। ଗତ ସପ୍ତାହରେ ରାଜ୍ୟରେ ୩ ଲକ୍ଷ ୮୮ ହଜାର ୭୮୮ ଟେଷ୍ଟ ହୋଇଛି।

# ମହାରାଷ୍ଟ୍ର ଓ ଗୁଜରାଟକୁ ଛୁଇଁଲା ଓମିକ୍ରନ୍

ମୁମ୍ବାଇ, ୦୪/୧୨ (ନି.ପ୍ର): ମହାରାଷ୍ଟ୍ରରେ ପଶିଲା କରୋନାର ନୂଆ ଭ୍ୟାରିଆଣ୍ଟ। ଜଣେ ୩୩ ବର୍ଷ ବୟସ୍କ ଯୁବକ ଏହି ଓମିକ୍ରନ୍ ଭ୍ୟାରିଆଣ୍ଟରେ ଆକ୍ରାନ୍ତ ହୋଇଥିବା ଚିହ୍ନଟ ହୋଇଛନ୍ତି। ଯୁବକ ଜଣକ ଗତ ମାସ ଶେଷରେ ଦକ୍ଷିଣ ଆଫ୍ରିକାରୁ ଦୁବାଇ ଏବଂ ଦିଲ୍ଲୀ ଦେଇ ମୁମ୍ବାଇ ଫେରିଥିଲେ। ଓମିକ୍ରନ୍ ଭ୍ୟାରିଆଣ୍ଟର ଭାରତରେ ଏହା ହେଉଛି ଚତୁର୍ଥ ମାମଲା। ଗତ ନଭେମ୍ବର ୨୪ରେ ସମ୍ପୃକ୍ତ ବ୍ୟକ୍ତି ଜଣକ ମୁମ୍ବାଇରେ ଅବତରଣ କରିଥିଲେ। ସେ ସାମାନ୍ୟ ଜ୍ୱର ବିଷୟରେ ଜଣାଇଥିଲେ। ପରେ ତାଙ୍କ ସାମ୍ପୁଲ ପରୀକ୍ଷା ପରେ ତାଙ୍କ ଶରୀରରେ ଓମିକ୍ରନ୍ ଭ୍ୟାରିଆଣ୍ଟ ଚିହ୍ନଟ ହୋଇଥିଲା । ଏହାପୂର୍ବରୁ ଗୁଜରାଟର ଜାମନଗରରେ ଜଣେ ବ୍ୟକ୍ତି ଏହି ବିରଳ ଭ୍ୟାରିଆଣ୍ଟରେ ସଂକ୍ରମିତ ହୋଇଥିଲେ। ସେ ଜିମ୍ବାୱେରୁ ଫେରିଥିଲେ। ସେହିପରି ଭାରତର ▶▶ପୃଷ୍ଠା ୭

# କେନ୍ଦୁଝରର କେନ୍ଦ୍ର ସମବାୟ ବ୍ୟାଙ୍କର ଅଜବ ନୀତି

## କର୍ମଚାରୀ ଦାବି ଚୁଲି କି ଯାଉ, ଅଧିକାରୀଙ୍କ ଦାବି ପୂରଣ ହେଉ

ଘସିପୁରା,୪/୧୨ (ନି.ପ୍ର): କେନ୍ଦୁଝରର କେନ୍ଦ୍ର ସମବାୟ ବ୍ୟାଙ୍କର ଅଜବ ନୀତି । କର୍ମଚାରୀ ମାନଙ୍କ ଦାବୀ ପୂରଣ ହେଉନଥିବା ବେଳେ ଅଧିକାରୀଙ୍କ ଦାବୀ ପୂରଣ ହେଉଥିବା ନେଇ କର୍ମଚାରୀ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । କେନ୍ଦୁଝରର କେନ୍ଦ୍ର ସମବାୟ ବ୍ୟାଙ୍କ ଅଧୀନରେ କାର୍ଯ୍ୟ କରୁଥିବା ଶାଖା ବ୍ୟାଙ୍କ ଗୁଡିକରେ ଦୀର୍ଘ ଦିନ ଧରି ଆବଶ୍ୟକୀୟ କୋଷାଧ୍ୟକ୍ଷ, କିରାଣୀ ସୁପରଭାଇଜର ଭଳି ପଦବୀ ଖାଲିପଡିଥିବା ବେଳେ କର୍ମଚାରୀଙ୍କ ଅଭାବ ଯୋଗୁ ସମିତି ଗୁଡ଼ିକ ସଠିକ୍ ଭାବେ ସେବା ଯୋଗାଇ ପାରୁ ନଥିବା ବେଳେ ହଠାତ୍ କିଛି ମୁଷ୍ଟିମେୟ ସର ପରିଚାଳକଙ୍କୁ ପରିଚାଳକ ପଦବୀକୁ ପଦୋନ୍ନତି ଦେବା ନେଇ ବ୍ୟାଙ୍କ କର୍ତୃପକ୍ଷଙ୍କ ଅହେତୁକ ଅନୁକମ୍ପା ନେଇ ତତ୍ପରତା ପ୍ରକାଶ ପାଇବା ସହ ଅଧିକାରୀ ମାନଙ୍କ ପାଇଁ ଏହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ସୂଚନାରୁ ଜଣାଯାଏ, ଚଳିତ ନଭେମ୍ବର ୧୪ ତାରିଖ ଠାରୁ ୫ ଦଫା ଦାବୀ ନେଇ ଜିଲ୍ଲାର ସମସ୍ତ ୨୯ ଗୋଟି ପ୍ରାଥମିକ ସେବା ସମବାୟ ସମିତି ଓ ୧୬ ଟି ଲ୍ୟାମ୍ପସ କର୍ମଚାରୀ ମାନେ ଅନିର୍ଦ୍ଦିଷ୍ଟ କାଳ ପାଇଁ ଧର୍ମଘଟ ଚଳାଇଛନ୍ତି ଏପରି ଅଚଳାବସ୍ଥା ଯୋଗୁ ଚଳିତ ବର୍ଷ ରବି ଋଣ ଲଗାଣ ବାଧାପ୍ରାପ୍ତ ହେଉଛି । ପ୍ରାଥମିକ ସେବା ସମିତି ଗୁଡିକ ବନ୍ଦ ରହୁଥିବାରୁ ଚାଷୀ ମାନେ ସେବା ପାଇନପାରି ହନ୍ତସନ୍ତ ହେଉଛନ୍ତି । ଆଗକୁ ଚାଷୀଙ୍କ ଠାରୁ ଧାନ ସଂଗ୍ରହ ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି । ଏପରି ସ୍ଥଳେ ଶାଖା ବ୍ୟାଙ୍କ ମାନଙ୍କରେ ଅତ୍ୟାବଶକ ଖାଲି ପଡ଼ିଥିବା ପଦବୀ ଗୁଡିକ ପୂରଣ ପାଇଁ ବ୍ୟାଙ୍କର ଏଚ.ଆର. ପଲିସୀ ଅନୁଯାୟୀ ପ୍ରାଥମିକ ସମିତି ମାନଙ୍କରେ କାର୍ଯ୍ୟ କରୁଥିବା ଯୋଗ୍ୟ କର୍ମଚାରୀ ମାନଙ୍କ ମଧ୍ୟରୁ ୩୦ ପ୍ରତିଶତଙ୍କୁ ନିଯୁକ୍ତି ଦେବାର ବ୍ୟବସ୍ଥା ନକରି ଆବଶ୍ୟକତା ନଥିବା ଅଫିସର ପଦବୀ ପାଇଁ ଇଂଟରଭ୍ୟୁ କରାଯାଇ କର୍ମଚାରୀଙ୍କ ବରିଷ୍ଠତା ଓ ଅଭିଜ୍ଞତାକୁ ବିଚାରକୁ ନନେଇ ଚଂଚକତା କରି କିଛି ସର୍ବ କନିଷ୍ଠ ସର ପରିଚାଳକଙ୍କୁ ପରିଚାଳକ ପଦବୀ କୁ ପଦୋନ୍ନତି ଦେବା ପାଇଁ ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହି ଅଧିକାରୀ ଏବଂ ଉପ ନିବନ୍ଧକ ସମବାୟ ସମିତି ସମୂହ କେନ୍ଦୁଝର ଅନୁକମ୍ପା ପ୍ରଦର୍ଶନ କରୁଥିବାର ଜଣା ଯାଇଛି । ଏପରିକି ଏଚ.ଆର.ପଲିସୀ ମୁତାବକ କାର୍ଯ୍ୟାନୁଷ୍ଠାନ ନ ନେଇ ଚଳିତ ନଭେମ୍ବର ମାସରେ ଅବସର ନେବାକୁ ଥିବା କିଛି କର୍ମଚାରୀଙ୍କ ପ୍ରରୋଚନାରେ ଏତାଦୃଶ କାର୍ଯ୍ୟକୁ ସ୍ଥାନୀୟ ସମବାୟବିତ୍ ନାପସନ୍ଦ କରିଛନ୍ତି । ଅପରପକ୍ଷେ ପଦୋନ୍ନତି ପାଇବାରୁ ବଂଚିତ ବ୍ୟାଙ୍କର କେତେକ କର୍ମଚାରୀ ଆଇନ୍ ର ଆଶ୍ରୟ ନେବେ ବୋଲି ପ୍ରକାଶ କରିଛନ୍ତି ।

# ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀଙ୍କ ପକ୍ଷରୁ ୩ ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ

ବଲାଙ୍ଗିର,୪/୧୨ (ନି.ପ୍ର): ବଲାଙ୍ଗିର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ଓଡିଶାରେ ବିଭିନ୍ନ ଜିଲ୍ଲାରେ କାର୍ଯ୍ୟରତ ୧୦୪ ଗୋଟି ସ୍ୱତନ୍ତ୍ର ବିଦ୍ୟାଳୟରେ କାମ କରୁଥିବା ଶିକ୍ଷକ ଅଣ ଶିକ୍ଷକ ଓ କର୍ମଚାରୀ ମାନେ ଜିଲ୍ଲାପାଳଙ୍କ ଜରିଆରେ ତିନି ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରିଛନ୍ତି । ସେଥିରେ ୧୬.୧୨.୨୦୧୬ ଉଚ୍ଚସ୍ତରୀୟ ବୈଠକ ନିଷ୍ପତି ଅନୁସାରେ ପ୍ରେରଣ ହୋଇଥିବା ଫାଇଲ୍ କୁ ପୁନଃ ପ୍ରବର୍ତନ କରି ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀ ମାନଙ୍କର ନିୟମିତ ଅବସରକାଳୀନ ଭତା ପ୍ରଦାନ ସହିତ ସେବା ସର୍ତାବଳୀ, ଛୁଟି ନିୟମ ପ୍ରଚଳନ ସହିତ କ୍ୟାଡ଼ର୍ ରୁଲ ପ୍ରଚଳନ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଦ୍ୱାରା ମଞ୍ଜୁରୀ ହୋଇଥିବା ତଥା ଅର୍ଥ ବିଭାଗ ଦ୍ୱାରା ଅନୁମୋଦନ ଲାଭ କରିଥିବା ଏମଏସିପି ସୁବିଧା ଶୀଘ୍ର ଲାଗୁ କରାଯାଉ, ଏସଏସଇପିଡି ବିଭାଗ ଦ୍ୱାରା ଦିଆଯାଇଥିବା ନିର୍ଦ୍ଦେଶ ଅନୁସାରେ ଏଚଆରଏମଏସ ପୋର୍ଟାଲରୁ ସ୍ୱତନ୍ତ୍ର ଅନୁଦାନପ୍ରାପ୍ତ ବିଦ୍ୟାଳୟ କର୍ମଚାରୀଙ୍କ ନାମ ବାଦ୍ ପ୍ରସଙ୍ଗକୁ ତୁରନ୍ତ ପ୍ରତ୍ୟାହାର କରି କର୍ମଚାରୀ ମାନଙ୍କ ବେତନ ଏଚଆରଏମଏସ ପୋର୍ଟାଲ ମାଧ୍ୟମରେ ପ୍ରଦାନ କରିବା ଅନ୍ୟତମ । ଆଗାମି ୧୨.୧୨.୨୦୨୧ ପୂର୍ବରୁ ଦାବି ଗ୍ରହଣ କରାନଗଲେ, ୧୩ ତାରିଖ ଠାରୁ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ବିଧାନସଭା ଆଗରେ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରିବେ ବୋଲି ବଲାଙ୍ଗୀର ସ୍ୱତନ୍ତ୍ର ବିଦ୍ୟାଳୟ କର୍ମଚାରୀ ମାନେ ଚେତାବନୀ ଦେଇଛନ୍ତି ।

# ଦଶ ଦିନରେ ୧ ହଜାର ଏକର ଗଞ୍ଜେଇ ଚାଷ ନଷ୍ଟକଲା ପୋଲିସ

ମାଲକାନଗିରି,୪/୧୨ (ନି.ପ୍ର): ମାଲକାନଗିରି ଜିଲାରେ ପୁଲିସ ପକ୍ଷରୁ ସବୁଜ ଜହର ସଫା ଅଭିଯାନ ( ଅପରେସନ ଗ୍ରୀନ୍ କ୍ଲିନ୍) ଜାରି ରହିଛି । ମାଓବାଦୀଙ୍କ ଧମକ ଏବଂ ଆଦିବାସୀଙ୍କ କଡ଼ା ବିରୋଧ ସତ୍ୱେ ଦମନ କାର୍ଯ୍ୟ ଚାଲିଛି । ୧୦୦ କୋଟିରୁ ଅଧିକ ଟଙ୍କାର ଗଞ୍ଜେଇ ଚାଷକୁ ଗତ ୧୦ ଦିନ ମଧ୍ୟରେ କାଟି ନଷ୍ଟ କରାଯାଇଛି । ଗତ କିଛିଦିନ ତଳେ ସବୁଜ ଜହର ସଫା ଅଭିଯାନକୁ ସ୍ୱାଭିମାନ ଅଂଚଳରେ ଆଦିବାସୀ ବିରୋଧ କରିଥିଲେ । ମାଓ ସଂଗଠନ ପକ୍ଷରୁ ମଧ ଏକ ଧମକପୂର୍ଣ୍ଣ ପତ୍ର ଜରିଆରେ ଆଦିବାସୀଙ୍କୁ ସ୍ୱାବଲମ୍ବୀ କରି ତାଙ୍କୁ ଅନ୍ୟ କୃଷି ସମ୍ବନ୍ଧୀୟ ପ୍ରୋତ୍ସାହନ ନ ଦେଇ ଗଞ୍ଜେଇ ଗଛକୁ ପ୍ରୋତ୍ସାହନ କରିବା ପାଇଁ ଉଲ୍ଲେଖ କରିଥିଲେ ତଥାପି ମାଲକାନଗିରି ଜିଲା ପୁଲିସ ପକ୍ଷରୁ ଚିତ୍ରକୋଣ୍ଡା ଉପଖଣ୍ଡ ଆରକ୍ଷୀ ଅଧିକାରୀ ଅଂଶୁମାନ ଦ୍ୱିବେଦୀଙ୍କ ନେତୃତ୍ୱରେ ଅଦ୍ୟାବଧି ୧୦୦୦ ଏକରରୁ ଉର୍ଦ୍ଧ୍ୱ ଜମିରେ ଗଞ୍ଜେଇ ଚାଷକୁ ନଷ୍ଟ କରାଯାଇଛି । ଚିତ୍ରକୋଣ୍ଡା, ମୁଦୁଲିପଡା, କୁଡୁମୁଲୁଗୁମ୍ମା, ମାଥିଲି, ଓର୍କେଲ ଥାନା ଅଂଚଳରେ ଏହି ସବୁ ଗଞ୍ଜେଇ ଗଛକୁ ନଷ୍ଟ କରାଯାଇଛି । ଅନ୍ୟପକ୍ଷରେ ଆଦିବାସୀମାନେ ଏହି ଚାଷକୁ ପାରମ୍ପରିକ ଚାଷ ଭାବେ ନେଇଛନ୍ତି । ସଚେତନତା ଅଭାବରୁ ଏଭଳି ଚାଷ କାର୍ଯ୍ୟ କରୁଛନ୍ତି । ଏଥିରେ ମୂଳ ବ୍ୟବସାୟୀଙ୍କୁ ପୁଲିସ ଧରିବାରେ ବିଫଳ ହେଉଛି । ଯେଉଁ ବ୍ୟବସାୟୀ ଆଦିବାସୀଙ୍କୁ ପ୍ରଲୋଭନ ଦେଖାଇ ଚାଷ କାମ କରିବାକୁ ପ୍ରୋତ୍ସାହନ ଦେଉଛନ୍ତି, ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି ଜୋର୍ ଧରିଛି ।

# ୧୨ ବର୍ଷ ପରେ ଅସ୍ତିତ୍ୱ ହରାଇଥିବା ଗାଁ ପାଇଲା ମାନ୍ୟତା

ମାଲକାନଗିରି,୪/୧୨ (ନି.ପ୍ର): ସରକାରୀ ରେକର୍ଡରେ ଗାଁର କୌଣସି ତଥ୍ୟ ନଥିଲା । ୧୨ବର୍ଷ ହେଲା ଅସ୍ଥିତ୍ୱ ହରାଇଥିଲା । ଏମିତି ସରକାରୀ ଅବହେଳାର ଶିକାର ହୋଇଥିଲା ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକର ଆଦିବାସୀ ବହୁଳ ଗାଁ ଘିସିଙ୍ଗବେଡା । ୧୨ବର୍ଷର ବଡ଼ ବ୍ୟବଧାନ ପରେ ଶେଷରେ ଆଜି ଏହି ଗାଁରେ ତହସିଲଦାରଙ୍କ ପାଦ ପଡ଼ିବା ପରେ ଦୁଃଖ ଓ ଯନ୍ତ୍ରଣାର ଅନେକ କାହାଣୀ ସାମ୍ନାକୁ ଆସିଛି । ଚିତ୍ରକୋଣ୍ଡା ତହସିଲ ଅଧୀନରେ ଖଇରପୁଟ ବ୍ଲକ୍ ?ର ଅନେକ ଗାଁ ରହିଥିଲା । ସେଥିମଧ୍ୟରୁ ଘିସି ଙ୍ଗବେଡ଼ା ଗୋଟିଏ । ୯୦ପରିବାର ବସବାସ କରୁଥିବା ଏହି ଗାଁର ସମସ୍ତ ପରିବାର ଦିଦାଇ ଜନଜାତି ଅନ୍ତର୍ଗତ ୨୦୦୭ ମସିହାରେ ଏହି ଗାଁକୁ ରାଜସ୍ୱ ଗାଁର ମାନ୍ୟତା ଦେବାକୁ ଦାବି ଉଠିଥିଲା । କିନ୍ତୁ ୨୦୦୯ ମସିହାରେ ଏହି ଗାଁର ପରିଚୟ ହଜି ଯାଇଥିଲା । କାରଣ ଖଇରପୁଟରେ ତହସିଲ ପ୍ରତିଷ୍ଠା ହେବାପରେ ଏହି ଗାଁର ଅବସ୍ଥିତିକୁ ନେଇ ଦ୍ୱନ୍ଦ୍ୱ ଉଠିଥିଲା । ଏପରିକି ସରକାରୀ ରେକର୍ଡରେ ଏହି ଗାଁ କେଉଁ ତହସିଲ ଭୁକ୍ତ ହେବ ତାହା ଉଲ୍ଲେଖ କରାଗଲା ନାହିଁ! ଫଳରେ ଗାଁ ର ଅସ୍ଥିତ୍ୱ ସଂକଟ ମଧ୍ୟରେ ରହିଥିଲା! ଗାଁର ଅସ୍ଥିତ୍ୱ ପାଇଁ ଗ୍ରାମବାସୀ ପ୍ରୟାସ ଆରମ୍ଭ କରିଥିଲେ କିଛି ଦିନ ତଳେ ଖଇରପୁଟ ତହସିଲଦାରଙ୍କ ନିକଟରେ ପୁରୁଣା ଖଜଣା ପୈଠ ରେକର୍ଡ ଦେଖାଇଥିଲେ । ଏହାପରେ ସରକାରୀ ରେକର୍ଡ ଖୋଜାଖୋଜି ଆରମ୍ଭ ହୋଇଥିଲା । ଲୋକଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଇ ତହସିଲଦାର ସ୍ୱତନ୍ତ୍ର ଟିମ୍ କଲେ । ଆଜି ଏହି ଟିମ୍ ଗାଁକୁ ଯାଇଥିଲା । ତହସିଲଦାର ରାମକୃଷ୍ଣ ନାୟକଙ୍କ ନେତୃତ୍ୱରେ ମୁଦୁଲିପଡା ରାଜସ୍ୱ ନିରୀକ୍ଷକ ଲାବନ୍ୟ ସରେନ , ଅମିନ ସୁଶାନ୍ତ ମହାରଣା , ତହମିଲ କର୍ମଚାରୀ ଗୁପ୍ତ ପଲାସି , ସନ୍ୟା ମୁଦୁଲି ପ୍ରମୁଖ ଘିସି ଙ୍ଗବେଡାରେ ପହଂଚି ସ୍ଥିତି ଅନୁଧ୍ୟାନ ଫୁଲମାଳ ପକାଇ ସମସ୍ତଙ୍କୁ ଗ୍ରାମବାସୀ ସ୍ୱାଗତ ଜଣାଇଥିଲେ । ତହସିଲ କର୍ମଚାରୀ ଲୋକେସନ ଟ୍ରାକ୍ କରିବାରୁ ଏହି ଗାଁ ଖଇରପୁଟ ବ୍ଲକ ଅନ୍ତର୍ଗତ କିଚପଡା ଗାଁ ଅଧୀନସ୍ଥ ହାମଲେଟ ଗାଁ ବୋଲି ଜଣାପଡିଥିଲା । ଏହାପରେ ରାଜସ୍ୱ ଗାଁ ମାନ୍ୟତା ଦେବାକୁ ଗ୍ରାମବାସୀ ଦାବି ଉଠାଇଥିଲେ । ତହସିଲଦାର ରାମକୃଷ୍ଣ ନାୟକ ୧୨ କିଲୋମିଟର ଯିବା ଏବଂ ଗ୍ରାମବାସୀଙ୍କ ଦାବି ଶୁଣିଥିବାରୁ ଚର୍ଚ୍ଚାକୁ ଆସିଛନ୍ତି । ୧୨ ବର୍ଷର ସମସ୍ୟା ଓ ଦ୍ୱନ୍ଦ୍ୱ ଦୂର ହୋଇଥିବାରୁ ଆଗକୁ ନିଶ୍ଚିତ ରୂପେ ଗାଁକୁ ବିକାଶ ପହଂଚିବ ବୋଲି ଲୋକେ ଆଶାବାଦୀ ରହିଛନ୍ତି ।

# ୯ ରେ ବିଧାନସଭା ଘେରାଉ

## ବିଜେପି ଯୁବ ମୋର୍ଚ୍ଚାର କ୍ଷେତ୍ରିୟ ପ୍ରସ୍ତୁତି ବୈଠକ

ସମ୍ବଲପୁର,୪/୧୨ (ନି.ପ୍ର): ବହୁଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡର ସି.ବି.ଆଇ. ତଦନ୍ତ ଓ ରାଜ୍ୟର ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ଆସନ୍ତା ଡିସେମ୍ବର ୯ ରେ ବିଜେପି ଯୁବ ମୋର୍ଚ୍ଚା ଘେରିବ ଓଡିଶା ବିଧାନସଭା । ଏହି ମର୍ମରେ ଆଜି ସମ୍ବଲପୁର କଚେରୀ ରୋଡ଼ ସ୍ଥିତ ବିଜେପି କାର୍ଯ୍ୟାଳୟରେ ଏକ କ୍ଷେତ୍ରିୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଆଜିର ପ୍ରସ୍ତୁତି ବୈଠକର ସମ୍ବଲପୁର ବିଜେପି ଯୁବ ମୋର୍ଚ୍ଚା ଜିଲ୍ଲା ସଭାପତି ଅଶ୍ୱିନୀ ମାଝୀ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯୁବ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ପ୍ରିତେଶ ବହିଦାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଜେପି ଯୁବ ମୋର୍ଚ୍ଚା ପକ୍ଷରୁ ଆଗାମୀ ଡିସେମ୍ବର ୯ ତାରିଖରେ ହେବାକୁଥିବା ବିଧାନସଭା ଘେରାଉ କାର୍ଯ୍ୟକ୍ରମ କିଭଳି ସଫଳ ହୋଇପାରିବ ସେନେଇ ଆଲୋଚନା ହୋଇଥିଲା । ସମସ୍ତ ଜିଲ୍ଲାର ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀର ପ୍ରତ୍ୟେକ ବୁଥ୍ ରୁ ଯୁବ ମୋର୍ଚ୍ଚା ପଦାଧିକାରୀ ଓ କର୍ମୀ ଏହି ଆନ୍ଦୋଳନ ରେ ଭାଗ ନେବାପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା । ଆଜିର ଏହି କ୍ଷେତ୍ରିୟ ପ୍ରସ୍ତୁତି ବୈଠକରେ ରାଜ୍ୟ ସାଧାରଣ ସମ୍ପାଦକ ରବି ନାରାୟଣ ନାୟକ, ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ସମ୍ବଲପୁର ବିଜେପି ଜିଲ୍ଲା ସଭାପତି ଗିରିଷ ପଟେଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ଯୁବ ମୋର୍ଚ୍ଚା ରାଜ୍ୟ ସାଧାରଣ ସମ୍ପାଦକ ଦୀପକ ଗୋଚ୍ଛାୟତ, ଯୁବମୋର୍ଚ୍ଚା ରାଜ୍ୟ ଉପସଭାପତି କମଲେଶ ଶାହା ଓ ବିଶ୍ୱଜିତ ଷଡଙ୍ଗୀ ପ୍ରମୁଖ ନିଜ ନିଜର ସଂଗ୍ରାମୀ ଉଦବୋଧନ ମାଧ୍ୟମରେ ଉପସ୍ଥିତ ଯୁବମୋର୍ଚ୍ଚା କର୍ମୀଙ୍କୁ ମାର୍ଗଦର୍ଶନ ପ୍ରଦାନ କରିଥିଲେ । ଆଜିର ବୈଠକରେ ବରଗଡ଼ ଜିଲ୍ଲା ସଭାପତି ଅମିତ ପଣ୍ଡା, ପାନପୋଷ ଜିଲ୍ଲା ସଭାପତି ଅଙ୍କୁଶ ବର୍ମା, ବଣାଇ ଜିଲ୍ଲା ସଭାପତି ନିହାର ସାହୁ, ଝାରସୁଗୁଡା ଜିଲ୍ଲା ସଭାପତି ମହେଶ୍ୱର ସାହୁ, ରାଜ୍ୟ ସଂଯୋଜକ ରୂପେଶ ପଟେଲ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ଅର୍ଚ୍ଚନା ପ୍ରିୟଦର୍ଶିନୀ ବାଗ୍, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରଭୁଦତ ପଣ୍ଡା, ଶୁଭେନ୍ଦୁ ବ୍ରହ୍ମାଙ୍କ ସମେତ ପଶ୍ଚିମାଂଚଳର ବିଭିନ୍ନ ସାଂଗଠନିକ ଜିଲ୍ଲାର ଯୁବ ମୋର୍ଚ୍ଚା ପଦାଧିକାରୀଗଣ ଯୋଗ ଦେଇଥିଲେ ।

# ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ନେଇ ଚାଷୀକୂଳ ଆତଙ୍କିତ: ଅମଳ ଅପେକ୍ଷାରେ ବିଲରେ ରହିଛି ଧାନ ଫସଲ

ପଟ୍ଟାମୁଣ୍ଡାଇ,୪/୧୨ (ନି.ପ୍ର): ବାତ୍ୟା ଜୱାଦକୁ ନେଇ ପଟ୍ଟାମୁଣ୍ଡାଇ ଅଂଚଳର ଚାଷୀକୂଳ ଆତଙ୍କିତ ଅବସ୍ଥାରେ ଅଛନ୍ତି । ହଜାର ହଜାର ହେକ୍ଟର ଚାଷଜମିର ଧାନଫସଲ ବିଲରେ ଅମଳ ଅପେକ୍ଷାରେ ଥିବାବେଳେ ବାତ୍ୟା ପରିସ୍ଥିତିକୁ ନେଇ ଫସଲ ଉଜୁଡିଯିବାର ଭୟ ଚାଷୀମାନଙ୍କୁ ଘାରିଛି । ରାଜ୍ୟ ପାଣିପାଗ ବିଭାଗ ପକ୍ଷରୁ ସମ୍ଭାବ୍ୟ ବାତ୍ୟା ଓ ଲଘୁଚାପଜନିତ ବର୍ଷା ଆକଳନକୁ ନେଇ ପ୍ରଭାବିତ ହେବାକୁ ଥିବା ଅଂଚଳର ସଠିକ୍ ଚିତ୍ର ପ୍ରଦାନ କରାଯାଉନଥିବାରୁ ଚାଷୀମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି । ଚଳିତ ବର୍ଷ ଖରିଫଋତୁ ଆରମ୍ଭରେ ଅନାବୃଷ୍ଟି ଓ ପରେ ପରେ ଲଘୁଚାପଜନିତ ଲଗାଣବର୍ଷା ଚାଷୀକୂଳକୁ ଅଡୁଆ ପରିସ୍ଥିତିରେ ପକାଇଥିଲା । ବହୁ କଷ୍ଟରେ ଖର୍ଚ୍ଚାନ୍ତ ହୋଇ ବିଲରେ ରୁଆପୋତା କରିଥିବା ଚାଷୀ ଫସଲ ଗଣ୍ଡାକ ସୁରକ୍ଷିତ ଭାବେ ଘରକୁ ଆଣିବା ଯୋଜନାରେ ଥିବାବେଳେ ଲଘୁଚାପଜନିତ ଉଦବୃତ ବର୍ଷାଜଳ ଏବେ ମଧ ଚାଷଜମିରୁ ଶୁଖିନାହିଁ । ବାରମ୍ବାର ଲଘୁଚାପଜନିତ ବର୍ଷା ଓ ପବନରେ ଅଧିକାଂଶ ବିଲରେ ଧାନଫସଲ ତଳେ ଶୋଇଯାଇଥିବାରୁ ପାଚିଲା ଧାନରେ ପାଣି ଲାଗି ଅଧିକାଂଶ ଗଜା ହୋଇସାରିଲାଣି । ଅନ୍ୟପକ୍ଷରେ ଘଂଟାକୁ ୯୦ରୁ ୧୦୦ କି.ମି. ବେଗରେ ପବନ ବହିବା କୁହାଯାଇଥିବାରୁ ଚାଷୀକୂଳ ହତାଶ ହୋଇପଡିଛି । ପଟ୍ଟାମୁଣ୍ଡାଇ ଅଟଂଳରେ ଚାଷ ହୋଇଥିବା ୫୦ ହଜାର ହେକ୍ଟରରୁ ଉର୍ଦ୍ଧ୍ୱ ଚାଷଜମିର ଧାନଫସଲ ଗୋଟାଏ ହେଲେ ଚାଷୀ ଘରକୁ ଆଣିବାକୁ ସକ୍ଷମ ହୋଇନାହିଁ । ଏପରିସ୍ଥଳେ ସମ୍ଭାବ୍ୟ ବାତ୍ୟାକୁ ନେଇ ଚାଷୀ ମନରେ ଛନକା ପଶିଛି । ଯଦି ବର୍ଷା ଓ ପବନ ଉଭୟ ଏକା ସଙ୍ଗରେ ହୁଏ ତାହା ହେଲେ ପଟ୍ଟାମୁଣ୍ଡାଇ ଭେଡା ଅଂଚଳର ସମସ୍ତ ଧାନଫସଲ ସମୂଳେ ନଷ୍ଟ ହୋଇଯିବ ।

# ଧାରୁଆ ଅସ୍ତ୍ରରେ ବନ କର୍ମଚାରୀଙ୍କୁ ଆକ୍ରମଣ: ଥାନାରେ ଏତଲା

ଖୋର୍ଦ୍ଧା,୪/୧୨ (ନି.ପ୍ର): କାଠ ମାଫିଆଙ୍କ ଆକ୍ରମଣରେ ଜଙ୍ଗଲ ସୁରକ୍ଷା କର୍ମଚାରୀ ଗୁରୁତର ଆହତ ହୋଇଛନ୍ତି। କର୍ମଚାରୀଙ୍କ ବେକରେ ଛୁରା ଲଗାଇ କାଠ ମାଫିଆ ଆକ୍ରମଣ କରିଛନ୍ତି। ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ବନାଂଚଳ ଅଧିନସ୍ଥ ବରବରା ସଂରକ୍ଷିତ ଜଙ୍ଗଲ ଅଂଚଳରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଯାଇଛି। ସୂଚନା ମୁତାବକ, ଗତକାଲି ରାତିରେ ବରବରା ଜଙ୍ଗଲ ଅନ୍ତର୍ଗତ କଳାମାଟିଆ ଚେକଗେଟ୍ ରେ ଜଙ୍ଗଲ ସୁରକ୍ଷା କର୍ମଚାରୀ ଲକ୍ଷ୍ମୀଧର ପାଲ ପ୍ରହରା ଦେଉଥିଲେ। ଠିକ୍ ସେତିକିବେଳେ ଦୁଇ ଜଣ ଦୁର୍ବୃତ ଲକ୍ଷ୍ମୀଧରଙ୍କୁ ଗାଳିଗୁଲଜ କରିବା ସହ ଚୋରି କାଠ ନେବା ପାଇଁ ଗେଟ ଖୋଲିବାକୁ ବାଧ କରିଥିଲେ। ଲକ୍ଷ୍ମୀଧର ଏହାର ବିରୋଧ କରିବାରୁ ସମ୍ପୃକ୍ତ ଦୁଇ ଦୁର୍ବୃତ ଅଶ୍ରବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏବଂ ପୂର୍ବରୁ ମଧ ସେମାନଙ୍କ ସହଯୋଗୀ ମଙ୍ଗୁଲୁ ବେହେରାଙ୍କୁ କାଠଚୋରି କରୁଥିବାବେଳେ ପୋଲିସ ହାତରେ ଧରାଇଥିବାରୁ ଲକ୍ଷ୍ମୀଧରଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ପରେ ଦୁର୍ବୃତମାନେ ଲକ୍ଷ୍ମୀଧରଙ୍କ ବେକ ଏବଂ ବାମ ପାପୁଲିକୁ ଧାରୁଆ ଛୁରାରେ ଆକ୍ରମଣ କରିଥିଲେ। ଜୀବନ ବଂଚାଇବା ଉଦ୍ଦେଶ୍ୟରେ ବିକଳରେ ଭାଟାପଡା ଚେକଗେଟକୁ ଲକ୍ଷ୍ମୀଧର ଦୌଡ଼ି ପଳାଇଥିଲେ। ଖବର ପାଇ ବାଲୁଗାଁ ବନାଂଚଳ ଅଧିକାରୀ ପ୍ରତାପ ମହାନ୍ତି, ବରବରା ସେକ୍ସନ ବନପାଳ ଅକ୍ଷୟ ନାୟକ ଏବଂ ଅନ୍ୟ କର୍ମଚାରୀମନେ ଘଟଣାସ୍ଥଳରେ ପହଂଚି ଗୁରୁତର ଆହତ ଲକ୍ଷ୍ମୀଧରଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କରାଇଥିଲେ। ଆଜି ଆହତ ଜଙ୍ଗଲ ସୁରକ୍ଷା କର୍ମଚାରୀଙ୍କ ପକ୍ଷରୁ ଉଭୟ ଦୁର୍ବୃତଙ୍କ ନାମରେ ବାଣପୁର ଥାନାରେ ଲିଖିତ ଅଭିଯୋଗ କରାଯାଇଥିବାର ବନାଂଚଳ ଅଧିକାରୀ ଶ୍ରୀ ମହାନ୍ତି ସୂଚନା ଦେଇଛନ୍ତି। ଅଭିଯୁକ୍ତ ଦ୍ୱୟ ହେଲେ ଗଞ୍ଜାମ ଜିଲ୍ଲା କୋଦଳା ଥାନା ଅନ୍ତର୍ଗତ କୁମାରପାରୀ ଅଂଚଳର ତାରିଣୀ ନାୟକ ଏବଂ ବାଣପୁର ଥାନା ଅନ୍ତର୍ଗତ କଳାମାଟିଆ ଗ୍ରାମର ନାରାୟଣ ଭୂୟାଁ ବୋଲି ଜଣାପଡିଛି ।

# ସୁନାବେଡା ଏବଂ ଉପାନ୍ତ ଅଂଚଳରେ ସ୍କୁଲ ପରିଚାଳନା: ୧୦ ଗୋଟି ସ୍ଥାନରେ ଏକ୍ସନ ଏଡ଼ ସହାୟତାରେ ଚାଲିଛି ସ୍କୁଲ

ନୂଆପଡ଼ା,୪/୧୨ (ନି.ପ୍ର): ନୂଆପଡା ଜିଲ୍ଲା ବୋଡ଼େନ ଏବଂ ସିନାପାଲି ବ୍ଲକ୍ର ୧୦ ଗୋଟି ସ୍ଥାନରେ ଏକ୍ସନ ଏଡ଼ ସହାୟତା ରେ ଚାଲିଛି ସ୍କୁଲ। କୋଭିଡ ପରିସ୍ଥିତି ରର ସମସ୍ତ ସ୍କୁଲ ବନ୍ଦ ରହିଥିବା ବେଳେ ଗ୍ରାମାଂଚଳରେ ଛାତ୍ର ଛାତ୍ରୀମାନେ ଶିକ୍ଷାର ବହୁ ଦୂରରେ ରହୁଥିଲେ। ନିଜ ପରିବାର ସହ ସମୟ ବିତାଇବା, ଜଙ୍ଗଲ ଯିବା ଏବଂ ଶିକ୍ଷା ପ୍ରତି ତାଙ୍କ ରୁଚି କମିବାରେ ଲାଗିଥିଲା। ଏହାକୁ ଦୃଷ୍ଟିରେ ରଖି ଏକ୍ସନ ଏଡ଼ ପକ୍ଷରୁ ସହାୟତା ପ୍ରଦାନ କରି ନୂଆପଡା ଜିଲ୍ଲାର ଦୁଇ ଗୋଟି ବ୍ଲକ ସିନାପାଲି, ବୋଡ଼େନ ଉପାନ୍ତ ଅଂଚଳରେ ସ୍କୁଲ ପରିଚାଳିତ ହେଉଅଛି। ସେହିପରି ସ୍କୁଲ ସହ ଛାତ୍ର ଛାତ୍ରୀଙ୍କୁ ପୁଷ୍ଟିକର ଖାଦ୍ୟ ପ୍ରଦାନ ମିଲେଟ ଖାଦ୍ୟ ପ୍ରଦାର୍ଥ ପ୍ରଦାନ ପାଇଁ ବ୍ୟବସ୍ଥା ରହିଅଛି। ଆଜି ବୋଡ଼େନ ବ୍ଲକ ନଗପଡା ଗ୍ରାମ ପଂଚାୟତ ର ଭୁଇପାଣୀ ଗ୍ରାମରେ ଏକ ପଡା ଗ୍ରାମ ଖୋଲିଭିତର ଗ୍ରାମଠାରେ ଏକ୍ସନ ଏଡ଼ ସହାୟତା ରେ ଚାଲିଥିବା ସ୍କୁଲ ଛାତ୍ର ଛାତ୍ରୀଙ୍କୁ ପାଠ୍ୟ ଉପକରଣ ବଂଟନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଗ୍ରାମର ବରିଷ୍ଠ ନାଗରିକ ଜୟସିଂ ଚିନ୍ଧା, ସାଇ ସଂସ୍ଥା ର ଜିତେନ୍ଦ୍ର ନାଥ ପଟ୍ଟନାୟକ, ଜିଲ୍ଲା ପ୍ରେସ କ୍ଲବ ସଭାପତି ଅଜିତ ପଣ୍ଡା, ଗରୁଡ଼ଧ୍ୱଂଜ ମହାପାତ୍ର ସାଇ ସଂସ୍ଥା ର ବୈଷୟିକ ସହଯୋଗ ସଦସ୍ୟ ପ୍ରମୁଖ ଯୋଗ ଦେଇଥିଲେ।

## ରାଜନଗରରେ ମାତିଛନ୍ତି ସାଇକେଲ ଚୋର

ପଟ୍ଟାମୁଣ୍ଡାଇ,୪/୧୨ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକରେ ମାତିଛନ୍ତି ସାଇକେଲ ମାଫିଆ। ଦୀର୍ଘ ଚାରି ଦିନ ହେବ ରାଜନଗର ବଜାରର ବିଭିନ୍ନ ସ୍ଥାନରୁ ସାଇକେଲ ଚୋରି ହେଉଛି। ମାତ୍ର ପୋଲିସ ଏହାର କୌଣସି ଟେର ପାଉନାହିଁ। ସୂଚନା ଯୋଗ୍ୟ ଜଣେ କଲେଜ ଛାତ୍ରୀ ବର୍ଷାରାଣୀ ରାଉତ ଟିଉସନ ସାରି ଘରକୁ ଫେରିବା ସମୟରେ ତାଙ୍କୁ ଭୋକ ଲାଗିଥିଲା, ସେ ରାଜନଗର ପୋଲ ଛକରେ ଏକ ଗୁପଚୁପ ଦୋକାନ ରେ ଗୁପଚୁପ ଖାଇବାକୁ ଯାଇଥିଲେ ଏବଂ ସାଇକେଲ ସେଇଠାରେ ରଖିଥିଲେ। ଦୁର୍ଭାଗ୍ୟ ବଶତଃ ଛାତ୍ରୀ ଜଣକ ଖାଇସାରି ପାଣି ପିଉଥିବା ସମୟରେ ଜଣେ ବ୍ୟକ୍ତି ତାଙ୍କ ସାଇକେଲ ଟିକୁ ନେଇପଳାଇ ଯାଇଥିଲେ। ଛାତ୍ରୀ ଜଣଙ୍କ ଯେତେ ଖୋଜାଖୋଜି କଲା ପରେ ମଧ ସାଇକେଲ ପାଇନଥିଲେ। ପରେ ଏକ ପାଖ ଦୋକାନୀର ସିସିଟିଭିରେ ସାଇକେଲ ଚୋରିର ଛବି ରେକର୍ଡ ହୋଇଯାଇଥିଲା । ଏହା ଜାଣିବା ପରେ ଛାତ୍ରୀ ରାଜନଗର ଥାନା ରେ ଏତେଲା ଦେଇଥିଲେ। ସିସିଟିଭିର ରେକର୍ଡ଼ିଂକୁ ଆଧାର କରି ରାଜନଗର ପୋଲିସ ଆସାମୀକୁ ଧରିଥିଲେ।

# ନିଆଁ ପୁଇଁ ହେଉଥିବା ବେଳେ ଶାଢ଼ୀରେ ଲାଗିଲା ନିଆଁ: ମହିଳା ଗୁରୁତର

ଘସିପୁରା,୪/୧୨ (ନି.ପ୍ର): ସକାଳୁ ଶିତ ଯୋଗୁଁ ନିଆଁ ପୁଇଁ ହେବା ସମୟରେ ଅସାବଧାନତାରୁ ଜଣେ ମହିଳାଙ୍କ ଶାଢ଼ୀରେ ନିଆଁ ଲାଗି ସେ ଗୁରୁତର ହୋଇପଡିଥିଲେ । ତୁରନ୍ତ ତାଙ୍କୁ ଚିକିତ୍ସା ନିମନ୍ତେ ଆନନ୍ଦପୁର ଡାକ୍ତରଖାନା ଭର୍ତି କରାଯାଇଛି । ମହିଳାଙ୍କ ଶରୀରର ପ୍ରାୟ ୫୦ ପ୍ରତିଶତ ଜଳିଯାଇଛି । ଗୁରୁତର ଅବସ୍ଥାରେ ତାଙ୍କୁ ଆମ୍ବୁଲାନ୍ସ ଯୋଗେ ଆନନ୍ଦପୁର ଡାକ୍ତରଖାନା ଭର୍ତି କରାଯାଇଛି । ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଅଧିକ ଚିକିତ୍ସା ନିମନ୍ତେ ତାଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି । ଏଭଳି ଘଟଣା ଘଟିଛି ଆନନ୍ଦପୁର ଉପଖଣ୍ଡ ସୋସୋ ଥାନା ବଉଳା ଗାଁ ନଟିଆ ସାହିରେ । ଗାଁର ମଧୁ ହୋଙ୍କ ପତ୍ନୀ ସକାଳୁ ଶିତ କବଳରୁ ରକ୍ଷା ପାଇବାକୁ ଘର ବାହରେ ନିଆଁ ପୁଇଁ ହେଉଥିବା ସମୟରେ ଅସାବଧାନତାବଶତଃ ସେ ପିନ୍ଧିଥିବା ଶାଢୀରେ ନିଆଁ ଲାଗିଯାଇଥିଲା ।

## ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ

ନୂଆପଡା,୪/୧୨ (ନି.ପ୍ର): ଖଡ଼ିଆଳ ବ୍ଲକ ତୁକଲା ଠାରେ ଅନ୍ତର୍ଜାତୀୟ ଦିବ୍ୟାଙ୍ଗ ଦିବସ ପାଳିତ ହୋଇ ଯାଇଛି । ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ ର ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏସ ସି ଡି ତରଫରୁ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ନୂଆପଡା ଜିଲ୍ଲା ଦିବ୍ୟାଙ୍ଗ ସମିତିର ସଦସ୍ୟ ଚିତରଞ୍ଜନ ଦାଶ। ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଓଡିଶା ପ୍ରଶାସନିକ ଅଧିକାରୀ ଲିଖେରାମ ଭୋଇ ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ପାଇଁ ଥିବା ବିଭିନ୍ନ ସୁବିଧା ସୁଯୋଗ ଉପରେ ଆଲୋଚନା କରିଥିଲେ। ବାଙ୍ଗାଲୋରର ନାଗରତ୍ନା ମେମ, କୈଳାଶ ଚନ୍ଦ୍ର ଦାଶ, ଶୈଳେନ୍ଦ୍ର ନନ୍ଦ, ପ୍ରସନ୍ନ କୁମାର ପଟ୍ଟନାୟକ, ଗୋବିନ୍ଦ ରଣା, ଏସ ସି ଡି ଟିଟିଲାଗଡ଼ ର ସଭାପତି ମୋହିତ ମୋହନ ଦାଶ, ସମ୍ପାଦିକା ଅଞ୍ଜଳୀ ବେହେରା ଅତିଥି ଭାବରେ ଆସୀନ ରହି ଅନୁଷ୍ଠାନ ତରଫରୁ କରାଯାଉଥିବା ଉନ୍ନୟନ ମୂଳକ କାମ ଉପରେ ଲୋକଙ୍କୁ ବୁଝାଇଥିଲେ। ଆଶା ଓ ଅଙ୍ଗନୱାଡି କର୍ମୀ ମାନେ ଯୋଗଦେଇ ଖଡ଼ିଆଳ ଅଂଚଳର ଦିବ୍ୟାଙ୍ଗ ମାନଙ୍କ ସମସ୍ୟା ଉପରେ ଉପସ୍ଥିତ ଅତିଥି ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

# ରାସ୍ତା ଆଲୋକୀକରଣ ବ୍ୟବସ୍ଥାରୁ ବଚିଂତ

ପଟ୍ଟାମୁଣ୍ଡାଇ,୪/୧୨ (ନି.ପ୍ର): ପଟ୍ଟାମୁଣ୍ଡାଇ ପୌରପରିଷଦର ପଟ୍ଟାମୁଣ୍ଡାଇ ବାଇପାସ ଠାରୁ ଅଳଭା ପର୍ଯ୍ୟନ୍ତ ରାସ୍ତାପାଶ୍ୱର୍ ଆଲୋକକରଣ ବ୍ୟବସ୍ଥା ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି । ତେବେ ଏହି କାର୍ଯ୍ୟ କରୁଥିବା ଠିକା ସଂସ୍ଥା ବକ୍ତାରପୁର ଠାରୁ ଅଳଭା ପର୍ଯ୍ୟନ୍ତ ୧୫ନଂ. ୱାର୍ଡର ପଟ୍ଟାମୁଣ୍ଡାଇ-ରାଜନଗର ମୁଖ୍ୟରାସ୍ତା ପାଶ୍ୱର୍ରେ ଆଲୋକୀକରଣ ବ୍ୟବସ୍ଥା କାର୍ଯ୍ୟ ନକରି ଦୀର୍ଘ ୨ ବର୍ଷ ହେବ କାର୍ଯ୍ୟ ଛାଡି ପଳାଇ ଯାଇଥିବା ଜଣାଯାଇଛି । ରାସ୍ତାପାଶ୍ୱର୍ରେ ଉଜ୍ଜ୍ୱଳ ଏଲଇଡି ଲାଇଟ ଲଗାଇବା ପାଇଁ ଲାଇଟ ପୋଲ ଗୁଡିକ ରାସ୍ତାପାଶ୍ୱର୍ରେ ଲମ୍ବ ହୋଇ ପଡିରହିଛି । ଏହି ଲାଇଟ ପୋଲ ଗୁଡିକ ଉପରେ ମାଟି ଆଉ ଘାସ ମାଡିଗଲାଣି । କିନ୍ତୁ ଠିକା ସଂସ୍ଥା ଖୁଂଟ ପୋତି ଲାଇଟ ଲଗାଉନଥିବାରୁ ଅଳଭା ୧୫ନଂ. ୱାର୍ଡବାସୀମାନେ ରାତ୍ରି ସମୟରେ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ରାସ୍ତାପାଶ୍ୱର୍ ଆଲୋକୀକରଣ ବ୍ୟବସ୍ଥା କରାନଯିବାରୁ ଏହି ଭାଗଟି ରାତ୍ରକାଳରେ ଅନ୍ଧାରରେ ବୁଡି ରହୁଥିବାରୁ ଏହି ରାସ୍ତାଟି ନଦୀ ବନ୍ୟାବନ୍ଧ ହୋଇଥିବାରୁ ଯାତାୟତ ସମୟରେ ବିଷଧର ସର୍ପମାନଙ୍କ ଭୟ ରହୁଛି । ଅନ୍ୟପକ୍ଷରେ ଅନ୍ଧାରର ସୁଯୋଗ ନେଇ ଅସାମାଜିକ ଲୋକମାନଙ୍କର ଆଡାସ୍ଥଳୀ ପାଲଟିଛି ଏହି ସ୍ଥାନ । ତୁରନ୍ତ ଲାଇଟ ପୋଲ ଗୁଡିକ ପୋତା ଯିବା ସହିତ ଉଜ୍ଜ୍ୱଳ ଏଲଇଡି ଲାଇଟ ଲଗାଇବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦାବି କରାଯାଇଛି । ଏହି ସମସ୍ୟା ପାଇଁ ଗ୍ରାମବାସୀମାନେ ପୌର ପ୍ରଶାସନକୁ ଦାୟୀ କରିବା ସହିତ ସିଦ୍ଧାନ୍ତ ଜେନା, ସନ୍ଦିପ ଜେନା, ପ୍ରିୟବ୍ରତ ବେହେରା, ସରୋଜ ଜେନା, ପ୍ରିୟବ୍ରତ ଜେନା, ଦୀପକ ଜେନା, ଆରତ ଜେନା, ସୌଭାଗ୍ୟ ଜେନା, ଭୀମସେନ ବେହେରା, ସମ୍ରାଟ ଜେନା, ବଟିଂ ଜେନା ପ୍ରମୁଖ ଗ୍ରାମବାସୀମାନେ ପଟ୍ଟାମୁଣ୍ଡାଇ ପୌରନିର୍ବାହୀ ଅଧିକାରୀ ସଂପଦ ସ୍ୱାଇଁଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରି ଆଲୋକୀକରଣ ବ୍ୟବସ୍ଥା ତୁରନ୍ତ କରାଯିବା ପାଇଁ ଦାବି କରିଛନ୍ତି ।

# ଫୁଲବାଣୀ ନୀପିଡିତ ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ

କନ୍ଧମାଳ,୪/୧୨ (ନି.ପ୍ର): ଫୁଲବାଣୀର ପୁରାତନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ନୀପିଡିତ ପକ୍ଷରୁ ବିଶ୍ୱ ଭିନ୍ନକ୍ଷମ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବରେ କନ୍ଧମାଳ ସ୍ୱେଚ୍ଛାସେବୀ ମହାସଂଘର ଆବାହକ ଭାବରେ ଅଶୋକ କୁମାର ପରିଡା ଯୋଗ ଦେଇ ଭିନ୍ନକ୍ଷମ ପିଲାମାନଙ୍କୁ ସେମାନଙ୍କର ଆବଶ୍ୟକତା ଉପରେ ଅଭିଭାବକ କିମ୍ବା ସେମାନଙ୍କ ଦାୟୀତ୍ୱ ନେଇଥିବା ଅନୁଷ୍ଠାନର କର୍ମଚାରୀ ମାନେ ଧ୍ୟନ ଦେବା ଉପରେ ବକ୍ତବ୍ୟ ଦେଇଥିଲେ । ଅନ୍ୟତମ ଅତିଥି ଭାବରେ ଜିଲ୍ଲା ପ୍ରେସ କ୍ଲବର ମ୍ପାଦକ ସାମ୍ବାଦିକ ପ୍ରଶାନ୍ତ କୁମାର ବେହେରା ଯୋଗ ଦେଇ ଭିନ୍ନକ୍ଷମ ପିଲା ମାନଙ୍କର ମାନସିକ ଉନ୍ନତି ପାଇଁ ସେମାନେ ଯେଉଁ ଦିଗରେ ଆଗ୍ରହୀ ଥିବେ ସେମାନଙ୍କୁ ସେହି ଦିଗରେ ପ୍ରୋତ୍ସାହିତ କରିବାର ଆବଶ୍ୟକତାକୁ ଜୋର ଦେବା ଦରକାର ବୋଲି କହିଥିଲେ । ଜିଲ୍ଲା ଭିନ୍ନକ୍ଷମ ଥଇଥାନ କେନ୍ଦ୍ରର ଅଧିକାରୀ ଅକ୍ଷୟ କୁମାର ପଣ୍ଡା ପିଲାଙ୍କର ଦୈନନ୍ଦିନ ଗତିବିଧି ଉପରେ ନଜର ରଖିବା ସହିତ ସେମାନଙ୍କର ଶାରୀରିକ ଏବଂ ମାନସିକ ଉନ୍ନତି ପାଇଁ ପ୍ରଥମରୁ ହିଁ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ଚିକିତ୍ସା କରାଇବା ଦରକାର ବୋଲି କହିଥିଲେ । ଫୁଲବାଣୀ ଡାକ୍ତରଖାନାରେ ଅବସ୍ଥାପିତ ଥିବା ଫିଜିଓଥେରାପିଷ୍ଟ ସୁଶ୍ରୀ ସସ୍ମିତା ରାଉଳ ପିଲାମାନଙ୍କୁ ଚିକିତ୍ସା କରାଇବାକୁ ବିଭିନ୍ନ ପ୍ରକାରର ଅନ୍ଧ ବିଶ୍ୱାସର ବସବର୍ତି ନ ହୋଇ ପ୍ରାଥମିକ ସ୍ତରରେ ହିଁ ଡାକ୍ତରଙ୍କ ପରାମର୍ଶ ନେବା ଦରକାର ବୋଲି କହିଥିଲେ । କାର୍ଯ୍ୟକ୍ରମକୁ ନୀପିଡିତ ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ପ୍ରମୋଦ କୁମାର ନାୟକ ପରିଚାଳନା କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଆୟୁଷ ଡାକ୍ତର ପଂଚଶୀଳା ଦାସ,ପ୍ରଶିକ୍ଷକ କୃଷ୍ଣଚନ୍ଦ୍ର ପ୍ରଧାନ, ସ୍ୱେଚ୍ଛାସେବୀ ବୈଦ୍ୟନାଥ ଖଟୁଆ,ସାମ୍ବାଦିକ ସଞ୍ଜୟ ପାତ୍ର ପ୍ରମୁଖ ଯୋଗ ଦେଇ ସେମାନଙ୍କ ବକ୍ତବ୍ୟ ରଖିଥିଲେ ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୫ ଡିସେମ୍ବର, ୨୦୨୧
email : rabibarachayan2015@gmail.com



......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର

## ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

**ଭାଗ-୫୩**
(ପୂର୍ବ ପ୍ରକାଶିତ ଉତ୍ତାରୁ...)

ଯେତେ ସାବଧାନତା ସହ 'ହାତେ ମାପି ଚାଖଣ୍ଡେ ଚାଲୁଥିଲେ' ମଧ ମନୁଷ୍ୟ ଜୀବନରେ ଯେ କେତେବେଳେ ଅକସ୍ମାତ୍ କେଉଁ ଘଟଣା ଆସି ଉପସ୍ଥିତ ହୋଇଯାଏ ତାହା କଳ୍ପନା କରିବା ସୁଦ୍ଧା ଦୁଃସାଧ୍ୟ । ବର୍ଣ୍ଣିତ ଘଟଣାଟି ରାଜାଙ୍କ ଅନ୍ତର୍ବହ୍ନିର ଆଦ୍ୟ ସ୍ଫୁଲିଙ୍ଗ । ଦିନେ ଶୁଣିଲି, ସଦର ଡାକ୍ତରଖାନା ବଙ୍ଗବାସୀ ଆସିଷ୍ଟାଣ୍ଟ ସର୍ଜନ ମୋର ଅନୁମତି ନନେଇ ବା ମୋତେ ନଜଣାଇ ସ୍ଥାନ ତ୍ୟାଗକରି ଚାଲି ଯାଇଅଛନ୍ତି । ଡାକ୍ତରଖାନା ଜଣେ କମ୍ପାଉଣ୍ଡରଙ୍କ ତତ୍ତ୍ୱାବଧାନରେ ପ୍ରାୟ ମାସେକାଳ ରହିଲା । ତାଙ୍କ ଠିକଣା ସୁଦ୍ଧା କେହି କହି ନପାରିବାରୁ ତାଙ୍କଠାରୁ ପତ୍ର ମଧ ଲେଖାଯାଇ ପାରିଲା ନାହିଁ । ମାସକ ଉତ୍ତାରେ ଫେରିଲାରୁ ମୁଁ ତାଙ୍କ କୈଫିୟତ୍ ତଲବ କଲି । ସେ ରାଜାଙ୍କ ହୁକୁମରେ କଲିକତା ଯାଇ ତାଙ୍କ ସଙ୍ଗେ ଥିଲେ ବୋଲି କହିଲେ । ମୋତେ ନଜଣାଇ ଚାଲି ଯାଇଥିବା ଯୋଗୁଁ ଓ ଏକମାତ୍ର ଡାକ୍ତରଙ୍କୁ ନେଇ ରାଜାସାହେବ ମାସେ କାଳ ତାଙ୍କ ସହିତ ରଖିଥିବେ, ଏଥିରେ ମୋର ବିଶ୍ୱାସ ହେଲାନାହିଁ । ରାଜାସାହେବଙ୍କୁ ଯାଇ ପଚାରିଲି । ସେ ତାଙ୍କ ସ୍ୱାସ୍ଥ୍ୟ ବିବେଚନାରେ ତାଙ୍କୁ ରଖିଥିଲେ ବୋଲି କହିଲେ ଓ ଡାକ୍ତରଙ୍କଠାରୁ କୈଫିୟତ ତଲବ କରିଥିବା ଯୋଗୁଁ ମୋ ପ୍ରତି ବିରକ୍ତି ପ୍ରକାଶ କଲେ । ମୁଁ ଆଉ କହିବି କ'ଣ ? ଚୁପ୍ ରହିଲି । ତତ୍ପରେ ଯାହା ସ୍ୱାଭାବିକ ତାହା ହେଲା । ଡାକ୍ତର, କମ୍ପାଉଣ୍ଡର ମୋତେ ବୃଦ୍ଧାଙ୍ଗୁଳି ଦେଖାଇବାକୁ ଲାଗିଲେ ।

କ୍ରମେ କ୍ରମେ ଦେଖିଲି ଓଭରସିଅର୍, ପୋଲିସ୍ ଇନସ୍‌ପେକ୍ଟର, ଫରେଷ୍ଟ ଅଫିସର ପ୍ରଭୃତି ଭିନ୍ନ ଭିନ୍ନ ବିଭାଗର ପ୍ରଧାନ କର୍ମଚାରୀମାନେ ନିଜ ନିଜ କାର୍ଯ୍ୟରେ ଅବହେଳା କରିବାକୁ ଲାଗିଲେ ଓ ସେମାନଙ୍କୁ ଯେତେ କହିଲେ, ଯେତେ ସଦୁପଦେଶ ଦେଲେ ସୁଦ୍ଧା ଶୁଣିଲେ ନାହିଁ । ସେମାନଙ୍କ ଦପ୍ତରମାନ ଯାଞ୍ଚ କରିବାକୁ ବସିଲେ କାଗଜପତ୍ର ନଦେଖାଇ ଅସହଯୋଗ କରିବାକୁ ଲାଗିଲେ । ଯେ ଯାହା କରିବାକୁ ଚାହିଁଲେ ତାହା କଲେ । ଯେଉଁଆଡ଼େ ଯିବାକୁ ଚାହିଁଲେ ମୋତେ ନଜଣାଇ ଗଲେ । କ୍ରମେ କ୍ରମେ ଉପସ୍ଥିତି ଗୁରୁତର ହେବାକୁ ବସିଲା । ରାଜ୍ୟ ଶାସନରେ ବିଶୃଙ୍ଖଳା ଘଟିବା ଭଳି କେତେକ କାର୍ଯ୍ୟାରମ୍ଭ ହୋଇଥିବା ଯେତେବେଳେ ଅନୁଭବ କଲି ଦୃଢ଼ତା ସହକାରେ ତହିଁର ପ୍ରତିକାର କରିବାକୁ ଲାଗିଲି । ଅନେକ ସମୟରେ ରାଜାଙ୍କ ସହିତ ଏ ସମସ୍ତ ବିଷୟରେ ଆଲୋଚନା କରୁଥାଏ । ବେଳେବେଳେ ଅନୁଭବ କରେ, ମୋର ଭବିଷ୍ୟତ ପନ୍ଥା ନିରୂପଣରେ ଏ ସମସ୍ତ ଅପ୍ରୀତିକର ଘଟଣା ସମୂହ ଆଲୋକପାତ କରେ । ପ୍ରଥମରେ ଓଭର୍‌ସିଅରଙ୍କ କାର୍ଯ୍ୟ ଯାଞ୍ଚକରି ମୋର ପରିଦର୍ଶନ ମନ୍ତବ୍ୟ ପୋଲିଟିକାଲ୍ ଏଜେଣ୍ଟଙ୍କଠାକୁ ପଠାଇଲି । ସେ କାର୍ଯ୍ୟରୁ ଅନ୍ତ ହୋଇ ରାଜ୍ୟ ଛାଡ଼ି ଚାଲିଗଲେ । ତାଙ୍କ ପରେ ଗଲେ ପୋଲିସ୍ ଇନ୍‌ସପେକ୍ଟର । ଅପର ସମସ୍ତ ରାଜାଙ୍କଦ୍ୱାରା ନିଯୁକ୍ତ ହୋଇଥିଲେ ।

ଏହିପରି ଗୋଳମାଳ ମଧ୍ୟରେ ଶାସନ କାର୍ଯ୍ୟ ଚାଲିଥାଏ । ଏଆଡ଼େ ମାଉସୀ ସେ ଆଡ଼େ ପିଉସୀଙ୍କୁ ସନ୍ତୁଷ୍ଟ କରିବାରେ ଛଟପଟ ହୋଇ ମରୁଥାଏ । ସମୟ ସମୟରେ ରାଜାଙ୍କ ପାଖଲୋକଙ୍କ ବିରୁଦ୍ଧରେ ଆଇନଗତ ଅଭିଯୋଗମାନ ଆସେ । କୌଣସିମତେ ତହିଁର ମୀମାଂସା କରିଦିଏ । ମୁଁ ଅନୁଭବ କରୁଥାଏ, ଏ ସମସ୍ତ ରାଜ୍ୟ ଶାସନ ସମ୍ବନ୍ଧୀୟ ଅସ୍ୱାଭାବିକ ପରିସ୍ଥିତିର ସୁଯୋଗ ନେଇ ଏହି କର୍ମଚାରୀ ଓ ଅନ୍ୟାନ୍ୟ ଲୋକେ ଏପରି ଗଣ୍ଡଗୋଳ ସୃଷ୍ଟି କରିଅଛନ୍ତି ।

ଦିନେ ଏଜେନ୍‌ସି ଫରେଷ୍ଟ ଅଫିସର ମୁନି (H.F. Mooney) ସାହେବଙ୍କଠାରୁ ଖଣ୍ଡେ ପତ୍ର ପାଇଲି । ଫରେଷ୍ଟ ଅଫିସରଙ୍କ ସହ ତାଙ୍କ ସହିତ ପାନପୋଷରେ ସାକ୍ଷାତ କରିବାକୁ ସେ ମୋତେ ଲେଖିଥିଲେ । ଫରେଷ୍ଟ ଅଫିସର ଓ ମୁଁ ଯାଇ ତାଙ୍କ ସଙ୍ଗେ ସାକ୍ଷାତ କଲୁଁ । ସେ ମୋତେ କହିଲେ ଯେ, ପୋଲିଟିକାଲ୍ ଏଜେଣ୍ଟ ପେକ୍ ସାହେବ (N.f. Peck, I.C.S.) ମୋ ସହିତ କେତେକ ବିଷୟରେ କଥାବାର୍ତ୍ତା କରିବାକୁ ଚାହାଁନ୍ତି ଓ ଅବିଳମ୍ବରେ ତାଙ୍କ ସହିତ ସମ୍ବଲପୁରରେ ସାକ୍ଷାତ କରିବା ପାଇଁ କହିଲେ । ଫିଲିପ୍ ସାହେବ ସେହି ସମୟରେ ଦୀର୍ଘ ଛୁଟିରେ ଯାଇଥିବାରୁ ସହକାରୀ ପୋଲିଟିକାଲ ଏଜେଣ୍ଟ ପେକ୍ ସାହେବ ତାଙ୍କ ସ୍ଥାନରେ ନିଯୁକ୍ତ ହୋଇ ରହିଥିଲେ । ଫରେଷ୍ଟ ଅଫିସରଙ୍କୁ ପାନପୋଷରେ ଛାଡ଼ିଦେଇ ମୁଁ ସମ୍ବଲପୁର ଚାଲିଗଲି ଓ ସେଠାରେ ପହୁଞ୍ଚିବା ପରଦିନ ତାଙ୍କ ସହିତ ସାକ୍ଷାତ କଲି । ମୋତେ ଦେଖିବା ମାତ୍ରକେ ପେକ୍ ସାହେବ ଗର୍ଜ୍ଜନ କରି କହି ଉଠିଲେ, "ମି.ଫିଲିପ୍ ଏସବୁ ସହିପାରନ୍ତି । ମୁଁ ସହିବି ନାହିଁ" (Mr.Philip May tolerate all this, I won't) । ତାଙ୍କ ବ୍ୟବହାରରେ ମୁଁ ସ୍ତମ୍ଭିତ ହେଲି ଓ ତହିଁର କାରଣ ପଚାରିଲି । ସେ ମୋ ହାତକୁ ଖଣ୍ଡେ କାଗଜ ବଢ଼ାଇ ଦେଲେ । ତାହା ପଢ଼ି, ମୋ ଚକ୍ଷୁ ସ୍ଥିର। ତାହା ବିହାର ଓ ଓଡ଼ିଶାର ଗଭର୍ଣ୍ଣରଙ୍କଠାକୁ ବଣେଇ ଷ୍ଟେଟ୍‌ର ଫରେଷ୍ଟ ଅଫିସରଙ୍କ ଦ୍ୱାରା ପ୍ରେରିତ ଟେଲିଗ୍ରାମର ନକଲ । ତହିଁରେ ଲେଖାଥିଲା ଯେ, ମୁଁ ଅନେକ ଗୁଡ଼ିଏ ବହୁମୂଲ୍ୟ ଗଛ କଟାଇ ସମ୍ବଲପୁରରେ ତିଆରି ହେଉଥିବା ମୋ ନୂଆଘରେ ଲଗାଇବା ସକାଶେ ପଠାଇ ଦେଇଅଛି ଓ ମୋର ଅତ୍ୟାଚାରରେ ବଣେଇର ଲୋକେ ଘରଛାଡ଼ି ପଳାଇ ଯାଉଅଛନ୍ତି । ବିହାର ଓ ଓଡ଼ିଶାର ଗଭର୍ଣ୍ଣରଙ୍କଠାରୁ ତହିଁର ତଦନ୍ତ ସକାଶେ ତାହା ପୋଲିଟିକାଲ୍ ଏଜେଣ୍ଟଙ୍କଠାକୁ ଆସିଥିଲା ଓ ତଦନ୍ତ ସକାଶେ ସେ ଏଜେନ୍‌ସି ଫରେଷ୍ଟ ଅଫିସରଙ୍କୁ ପଠାଇଥିଲେ । ସେତେବେଳେ ବିହାର ଓ ଓଡ଼ିଶା ମିଶି ଏକ ଶାସନାଧୀନରେ ଥିଲା । ୧୯୩୬ ମସିହାରେ ପୃଥକ୍ ହେଲା । ମୁଁ ପେକ୍ ସାହେବଙ୍କୁ କହିଲି, ମୋର ସୌଭାଗ୍ୟ ଯେ ମୋର ଅନୁପସ୍ଥିତିରେ ମୁନି ସାହେବ ତଦନ୍ତ କରିବେ । ମୁଁ ତଦନ୍ତ ସମୟରେ ଉପସ୍ଥିତ ଥିଲେ ହୁଏତ ଲୋକମାନେ ମୋ ବିରୁଦ୍ଧରେ କିଛି କହିବାକୁ ସଙ୍କୁଚିତ ହେବେ ବୋଲି ଅଭିଯୋଗ ହୋଇପାରେ । ମୋର ଅନୁପସ୍ଥିତିରେ ମୋ ବିରୁଦ୍ଧରେ ତଦନ୍ତ ମୋ ପକ୍ଷରେ ମଙ୍ଗଳକର । ଏହି କାରଣରୁ ମୁନିସାହେବ ବଣେଇରୁ ଫେରିବା ପର୍ଯ୍ୟନ୍ତ ମୋତେ ସମ୍ବଲପୁରରେ ରହିବା ପାଇଁ ତାଙ୍କ ଅନୁମତି ପ୍ରାର୍ଥନା କଲି ଏବଂ ତାଙ୍କ ଅନୁମତିରେ ରହିଲି । ଚାରିପାଞ୍ଚ ଦିନ ପରେ ମୁନି ସାହେବ ଗୋଟିଏ ପତ୍ରଦ୍ୱାରା ମୋତେ ଡକାଇଲେ ଓ ମୁଁ ସମ୍ବଲପୁର ବଙ୍ଗଳାରେ ତାଙ୍କ ସହିତ ସାକ୍ଷାତ କଲି । ସେ ମୋତେ ଦେଖି ଖୁବ୍ ହସିଲେ ଓ ମୋ ହାତକୁ ବିଡ଼ାଏ କାଗଜ ବଢ଼ାଇଦେଲେ । ତାହା ତାଙ୍କ ତଦନ୍ତର ରିପୋର୍ଟ । ସମସ୍ତ ପଢ଼ିଗଲି ଓ ଜାଣିଲି ଯେ ମୋ ବିରୁଦ୍ଧରେ ଫରେଷ୍ଟ ଅଫିସରଙ୍କ ସମସ୍ତ ଅଭିଯୋଗ ମିଥ୍ୟା ବୋଲି ସେ ଲେଖିଛନ୍ତି । ମୋ ଭାଗ୍ୟକୁ ଧନ୍ୟବାଦ ଦେଲି । ମୁନିସାହେବ କହିଲେ ଯେ, ମୁଁ ଯେଉଁ ଗଛମାନ କଟାଇ ନେଇଅଛି ବୋଲି ସେ ତାଙ୍କ ଟେଲିଗ୍ରାମରେ ଲେଖିଥିଲେ ତହିଁର ଚିହ୍ନଖୁଣ୍ଟମାନ ତାଙ୍କୁ ଦେଖାଇବାକୁ ଫରେଷ୍ଟ ଅଫିସରଙ୍କୁ ସେ ଯେତେବେଳେ କହିଲେ, ଫରେଷ୍ଟ ଅଫିସର ତାଙ୍କ ଟେଲିଗ୍ରାମରେ ଲିଖିତ ଅଭିଯୋଗ ମିଥ୍ୟା ବୋଲି ସ୍ୱୀକାର କଲେ । ମୁଁ ଅବ୍ୟାହତି ପାଇଲି ଓ ପେକ୍ ସାହେବଙ୍କ ସହିତ ସେହିଦିନ ସାକ୍ଷାତ କଲି । ସେ ମୋତେ ଦେଖିବା ମାତ୍ରେ ହସି ହସି ଉଷ୍ଣ କରମର୍ଦ୍ଦନଟାଏ (warm shakehand) କଲେ ଓ କେତେ ଉପଦେଶପୂର୍ଣ୍ଣ କଥା କହିଲେ । ତାଙ୍କଠାରୁ ବିଦାୟ ନେଇ ମୁଁ ବଣେଇ ଚାଲିଗଲି ।

(କ୍ରମଶଃ)

## ପର୍ଦ୍ଦା ପଛର କଥା ଭାଗ-୨୭

ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୭୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।



### ।। ଏମନ ମାନେନା-୨ ।।

ଏନ୍.ପାଢ଼ୀଙ୍କର ଏହା ଥିଲା ପ୍ରଥମ ଓଡ଼ିଆ ଚଳଚ୍ଚିତ୍ର । ସ୍କ୍ରିପ୍ଟ ଠାରୁ ଆରମ୍ଭ କରି ସଂଗୀତ ପର୍ଯ୍ୟନ୍ତ ସବୁଥିରେ ବେଶ୍ ସତର୍କତା ଅବଲମ୍ବନ କରିଥିଲେ । ନିର୍ମାଣ ସମୟରେ ସବୁ ମାଦକଦ୍ରବ୍ୟ ବିବର୍ଜିତ ହୋଇ ତଥା ନିରାମିଷ ଭୋଜନ କରିଥିଲେ । ବିଜୟ କୁମାର ମଧ କାହାଣୀ ଅନୁରୂପ କୌଣସିଥିରେ ଊଣା କରୁନଥିଲେ । ବହୁ ଘାତ ପ୍ରତିଘାତ ଭିତରେ ଚଳଚ୍ଚିତ୍ରଟିର ନିର୍ମାଣ କାର୍ଯ୍ୟ ଚାଲୁ ରହିଲା । ବିଜୟବାବୁଙ୍କ ଘର ଓ ବଗ୍‌ବଜାର ନିକଟସ୍ଥ ଆର.ବି. ଡାକବଙ୍ଗଳାରେ ସ୍କ୍ରିପ୍ଟ କାର୍ଯ୍ୟ ହୋଇଥିଲା । ଅରିନ୍ଦମ ଓ ବର୍ଷାଙ୍କ ସହିତ ସହ ନାୟକ ଭାବରେ ଦୁଷ୍ମନ୍ତଙ୍କୁ ନିଆଗଲା । ଦେବଯାନୀ ପ୍ରଥମ କରି ଏହି ଚଳଚ୍ଚିତ୍ରରେ ସହ ନାୟିକା ଭାବରେ ଡେବ୍ୟୁ କରିବାର ଥିଲା ମାତ୍ର ଶେଷ ମୁହୂର୍ତ୍ତରେ ତାଙ୍କୁ ବାଦ୍ ଦିଆଗଲା । ଦୁଷ୍ମନ୍ତଙ୍କ ସ୍ଥାନରେ ମୁମ୍ବାଇର ଜଣେ ଡ୍ୟାନ୍ସର୍ (ଓଡ଼ିଆ)ଙ୍କୁ ଏନ୍.ପାଢ଼ୀ ନେବା ପାଇଁ ଚାହୁଁଥିଲେ ମାତ୍ର ପ୍ରଯୋଜକ ନୂଆ ଆର୍ଟିଷ୍ଟଙ୍କୁ ନେଇ ରିସ୍କ ନେବାକୁ ଚାହିଁଲେନି ଯାହାକି କିଛି ମାତ୍ରାରେ ଏନ୍.ପାଢ଼ୀଙ୍କୁ ଅସନ୍ତୁଷ୍ଟ କରିଥିଲା ।

'ଏ ମନ ମାନେନା'ର ସୁଟିଂ ନିର୍ଦ୍ଧାରିତ ସମୟଠାରୁ ଢେର୍ ବିଳମ୍ବ ହୋଇଥିଲା ବିଭିନ୍ନ କାରଣରୁ । ମୁଖ୍ୟତଃ ଏହି ଚଳଚ୍ଚିତ୍ର ନିର୍ମାଣ ସମୟରେ ସମୁଦାୟ ତେର ଗୋଟି ଲଘୁଚାପ ସଂଗଠିତ ହୋଇଥିଲା, ଯାହାଫଳରେ ଅନିଚ୍ଛା ସତ୍ତ୍ୱେ ସୁଟିଂକୁ ଅନେକ ସମୟରେ ବାତିଲ କରିବାକୁ ପଡୁଥିଲା । ତଥାପି ଏନ୍.ପାଢ଼ୀ କି ପ୍ରଯୋଜକ ବିଜୟ କୁମାର ଧୈର୍ଯ୍ୟ ଧରି ସୁଟିଂ ଆଗକୁ ନେଉଥିଲେ । ଦାଦାଗିରିର ପ୍ରଯୋଜକ ତଥା ଅନ୍ୟତମ ନାୟକ ମନୁ ଦ୍ୱିବେଦୀ ଏହି ଚଳଚ୍ଚିତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଚରିତ୍ରରେ ଥିଲେ । ମିହିର ଦାସ ମୁଖ୍ୟ ଖଳନାୟକ ଭୂମିକାରେ ଅଭିନୟ କରୁଥିଲେ । ଅନ୍ୟାନ୍ୟଙ୍କ ମଧ୍ୟରେ ହରି, ହାଡ୍ଡୁ ଓ ପ୍ରଥମଥର ନିମନ୍ତେ ଚୁଙ୍ଗାଙ୍କୁ ସୁଯୋଗ ଦିଆଯାଇଥିଲା । ମୁଁ ମଧ ଏକ ଛୋଟ ଭୂମିକାରେ ଅଭିନୟ କରିଥିଲି । ନାୟକ ମୋ ଗାଡ଼ି ନେଇ ପଳଉଛି ଏବଂ ଅଧବାଟରେ ତେଲ ସରିଯିବାରୁ ମୋ ବାଇକ୍‌ଟିକୁ ଫୋପାଡ଼ି ଗାଳିଦେଇ ଯାଉଛି । ଭୂମିକାଟି ଛୋଟ ଥିଲେ ମଧ ଦର୍ଶକ ମୋ ଭୂମିକାକୁ ବେଶ୍ ପସନ୍ଦ କରିଥିଲେ ଓ ଅନେକ ସମୟରେ ବାଟରେ, ତେଲଟାଙ୍କିରେ ଲୋକମାନେ ଥଟ୍ଟାରେ 'ସାର୍ ଗାଡ଼ିରେ ତେଲ ଅଛିଟି' ବୋଲି କହି ହସି ଦେଉଥିଲେ । ମତେ ଅଭିନେତା ଭାବରେ ଲୋକମାନେ ଚିହ୍ନିଥିଲେ ଅଥଚ ମୁଁ ଏହି ଚିତ୍ରଟିର ଲେଖକ ବୋଲି କେହି ଜାଣୁ ନଥିଲେ । ମତେ ବେଶ୍ ଖୁସି ଲାଗୁଥିଲା ଲୋକମାନଙ୍କର ରିଆକ୍ସନରେ । ସୁଟିଂ ସମୟରେ ମୁଁ ପ୍ରାୟ ସେଟ୍‌ରେ ଉପସ୍ଥିତ ରହୁଥିଲି ଓ ଆବଶ୍ୟକସ୍ଥଳେ ସ୍କ୍ରିପ୍ଟ କରେକ୍ସନ୍ କରୁଥିଲି । ମୋଟାମୋଟି ଭାବରେ କହିବାକୁ ଗଲେ ଏହି ଚଳଚ୍ଚିତ୍ରଟି ମୋ ପାଇଁ ଟର୍ଣ୍ଣିଂ ପଏଣ୍ଟ ଥିଲା । ଏନ୍.ପାଢ଼ୀ ଥିଲେ ଜଣେ ଅନୁଭବୀ ନିର୍ଦ୍ଦେଶକ । ସେ କୌଣସି ପରିସ୍ଥିତିରେ ସୁଟିଂରେ କମ୍ପ୍ରୋମାଇଜ୍ କରିବାକୁ ଚାହୁଁ ନଥିଲେ । ପ୍ରତ୍ୟେକଟି ଦୃଶ୍ୟ, ପ୍ରତ୍ୟେକଟି ସଟ୍‌କୁ ନିଖୁଣ କରି ସୁଟିଂ କରୁଥିଲେ ।

ଏହି ଚଳଚ୍ଚିତ୍ରରେ ସ୍କ୍ରିପ୍ଟଠାରୁ ଆରମ୍ଭ କରି ଏଡିଟିଂ ପର୍ଯ୍ୟନ୍ତ ମୁଁ ପ୍ରାୟତଃ ସଂପୃକ୍ତ ଥିଲି । ଅଧିକାଂଶ ଅଭିନେତା ଚୟନରେ ମୋର ମଧ ପ୍ରମୁଖ ଭୂମିକା ଥିଲା । ଯେହେତୁ ଏନ୍.ପାଢ଼ୀ ଓଡ଼ିଶାରେ ନୂଆ ଓ ମୋର ବଂଧୁଥିଲେ, ବିଜୟ କୁମାରଙ୍କ ସହ ମୋର ବଂଧୁତ୍ୱ ଥିଲା । ମୁଁ ସବୁଥିରେ ଇନ୍‌ଭଲ୍‌ଭ୍ ହୋଇ ପଡ଼ିଥିଲି । ସଂଳାପ ରଚନାରେ ପ୍ରେମ ଉପରେ ମୋର ସବୁ ଅନୁଭବକୁ ମୁଁ ପ୍ରୟୋଗ କରିଥିଲି । ଯେହେତୁ ଏହା ଏକ ଭିନ୍ନ ଧରଣର ପ୍ରେମ କାହାଣୀ ଥିଲା, ଆମେ ସିରିଅସ୍ ଭାବରେ ନିର୍ମାଣ କରିଥିଲୁ ।

ସ୍ୱରୂପ ଭାଇଙ୍କ ଗୋଟିଏ ପପୁଲାର ଗୀତର ଲାଇନ୍ ଅନୁସାରେ 'ଏ ମନ ମାନେନା' ଶୀର୍ଷକ ରହିଲା । ତେବେ ସ୍ୱରୂପ ଭାଇଙ୍କ ସହ ମୋର ମନୋମାଳିନ୍ୟ ଘଟିଲା । ସ୍ୱରୂପ ଭାଇ ପ୍ରଯୋଜକଙ୍କୁ ମନାଇ ସୁରେଶ ପରିଡ଼ାଙ୍କ ଏକ ଗୀତ ରେକର୍ଡିଂ କରାଇଲେ । ଯାହାକି ଚଳଚ୍ଚିତ୍ରରେ ଅନାବଶ୍ୟକ ଥିଲା । ନିର୍ଦ୍ଦେଶକଙ୍କୁ ମଧ ଏହା ହଟ୍ କଲା । ତେଣୁ ଗୀତଟିକୁ ଆମେ ଚଳଚ୍ଚିତ୍ରରୁ ବାଦ୍ ଦେଲୁ ଏବଂ ଏଡିଟିଂ ସମୟରେ ଅନ୍ୟ ଏକ ଗୀତର ସ୍ଲୋ ଭର୍ସନ୍‌ର ଆବଶ୍ୟକତା ପଡ଼ିଲା ଓ ମୁଁ ଟ୍ରାକ୍‌ରେ ଏହି ଗୀତର ଦୁଇପଦ ଲେଖିଦେଲି । ସ୍ୱରୂପ ଭାଇଙ୍କୁ ନଜଣାଇ ଏହି ଗୀତଟିର ରେକର୍ଡିଂ ହେଲା ଓ ଚଳଚ୍ଚିତ୍ରରେ ସ୍ଥାନିତ ହେଲା ।

ଏହି ଦୁଇଟି କାରଣରୁ ସ୍ୱରୂପ ଭାଇ ମୋ ଉପରେ ଓ ନିର୍ଦ୍ଦେଶକଙ୍କ ଉପରେ ଖପ୍ପା ହୋଇଗଲେ । ସେତେବେଳେ ସୁରେଶ ଭାଇ (ପରିଡ଼ା) ପ୍ରଜାତନ୍ତ୍ର ଖବରକାଗଜର ଚଳଚ୍ଚିତ୍ର ପୃଷ୍ଠାର ସଂପାଦନା କରୁଥାନ୍ତି । ସୁରେଶ ଭାଇ ମୋଠାରୁ ସିନିୟର ଓ ଜଣେ ବିଶିଷ୍ଟ କବି । କିନ୍ତୁ ଦୁଇ ସପ୍ତାହ ବ୍ୟାପୀ ପ୍ରଜାତନ୍ତ୍ର ପୃଷ୍ଠାରେ ମୋର ବ୍ୟକ୍ତିଗତ ଚରିତ୍ର ସଂହାର କରି ଲେଖାମାନ ଛାପିଲେ ଯାହାକି ମତେ ବହୁତ ଦୁଃଖ ଦେଲା । ମାନସିକ ଅବସାଦରେ ମୁଁ ଭାଙ୍ଗି ପଡ଼ିଥିଲି, ଏହି ଘଟଣାରେ ବଂଧୁ ସାମ୍ବାଦିକ ସୂର୍ଯ୍ୟଦେଓ ଓ କବି ସମୀକ୍ଷକ ସମରେନ୍ଦ୍ର ମହାପାତ୍ର ମତେ ବହୁଭାବରେ ଧୈର୍ଯ୍ୟ ନହରାଇବାକୁ ପ୍ରେରଣା ପ୍ରଦାନ କରିଥିଲେ ।

ଅବଶ୍ୟ କିଛିବର୍ଷ ପରେ ସ୍ୱରୂପ ଭାଇ ଓ ସୁରେଶ ଭାଇଙ୍କ ସହ ବଂଧୁତ୍ୱ ପୁଣି ଜମିଗଲା । ବ୍ୟକ୍ତିଗତ ଭାବରେ ମୁଁ କାହାକୁ ଶତ୍ରୁ ବୋଲି ବିବେଚନା କରିନାହିଁ ଏବଂ ଅନ୍ୟର ପ୍ରତିକୂଳ ଚରିତ୍ର ସତ୍ତ୍ୱେ ମୁଁ ସବୁବେଳେ ପ୍ରତିଭାଙ୍କୁ ସମ୍ମାନ ଦିଏ, ସେଥିପାଇଁ ମୋର ଶତ୍ରୁଙ୍କ ସଂଖ୍ୟା ପ୍ରାୟ କମ୍ ।

ତେବେ 'ଏ ମନ ମାନେନା'କୁ କୋର୍ଟର ଦ୍ୱାରସ୍ଥ ହେବାକୁ ପଡ଼ିଲା । ପ୍ରସାଦ ପ୍ରଡକ୍ସନ୍ସ ଟାଣିଲା । ସକଳ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଚଳଚ୍ଚିତ୍ରଟି ମାର୍ଚ୍ଚ ନଅ ତାରିଖ ୨୦୦୭ ମସିହାରେ ସକାଳ ୮.୩୦ରେ କଟକର ଏକ ସିନେମା ହଲ୍‌ରେ ରିଲିଜ୍ କଲା ଓ କୋର୍ଟ ରିଲିଜ୍ ଉପରେ ରହିତାଦେଶ ଜାରି କରିପାରିଲେ ନାହିଁ । (କ୍ରମଶଃ)

## କବିତା.... ଆମ ସମୟର

### ।। ବୋଝ ।।

● ଅକ୍ଷୟ ପାତ୍ର



ସେମାନେ କାଳେ ବୋଝ
କେବେ ବି ବୋଝ ମୁଣ୍ଡେଇ ନଥିବା
ସୁବିଧାଭୋଗୀଙ୍କର !

ଦେଶ ଉପରେ ବି ସେମାନେ ବୋଝ
ଅର୍ଥନୀତିର ନିଅଁ ଗଢ଼େ
ଯଦିଓ ତାଙ୍କ ଶ୍ରମଝାଳ !

ଅଣ୍ଟାରେ ତାଙ୍କ ନଥାଏ ଯୁ'
ବୋହିନେବାକୁ ବୋଝ ନିଜ ସଂସାରର,
ଜୀବନ ହିଁ
ସାବ୍ୟସ୍ତ ହୋଇସାରିଥାଏ କେବେ ହୁଁ
ଏକ ଅଘଟଣ
ପୀଡ଼ାପ୍ରଦ ଅନଟନର !

ବୋହି ବୋହି ବୋଝ
ଅଭାବୀ ସଂସାରର
ଲଡ଼୍‌ଖଡ଼େଇ ଯାଉଥିବା ପାଦ
ଭୋଗେ ବାର ଅନିଭୋଗ ;
କ୍ଷମତାଲିପ୍ସୁଙ୍କ ଗଢ଼ା
ଭଳି ଭଳି ଆର୍ଥିକ ସଂସ୍କାର
ତାଙ୍କ ପାଇଁ କ'ଣ ବା ମାନେରଖିଥାଏ,
ବେକାରୀ ଓ ବେଗାରି ହିଁ
ନିତ୍ୟ ସହଚର !

ବୋଝ ବୋଝ ଆର୍ତ୍ତି ଓ ଆକୁତି ନେଇ
ସେମାନେ ଘୂରିବୁଲନ୍ତି ଦେଶ ଦେଶାନ୍ତର,
ଅଥଚ ଯେଉଁଠି ବି ବସତି ଥାପନ୍ତି
ବିବେଚିତ ହୁଅନ୍ତି ବୋଝ
ବିକାଶୋନ୍ମୁଖୀ ପ୍ରକରଣର !

ଆହା !
କିଏ ଉତାରିଦେବ ଏ ଅସମଞ୍ଜସର ବୋଝ
ମଥାରୁ ତାଙ୍କର ?
କିଏ ଯାଚିଦେବ ତାଙ୍କୁ ସ୍ପର୍ଦ୍ଧା
ତଉଲିବାକୁ ଭାର
ଆପଣା ସ୍ୱାଭିମାନର ?

ସରକାର ?
ମୁଷ୍ଟିମେୟଙ୍କ ମେଦବହୁଳାରେ ପୁଷ୍ଟ
କଥିତ-ଗଣତନ୍ତ୍ରରୁ ଉଦ୍‌ଭୁତ
ଅସ୍ତିତ୍ୱ ଯା'ର ?

♥ ଅଧ୍ୟାପକ ଇଂରାଜୀ ବିଭାଗ
ହିନ୍ଦୋଳ ମହାବିଦ୍ୟାଳୟ
ଖଜୁରିଆକଟା
ଢେଙ୍କାନାଳ-୨୦
(ମୋ) ୮୮୯୫୮୮୪୯୬୦

### ।। ସେଇଆଡ଼େ..ଅଂଧ କୂଅଆଡ଼େ ।।

● ପ୍ରଣୟ ସୁଧା



ସେମାନେ ଯାଇଛନ୍ତି
ସେମାନେ କହୁଥିବା ଜଂଗଲ ଆଡ଼େ
ଯେଉଁଆଡ଼େ ତାଙ୍କର ବୋଲି କିଛି ବି ନଥିଲା
ଅଥଚ ସେମାନେ ଯାଇଛନ୍ତି ସେଇଆଡ଼େ
ଯେଉଁଆଡ଼େ ଜମାରୁ ଯିବାର ହିଁ ନଥିଲା ।

ସେମାନେ ଦଳବାଂଧି
ହୁଏତ ପହଂଚି ସାରିଥିବେ
ଗୋଟେ ଅଂଧକୂଅ ପାଖରେ ।
ନିଜ ଶିରିପାର ବାଃ.. ବାଃ କରୁଥିବେ
ଆଉ ସେ ଅଂଧକୂଅକୁ
ପଙ୍କ ନହେଲେ ପୋଖରୀର
ଠିକଣା ପଚାରୁଥିବେ

ଯେଉଁ କୂଅରେ ରକ୍ତଛଡ଼ା
କେବେ ପାଣି ହିଁ ନଥିଲା
ସେମାନେ ଆହୁରି ଆଗକୁ ଆଗକୁ ଯିବେ
ଇତିହାସ ହୁଏତ ଫେରିବ
ନିଶ୍ୱାସ ସବୁ ଚିତ୍କାର ହୋଇଯାଇ ପାରେ
ଅଥଚ ସେ ଅଟକିବେ ନାହିଁ ।

ନିଜ ଦଳର ଜଂଗଲ ସହ
ଆହୁରି ଜୋର୍‌ରେ ଚାଲିବେ
ସେଇଆଡ଼େ ଯେଉଁଆଡ଼େ
ଜଂଗଲ, ପୋଖରୀ କିମ୍ବା ପଙ୍କ
କେବେବି ନଥିଲା
ରକ୍ତରେ ଠୁଲ୍ ଲୁଲ୍ ଗୋଟେ
ଅଂଧକୂଅ ଛଡ଼ା ।

♥ ଧର୍ମଶାଳା,
ଜାରକା, ଯାଜପୁର
ମୋ: ୮୩୩୯୮୧୮୪୧୧

### ।। ଅଯୋଧ୍ୟା-୧୩ ।।

ଅମରେନ୍ଦ୍ର ମାଧବ ଦାଶ



୧)
ଆଖିକୁ ଦିଶୁ ନଥାଏ
ଅଥଚ, ରାଜନୀତି ନିଆଁରେ ଯିଏ
ଅହରହ ଜଳୁଥାଏ
ସେଇଟା ହିଁ ଅଯୋଧ୍ୟା ।

୨)
କେବେ କିଛି ମାଗେନି
ଆଉ ଯେବେ ବି ମାଗେ
ଆଞ୍ଜୁଳା ଆଞ୍ଜୁଳା ରକ୍ତରେ
ମୁହଁ ପଖାଳେ ଅଯୋଧ୍ୟା ।

୩)
ଗୋଟାଏ ଆସ୍ଥା
ଗୋଟାଏ ବିଶ୍ୱାସ
ଗୋଟାଏ ପ୍ରତିଷ୍ଠା
ଗୋଟାଏ ପ୍ରତୀକର ନାଁ
ଅଯୋଧ୍ୟା ।

୪)
ଦଶନ୍ଧି ଦଶନ୍ଧି ଧରି
ରୁଗ୍‌ରୁଗ୍ ହୋଇ ପୋଡୁଥିବା
ଏକ ଅଶୁଖା ଘା' ଅଯୋଧ୍ୟା ।

♥ ୟୁନିଟ୍-୪,
ଶାସ୍ତ୍ରୀ ନଗର, ପ୍ଲଟ୍ ନଂ-
୧୩୦୨/ଏ (ପ୍ରା),
ଭୁବନେଶ୍ୱର
ମୋ: ୯୪୩୭୩୫୯୯୪୫

### ।। ଶୂନ୍ୟତାଳରେ ନୀଡ଼ର ଠିକଣା ।।

● ହେମନ୍ତ କୁମାର ରାଉତ



ପୁଣ୍ୟ ନଈର ସେପାରି ତାଳରେ
ଖୁଣ୍ଟା ଡାଂଗଡୁଂଗାର ଘର
ଥଣ୍ଟର କରଣୀରେ ଗୋଟିଗୋଟି ସଅଁ କରିଛି
ତାଳପତ୍ରର ଛାଉଣି ତଳେ
ଖାଲି ପିଲାପିଲିଙ୍କ ସଂସାର ।
ଉପରେ ଖୋଲାଖୋଲା ଆକାଶ
କୁଢ଼େଇ ହୋଇପଡ଼େ ଖରା
ଝରଝର ବର୍ଷା ଗାଧୋଇଦିଏ
ତା' କୁନିଛୁଆଙ୍କର ଟିକି ଡେଣାକୁ ।
ସେମାନଙ୍କ ଅଳତାଦିଆ ପାଦରେ
ଫୁରୁଫୁରୁ ପରର ପାଉଁଜି
ଜହ୍ନ ଦେଖାଏ, କିଚିରିମିଚିରି ଗୀତ ଶିଖାଏ
ତା' ଛୁଆଙ୍କର ଜୁଳୁଜୁଳୁ ଆଖିପରି
ସାରାଆକାଶରେ ମିଂଜିମିଂଜି ତାରା ।
ପାପର ନଈରୁ ଥଣ୍ଟଭରି ପାଏ ପାଣି
ଅଂଧକାରର ପଠା ଉପରେ
ନୀରବ କାହାଣୀ
ଫେରିଯାଏ ଗଛଉପରେ ନୀଡ଼ର ଠିକଣା ଥୋଇ ।
ହାଟର ଘୋ' ଘୋ'ରେ ତା'ର କ'ଣ ଅଛି
ସେ'ତ ଚଢ଼େଇଟିଏ
ସେତିକି ପରିଚୟ ତା'ର ।

♥ ବାର୍ହାପୁର, ରାଜନଗର, କେନ୍ଦ୍ରାପଡ଼ା
ମୋ: ୯୯୩୮୬୬୯୬୩୧

### ।। ଶୀତ ଆସିଲେ ।।

● ପ୍ରକାଶ ଚନ୍ଦ୍ର ଦାଶ



ଶୀତ ଆସିଲେ
ବେଶି ମନେପଡ଼େ ଗାଆଁରେ ଥିବା ମୋ ବୋଉ !

ଏଇମିତି ଦିନକର ଶୀତ
ବୋଉ ମଥାରୁ ପୋଛି ଦେଇଥିଲା
ସିନ୍ଦୂର ଓ ହାତରୁ କାଢ଼ି ନେଇଥିଲା
ଦୁଇ ମୁଠା କାଚ ସବୁଦିନ ପାଇଁ ।
ସେଇଦିନୁ କି ଏକ ଅଭିମାନରେ ବୋଉ
ପଡ଼ି ରହିଛି ଗାଆଁରେ ଯେ
ଯେତେ କହିଲେ, ଯେତେ ନେହୁରା ହେଲେ ବି
ସହର ମାଡ଼େ ନାହିଁ ।

କହେ, ସହରର ଶୀତ କୁଆଡ଼େ
ବାପାଙ୍କର ସ୍ମୃତି ବେଶି ବେଶି ବୋହି ଆଣେ
ତା' ଶୀତଳ ହାତରେ ଓ ତା'କୁ
ଜଡ଼ କରିଦିଏ ମୁହୂର୍ତ୍ତକ ମଧ୍ୟରେ ।

ଗାଆଁରେ ବୋଉ ଏବେ ବିତାଉଛି
ଏକ ସନ୍ନ୍ୟାସିନୀର ଜୀବନ ।
କ'ଣ ହେଲା, କ'ଣ ନ ହେଲା
କେଉଁଥିରେ ବି ତା'ର ନାହିଁ ଟିକେ ହେଲେ ମନ ।

ଶୀତ ଆସିଲେ ହିଁ ମନ ତଳେ ଚିନ୍ତାଟିଏ ଘାରେ
କ'ଣ କରୁଥିବ ବୋଉ ଏ ହାଡ଼ଥରା ଶୀତରେ ?
ଭାବୁଥିବ କି ଆଉ
'ଶରୀରରୁ ପ୍ରାଣ କାଢ଼ି ନେଲା ପରେ
ଏ ଶରୀର କାହିଁକି ରହିଛି
ଯେଉଁ ଶୀତ ଲୁଟି ନେଇଛି ମୋର ସର୍ବସ୍ୱ
ସେହି ଶୀତ ମୋତେ ନ ନେଇ କାହିଁକି ରଖିଛି !'

ମୁଁ କାନ୍ଦ କାନ୍ଦ ହୋଇଯାଏ
ଓ ଲଥ୍ କରି ବସିପଡ଼େ ସେଇଠି
ମୋତେ ଲାଗେ-
ପୃଥିବୀର ସବୁ ପୁଅ ଅନାଥ ହୋଇଯାଉଛନ୍ତି
ମୋ ଆଖି ସାମ୍ନାରେ !

♥ ରମାଦେବୀ ନିବାସସ,
ଏସ୍.ବି-୧୪, ଶକ୍ତିନଗର, ରାଉରକେଲା-୧୪
ମୋ: ୯୯୩୮୯୬୩୦୯୪

# ଧ୍ୱନି ପ୍ରତିଧ୍ୱନି

**ବାଲେଶ୍ୱର, ରବିବାର, ୦୫ ଡିସେମ୍ବର, ୨୦୨୧**



## ପ୍ରେମରେ ପ୍ରେମରେ ଗୀତି ....(୨୬)



### ॥ ନୀଳ ତୁମ ନୀଳ ଆଖି ॥

ନୀଳନୀଳ ତୁମ କାନର ଝୁମୁକା
ନୀଳ ତୁମ ନୀଳ ଆଖି,
ନୀଳ ଯଉବନ ତୁମରି ଦେହରେ
ଲହଡ଼ି ଭାଙ୍ଗୁଛି ସଖୀ ।

ତୁମରି ରୂପର ନୀଳ ଦ୍ୱୀପପୁଞ୍ଜେ
ନୀଳ ନିରବତା ଖାଲି,
ନୀଳ ହଂସ କିବା ନୀଳ ଜଳ ଛାଡ଼ି
ଆସିଅଛି ବାଟ ଭୁଲି,
ଅବା ନୀଳ ପଦ୍ମ ମେଲୁଛି ପାଖୁଡ଼ା
ନୀଳ ନଭେ ରବି ଦେଖି ।

ପହଁରୁଛି ନୀଳ ପଣତ ତୁମର
ଟଳିଯାଏ ଯତି ମତି,
ନୀଳ ପରୀ ତୁମେ ନୀଳ ନିରିଜନେ
ଚିରିଦେଇ ଗଲ ଛାଡ଼ି,
ତୁମ ନୀଳ ଦେହେ ନୀଳର ରାଜୁତି
ନୀଳ କି ହୋଇଛ ମାଖି ।

■ ବିପିନ ମହାନ୍ତି

♥ ୩୩, ଗଡ ମହାବୀର ବିହାର, ଗ୍ୟାରେଜ ଛକ, ଭୁବନେଶ୍ୱର-୨ (ମୋ) ୯୮୬୧୧୪୪୯୯୧




## ■ ଆଲୋଚନା ■

# 'ମୁଁତ୍ୱ' ଏକ ଚିନ୍ତା ଉଦ୍ରେକକାରୀ ପ୍ରସଙ୍ଗ

ଦୁର୍ଗା ଚରଣ ଷଡ଼ଙ୍ଗୀ



ମନୁଷ୍ୟ ଏବେ ସୁଦ୍ଧା ବି ନିଜ ଅସ୍ତିତ୍ୱ ସମ୍ପର୍କରେ ସନ୍ଦିହାନ। ଏଇଥିପାଇଁ ଯେ, ଅବର୍ଣ୍ଣନୀୟ ମନୋମୟ ସଂସାରରେ ଉପଲବ୍ଧ ଦୁଇଟି 'ମାୟା' ମଧ୍ୟରୁ ସେ କେଉଁ ଟିକି ଆପଣାଇବ! ଗୋଟିଏ ଦିବ୍ୟସତ୍ତାର ଦୈବିକ ମାୟା ଓ ଅନ୍ୟଟି ଆସୁରିକ ତାମସ ସତ୍ତାର 'ଭୌତିକ ମାୟା'। ଅନନ୍ତକାଳ ଧରି ନିଜକୁ ଈଶ୍ୱର ପୁତ୍ର ଓ ପ୍ରତିନିଧି ଭାବି ଏ ବାମନ ମଣିଷ ମାନେ ଏହି ଦୁଇଟି ଯାକ ସତ୍ତାର ଲୋଭନୀୟ ପ୍ରାପ୍ତି ପାଇଁ ଯେ ଯାହା ଚେତନାଗତ କ୍ରିୟା-ପ୍ରକ୍ରିୟାରେ ଗବେଷଣା ଚଳାଇଛନ୍ତି। ଦିବ୍ୟସତ୍ତାର ଖୋଜା ଲୋଡ଼ା ପଣରେ ସାଧନାରତ ଅନେକାନେକ ଅମୃତ ସନ୍ଧାନୀ ମଣିଷ ଈଶ ପ୍ରାପ୍ତିର ଗହନ ଚୈତନ୍ୟରେ ପ୍ରବେଶ କରି ଏକ 'ବସୁଧୈବ କୁଟୁମ୍ବକମ୍'ର ସାମଗାନରେ ଏ ବସୁଧାକୁ ବାତ୍ସାମୟ କରିଯାଇଛନ୍ତି। ଆଉ କିଛି ମଧ୍ୟ ତାମସ ରସ ବିଳାସରେ ଉନ୍ମତ ହୋଇ ନିର୍ବିକାର ଭାବରେ ପରମାର୍ଥିକ କ୍ରିୟା କଳାପରୁ ବିଚ୍ୟୁତ ପୂର୍ବକ ସଂସାରକୁ ଗହନ ବିଷାଦବୋଧ ଭିତରକୁ ଠେଲି ଦେଇ ଯାଇଛନ୍ତି। ଏବେ ସେଇ ଯନ୍ତ୍ରଣାସିକ୍ତ ତାମସ କ୍ରିୟା ତା ଅବବୋଧକୁ ସଂସାରରେ ସାକାର କରିବା ପାଇଁ ଅସାଧ ଉଦ୍ୟମମାନ ଚଳାଇ ଚାଲିଛି। ଆମେ ଆମ ସାମାନ୍ୟତମ ଅନ୍ତର୍ଚକ୍ଷୁରେ ଦେଖିଲେ ତା'ର ଏକ ସଦ୍ୟତମ ଉଦାହରଣ ପାଇ ପାରିବା। ଗୋଟିଏ ପାଖରେ ଅମୃତସନ୍ଧାନୀ ଯୋଗୀ ଶ୍ରୀ ଅରବିନ୍ଦ, ଅନ୍ୟ ଦିଗରେ ତାମସ ବୈଭବର ଅସୀମ ପିପାସାରେ ପହଁରୁଥିବା ସୁରାସମ୍ରାଟ ବିଜୟ ମାଲ୍ୟା ପରି ଜଣେ ଭ୍ରଷ୍ଟ ପୁରୁଷ। ଏଥିରୁ କେଉଁ ଚରିତ୍ରଟି ଠିକ୍ ତାହା ପାଠକର ବିଚାର୍ଯ୍ୟ! ଏଭଳି ଦୁଇଟି ଦ୍ୱନ୍ଦ୍ୱ ହିଁ ସାଧାରଣର ଚେତନାକୁ ହନ୍ତସନ୍ତ କରି ଚାଲିଛି। ପୂର୍ବରୁ କହିଛି ଯେ, ମଣିଷ ଏବେ ସୁଦ୍ଧା ବି ନିଜ ଅସ୍ତିତ୍ୱ ସମ୍ପର୍କରେ ସନ୍ଦିହାନ। ବିଶ୍ୱ ବ୍ରହ୍ମାଣ୍ଡକୁ ନିଜ ଚେତନା ଆଲୋକରେ ପ୍ରଭାବିତ କରି ଚାଲିଥିବା ତଥା ମଣିଷ ଉପରେ ଆଉ କେହି ନାହିଁ ବୋଲି ଏହି ସତ୍ୟ ସନାତନୀୟ ଆପ୍ତବାକ୍ୟକୁ ମୂର୍ତ୍ତି କରି ପାରିଥିବା ମଣିଷ ଯେ ନିଜକୁ ଅବଧି ସଂଶୟମୁକ୍ତ କରିପାରୁନାହିଁ - ଏହା ତା' ପାଇଁ ଏକ ବର୍ଜନୀୟ ଅପାରଗତା ନୁହେଁ କି ?

ଏବର ମଣିଷ ନିଜକୁ ଯେଉଁ 'ବିଜ୍ଞାନୀ' ହୋଇଥିବାର ବୃଥା ଆସ୍ଫାଳନଟିଏ ଏ ସଂସାରକୁ ଦେଖାଉଛି, ଏହାର ଅୟୁତ ବର୍ଷ ପୂର୍ବରୁ ମଧ ଏହି ମଣିଷ 'ମହାବିଜ୍ଞାନୀ' ଥିଲା!! ସେବେ ଆଧିଦୈବିକ ଗୁଣସୂତ୍ରରେ ମନ୍ତ୍ର ସିଦ୍ଧ ହୋଇ ସେ ମାୟାର ଭେଳିକି ଖେଳକୁ ଆପଣାଇ ସଂସାରକୁ ମଧ ଚକିତ-ଚଞ୍ଚଳ କରିପାରିଥିଲା, ଯାହାର ପରମାର୍ଥିକ ଆବଶ୍ୟକତା ଜରୁରୀ ଥିଲା। ଦ୍ୱନ୍ଦ୍ୱ ରହିତ ସତ୍ୟ ସନାତନର ମନ୍ତ୍ରମୁଗ୍ଧତାରେ ସେ ଦେବାର୍ପିତ ପାଶୁପତ-ବ୍ରହ୍ମାସ୍ତ୍ର ଭଳି ମହାବିନାଶକାରୀ ଅସ୍ତ୍ରଙ୍କୁ ମଧ ଧାରଣ କରିବାରେ ସକ୍ଷମ ହୋଇପାରିଥିଲା। ଏହା ଅଘୋର ତପସ୍ୟାର ଏକ ଅମୃତ ଫଳ। ଏବର ବୈଜ୍ଞାନିକର ଗଣିତ ମଧ ସେହି ଅତୀତ ପରମାର୍ଥିକ ଗବେଷଣାର ଏକ ମିଠାଫଳ ଯଦ୍ୟପି ତାହା ଯଥେଷ୍ଟ ଜ୍ଞାନ ନୁହେଁ। ସେବେଳେ ଏହି ମହାବିନାଶକାରୀ ଅସ୍ତ୍ରମାନଙ୍କୁ ଅହଂ ପ୍ରବଶ-ଆସୁରିକ ପ୍ରକୃତିରେ ରହୁଥିବା ଓ ସଂସାରକୁ ବହୁ ଭାବରେ ଦୁଃଖ ପହଞ୍ଚାଉଥିବା ମହାବଳୀମାନଙ୍କ ଉପରେ ପ୍ରହାର କରାଯାଇ ପୃଥିବୀକୁ ପାପ-ତାପ-ଚାପରୁ ମୁକ୍ତ କରାଯାଇଥିଲା ଅଥଚ ଏବେ ତାହା ଗୋଷ୍ଠୀ-ରାଷ୍ଟ୍ର-ଜାତି ଉଦ୍ଦେଶ୍ୟରେ ଓ ନିଜର ମତ୍ତଗର୍ବ ମାନସିକତାକୁ ନେଇ ଏକଛତ୍ରପତି ହେବା ଆଳରେ ପ୍ରୟୋଗ କରାଯାଉଅଛି। ଦେଶର ସାର୍ବଭୌମ ବିକାଶ-ଦାରିଦ୍ର୍ୟ-କ୍ଷୁଧାକୁ ଅବଦମିତ ନ କରି ବୃଥା ଆସ୍ଫାଳନରେ ନିଜର ଆତ୍ମବଡ଼ିମା ପ୍ରକାଶ ପାଇଁ ଏସବୁ ନରସଂହାରକାରୀ ଅସ୍ତ୍ରମାନଙ୍କୁ ପ୍ରଯତ୍ନ କରି ରଖିବା ଏବେ ରାଷ୍ଟ୍ର ମୁଖ୍ୟମାନଙ୍କର ଏକ ଚିରାଚରିତ ଖେଳରେ ପରିଣତ ହୋଇଗଲାଣି। ଏହି ପ୍ରକାର ମାନସିକତା ପୃଥିବୀ ବିନିଷ୍ଟ ହେବାରେ ଯେ କାରଣ ନ ସାଜିବ ତାହା କିଏ କହିବ?

ମଣିଷର ଅଧର୍ମ-ଅସତ୍ୟ ଜନିତ ଚିନ୍ତା ଉଦ୍ରେକକାରୀ ପ୍ରସଙ୍ଗମାନ କେବେ ଦିନେ ମହାବିନାଶର ସୂତ୍ରପାତ କରିଥାଏ। ଆଜି ସେହି ପ୍ରସଙ୍ଗମାନଙ୍କର ପୁନଃନବୀକରଣ ହିଁ ଚାଲିଛି। କାମନା-ପାଶବିକତା-ଭୁଲାଣ (ଛଦ୍ମ ପଣ) ଓ ଅସମର୍ଥ କ୍ରିୟାକଳାପମାନ ପୃଥିବୀର ଜୈବବିବିଧତାକୁ ନାନାଭାବରେ ନାରଖାର କରିଦେବାରେ ଅବଶ୍ୟ ସମୟକ୍ରମେ ସମର୍ଥ ହୁଏ। ଏହି ଗୁଣସୂତ୍ରରୁ ମୁଁ ବାଦ (ଅହଂତ୍ୱ) ଜନ୍ମ ନିଏ। ପ୍ରାଗ୍ ଐତିହାସିକ ପୃଥିବୀର ପ୍ରଥମ ବିଶ୍ୱଯୁଦ୍ଧ ବୋଧହୁଏ ଦ୍ୱାପର 'ଯୁଗର ମହାଭାରତ' ଯୁଦ୍ଧକୁ ବିବେଚନା କଲେ କିଛି ଭୁଲ୍ ହେବନାହିଁ। କାରଣ ଏହି ଯୁଦ୍ଧରେ ବିଶାଳ ଭାରତ ବର୍ଷର ସମସ୍ତ ରାଜ୍ୟ-ପଡ଼ୋଶୀ ମାଳବ- କାବୁଲ କାନ୍ଦାହାର - ତୁର୍କୀସ୍ଥାନ - ଆରବ ପ୍ରଭୃତି ଦେଶମାନଙ୍କର ରାଜା ଓ ସେମାନଙ୍କର ପଦାତିକ ବାହିନୀ ଗୋଷ୍ଠୀ ବନ୍ଧୁ ସୂତ୍ରେ ଅଂଶ ଗ୍ରହଣ କରିଥିଲେ। ପାଣ୍ଡବ-କୌରବ ଦୁଇ ଭ୍ରାତୃ ଗୋଷ୍ଠୀ ମଧ୍ୟରେ ଦୀର୍ଘକାଳ ଧରି ଲାଗି ରହିଥିବା ନାର୍ଯ୍ୟ ଦାବିର ଅସଫଳ କ୍ରିୟାଜନିତ ମନ୍ଦଫଳରୁ ମହାଭାରତ ଯୁଦ୍ଧର ସୂତ୍ରପାତ ହୋଇଥିଲା। ଏହି ଯୁଦ୍ଧରେ ସେ ସମୟରେ ପ୍ରାୟ ୫ ଲକ୍ଷ ସୈନ୍ୟ-ମହାବଳୀ ଯୋଦ୍ଧା ସେମାନଙ୍କ ଭାଇ ବିରାଦର - ଅସଂଖ୍ୟ ପଶୁ ହାତୀ-ଘୋଡ଼ା-ଓଟ-ରାଜକୀୟ ଥାଟ-ସରଞ୍ଜାମ ଆଦିର ଦୁଃଖଦ ଅନ୍ତ ଘଟିଥିଲା। କେବଳ ମୁଁ ତ୍ୱର ପ୍ରାବନ୍ଧିକରଣ ପାଇଁ ଏ ମହାଭାରତ ଯୁଦ୍ଧ। ଅସୀମ ବଳଶାଳୀ ଯୋଦ୍ଧା ଓ ସେମାନଙ୍କର ସମର କୌଶଳ-ନାନାଦି ବିଧ୍ୱଂସକାରୀ ଅସ୍ତ୍ରଶସ୍ତ୍ର ଏହି ମୁଁ ତ୍ୱର ସ୍ଥାପନା ପାଇଁ ହିଁ ଶେଷରେ ଧୂଳିସାତ୍ ହୋଇଗଲା। କୌରବ କୁଳର ଛତ୍ରପତି ଅସୀମ ଧନୁର୍ଦ୍ଧାରୀ-ବିଚକ୍ଷଣ ସମର ପୁଙ୍ଗବ ଜ୍ୟେଷ୍ଠ-ଶ୍ରେଷ୍ଠ ମହାଭିମାନୀ ଦୁର୍ଯ୍ୟୋଧନ ନିଜର ଅହଂତ୍ୱର ପ୍ରତିଷ୍ଠା ପାଇଁ ସାରା ପୃଥିବୀକୁ କନ୍ଦାଇବାରେ ଆଦୌ ହେଳା କଲେ ନାହିଁ। ଆଜିପରି ଜନବହୁଳ ପୃଥିବୀ ସେବେଳେ ନଥିଲେ ମଧ ପ୍ରାୟ ଅର୍ଦ୍ଧାଧିକ ମଣିଷ ଏହି 'ମହାଭାରତ' ଯୁଦ୍ଧରେ ସେମାନଙ୍କର ଜୀବନ ବିସର୍ଜନ କଲେ। ଏହା ସେ ସମୟର ପୃଥିବୀ ପାଇଁ ଏକ କଳଙ୍କମୟ ତଥା ଲଜ୍ଜାଜନକ ଘଟଣା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ!!

'ମୁଁ'ର ବିସ୍ତାରୀକରଣ ସଂସାରର ପ୍ରାକୃତିକ ପରିବର୍ତ୍ତନର ଏକ ମନ୍ଦ ଆଭାସ। ଯାହା ଏବେ ବଳବତ୍ତର ହୋଇ ପୃଥିବୀର ଜୈବ ବିବିଧତାକୁ କ୍ଷତି ପହଞ୍ଚାଇବା ସହିତ ଆସନ୍ନ ମହାବିନାଶକାରୀ ଯୁଦ୍ଧର ସୂତ୍ରପାତ ଘଟାଇ ଚାଲିଛି। ବିଶାଳ ପୃଥିବୀର ଛତ୍ରେ ଛତ୍ରେ, କୋଣ ଅନୁକୋଣରେ କେଉଁଠି ନା କେଉଁଠି ପ୍ରତ୍ୟହ ଆଣବିକ ସମର ଚାଲିଛି। ପୃଥିବୀ ଜନଶୂନ୍ୟ ହେବାରେ ଲାଗିଛି। ଜାତି-ଧର୍ମ-ଦାରିଦ୍ର୍ୟ-ସୀମାରେଖା-ଅସ୍ତିତ୍ୱ ଏହା ଏକ ଛଳନାପୂର୍ଣ୍ଣ ବିଦ୍ୱେଷ। ପ୍ରକୃତରେ କହିବାକୁ ଗଲେ ଅଧିପତି-ଶାସକ-ନିରଙ୍କୁଶ ଏକଛତ୍ରାଧିପତି ମାନଙ୍କର 'ଅହଂ'କୁ ମୂର୍ତ୍ତ କରିବା ପାଇଁ ଏହା ଏକ ନବ୍ୟ ଉନ୍ମେଷର ଖସଡ଼ା। ଏ ସଂସାର ଆଗରୁ ଥିଲା, ଏବେ ଅଛି, ଆଗକୁ ମଧ ରହିଥିବ। ଏହାର ବିନାଶ ନାହିଁ। ବିନାଶ କେବଳ ହେବ ଆମ 'ମୁଁ'ତ୍ୱ ବାଦର। ସଂସାରର ବିରାଟତା-ଅକଳ୍ପନୀୟ ତା'ର ମହିମା। ମୁଷଳ ଧାରାର ବର୍ଷା ଭୂମିରୁ ସବୁ ଆବର୍ଜନାକୁ ଧୋଇ ନେବା ପରି ସଂସାରର ପ୍ରାକୃତିକ ଗୁଣସୂତ୍ରଟି ସମୟକ୍ରମେ ଏ ସଂସାରର ସବୁ ପାପ-ତାପକୁ ଯେ ଧୋଇନେବ ଓ ନେଇଛି ଏଥିରେ ଦ୍ୱିମତ ନାହିଁ। ମାତ୍ର 'ମାୟା'ର ଅଟୋପରେ ପରିଚାଳିତ ଏ ବାମନ ବିଜ୍ଞାନୀ ମଣିଷ ଏହି କାଳଖଣ୍ଡରେ ଯାହା ଯାହା ଯେପରି ଉତ୍ପାତ କରିଚାଲିଛି ଦିନେନା ଦିନେ ସେ ସବୁର ଅନ୍ତ ଘଟିବ ହିଁ ଘଟିବ ! କେବଳ ପାପ ପାକଳ ହେବାରେ ଯାହା ସମୟ ଲାଗିବ।

ପାଠକେ, ଏଠାରେ ଏତିକି କହି ରଖିବି ଯେ - ପରମ ସତ୍ୟ ପ୍ରତି କୃତଜ୍ଞ ହୋଇ ତା'ର ସମସ୍ତ ସାକାର ଅସ୍ତିତ୍ୱକୁ ଗ୍ରହଣ କରିନେଇ ଏକ ଦିବ୍ୟ ପୃଥିବୀର ପରିକଳ୍ପନା କଲେ କ୍ଷତି ବା କ'ଣ? ଏପରି କଲେ, ଏହା ଅକୁହା ମଣିଷ ପାଇଁ ଏକ ପରମ ସୌଭାଗ୍ୟ ହେବ ବୋଲି ମୋର ବ୍ୟକ୍ତିଗତ ଧାରଣା!!

ଭ୍ରାମ୍ୟଭାଷ : ୯୪୩୮୫୩୫୫୭୭

## ଧାରାବାହିକ ଉପନ୍ୟାସ

# ରାଜନୀତି

ସୃଷ୍ଟିଧର ପରିଡା

♥ ଦେବଶ୍ରୁତି ନିବାସ, ଜେଲରୋଡ, ବାଲେଶ୍ୱର, (ମୋ)୯୪୩୭୦୬୩୭୦୫



**ରାଜନୀତି ପାଇଁ ମଣିଷ କେମିତି ତୁଚ୍ଛ କରିଦିଏ ନିଜ ଘର, ଦ୍ୱାର, ଆତ୍ମୀୟ-ସ୍ୱଜନ, ବଂଧୁ ପରିଜନଙ୍କୁ, ତାହାହିଁ ମୋତେ ଅନେକାଂଶରେ ବିବ୍ରତ କରେ, ଯାହାକୁ ନେଇ ଏଇ ଉପନ୍ୟାସର ସୃଜନ। ଲେଖକଟିଏ ନିଜ ଭିତରେ ଆଶାବାଦର ସ୍ୱପ୍ନଦେଖେ, ପୂରଣ ନହେଲେ ନିରାଶାରେ ବୁଡିଯାଏ ଏବଂ ସେଥିରେ ତା' ସ୍ୱପ୍ନ ଭାଂଗିଯାଏ ଏବଂ ସେ ସେସବୁକୁ ଗୋଟେଇଗାଟେଇ ନିଜ ଲେଖାରେ ଚିତ୍ରରୂପ ଦିଏ, ଏହା ମୋର ବି ପ୍ରୟାସ । - ଲେଖକ**

ଭାଗ-୧୪

(ପୂର୍ବ ପ୍ରକାଶିତ ଉତ୍ତାରୁ..)

ପୁଅର ସବୁ କଥା ଅକାଟ୍ୟ । ପୁଅ ଯେ ତାର ପ୍ରତିଧ୍ୱନି ! ପୁଅ ଭିତରେ ସେଇ ଦ୍ୱନ୍ଦ୍ୱ, ଯାହା ମୌସୁମୀକୁ ଘୁଣପୋକ ପରି ଖାଇ ଚାଲିଛି ଆଜିଯାଏ । କେତେ ନିଛକ ସତ୍ୟ ଓ ବାସ୍ତବ କଥା କହୁଛି ଛୁଆଟା ! ସେତକ ସିଏ ମର୍ମେମର୍ମେ ଉପଲବ୍ଧି କରୁଥିଲା ।

ପୁଅର ମୁଣ୍ଡକୁ ଆଉଁସି ଦେଉଦେଉ ମୌସୁମୀ କହିଲା, ବୁଝିଲୁ ବାପା! ଯେତେବେଳେ ମହାଭାରତ ଯୁଦ୍ଧରେ ବିଜୟୀ ହେବାପାଇଁ ଦୁର୍ଯ୍ୟୋଧନ ଗାନ୍ଧାରୀଙ୍କ ପାଖକୁ ଆଶୀର୍ବାଦ ପାଇଁ ଆସିଥିଲା, ଗାନ୍ଧାରୀ ଦୁର୍ଯ୍ୟୋଧନକୁ ଆଶୀର୍ବାଦ କରି କଣ କହିଥିଲେ ଜାଣୁ ! କହିଥିଲେ - ଯୋଦ୍ଧାର ଧର୍ମ ହେଉଛି ଯୁଦ୍ଧ କ୍ଷେତ୍ରରେ ଯୁଦ୍ଧ କରିବା । ଯୁଦ୍ଧକ୍ଷେତ୍ର ହେଉଛି ଧର୍ମକ୍ଷେତ୍ର । ଏହି ଧର୍ମକ୍ଷେତ୍ରରେ କେବଳ ଧର୍ମର ହିଁ ଜୟ ହୋଇଥାଏ । ତୁ ଯା', ତୋ ପାଖରେ ଯଦି ନୀତି ଆଦର୍ଶ ଓ ଧର୍ମ ଥିବ, ତେବେ ତୁ ନିଶ୍ଚିତ ବିଜୟୀ ହେବୁ। ସବୁବେଳେ ସତ୍ୟ ଓ ଧର୍ମର ହିଁ ଜୟ ହୁଏ । ମୁଁ ବି ତୋ କଥାକୁ ଅସ୍ୱୀକାର କରୁନାହିଁ । ତୁ ଯାହା କହୁଛୁ ସବୁ ସତ । ଆଉ ମୁଁ ବି ଖୁସି ଯେ ମୋ ପୁଅକୁ ଧର୍ମର ମାର୍ଗ ଦେଖେଇବା ଆବଶ୍ୟକ ପଡିବନାହିଁ । ବରଂ ସିଏ ଆମକୁ ମାର୍ଗଦର୍ଶନ କରେଇବ । ଆମେ ଭାଗ୍ୟବାନ୍ ଯେ ତୋ ଭଳି ଗୋଟେ ଏତେ ଭଲ ଚିନ୍ତାଧାରା ସମ୍ପନ୍ନ ପିଲାଟିଏ ପାଇଛୁ । ତୁ ହେଲୁ ଆମର ପ୍ରକୃତ ପରିଚୟ। ତଥାପି ବି ବାବା, ବାପାଙ୍କ ପ୍ରତି ତୋ ଭିତରେ ଥିବା ବିଦ୍ୱେଷକୁ ଦୂର କରିଦେଲେ ଭଲ । ଯାହା ହେଲେ ବି ସେ ତୋ ବାପା । ତାଙ୍କ ପ୍ରତି ତୋର ସମ୍ମାନ ହିଁ ତୋର ଉଦାରତା ।

କିଛି କହିଲା ନାହିଁ ଅଭିଷେକ । ସେ ଜାଣେ ମା'କୁ ତା' କଥା ଭଲ ଲାଗିଲେ ବି ସେ ବାପାଙ୍କ ବିରୋଧରେ ଯିବାକୁ ଦେବନାହିଁ । ଯେମିତି ହେଲେ ତାକୁ ବାପାମା'ଙ୍କ ପ୍ରତି ଥିବା ଦାୟିତ୍ୱ ପ୍ରସଙ୍ଗ ଭିତରକୁ ସେ ନେବ । ମା'କୁ କିଛି କହିଲାନାହିଁ ସେ ।

ଅନେକ ସମୟରେ କୋଠରୀରେ ଏକାଏକା ବସି ନିଜକୁ ନିଜେ ଅନେକ ପ୍ରଶ୍ନ କରେ ଅଭିଷେକ । ଉତ୍ତର ପାଇବାକୁ ଚେଷ୍ଟା କରେ । ବହୁ ପ୍ରଶ୍ନ ତା' ମନକୁ ଆନ୍ଦୋଳିତ କରେ । ବାପାଙ୍କ ଭଳି ରାଜନେତାମାନେ କଣ ଏ ଦେଶର ଦୁର୍ଭାଗ୍ୟକୁ ସୁଧାରି ପାରିବେ? ଦେଶରେ ଶାନ୍ତି, ଶୃଙ୍ଖଳା, ଏକତା ବଜାୟ ରଖି ପାରିବେ? ଏକ ଦୁର୍ନୀତିମୁକ୍ତ ସମାଜ ଗଠନ କରି ଧନୀ ଗରିବ ମଧ୍ୟରେ ଉଠିଥିବା ପ୍ରାଚୀରକୁ ଭାଙ୍ଗି ପାରିବେ?

ନା, ନିଜ ପ୍ରଶ୍ନର କୌଣସି ସନ୍ତୋଷ ଜନକ ଉତ୍ତର ନଥିଲା ତା' ପାଖରେ । ସେ ଦୃଢ଼ ନିଶ୍ଚିତ ହେଉଥିଲା ଯେ ଏସବୁ ପାଇଁ ଦାୟୀ ଆମ ଦେଶର ତ୍ରୁଟିପୂର୍ଣ୍ଣ ନିର୍ବାଚନ ପଦ୍ଧତି ଓ ପ୍ରଚଳିତ ବ୍ୟବସ୍ଥା । ମୁଖ୍ୟତଃ ତା' ବାପାଙ୍କ ଭଳି ନେତାମାନେ ଦୁର୍ନୀତି ଓ ଭ୍ରଷ୍ଟାଚାର କରିବାରେ ସୁଯୋଗ ସୃଷ୍ଟି କରିଥାନ୍ତି । ଦୁର୍ନୀତିର ସ୍ରୋତ ଏହି ନିର୍ବାଚନ ପ୍ରକ୍ରିୟାରୁ ହିଁ ଆରମ୍ଭ ହୋଇଥାଏ । ଏହି ଭୋଟ ରାଜନୀତି ହିଁ ଆଜି ସାମାଜିକ, ରାଜନୈତିକ ଆଉ ସାଂସ୍କୃତିକ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ପଙ୍ଗୁ କରିଦେଇଛି। ଯାହାର ଫଳ ସ୍ୱରୂପ ଆଜି ଗଣତନ୍ତ୍ରର ଏ ବୀଭତ୍ସ ରୂପ !

ଏ ସବୁ କଥା ଭାବୁଭାବୁ ତା'ର ମନେ ପଡୁଥିଲା ପିଲାଦିନ । ଯେତେବେଳେ ସେ ଛୋଟ ଥିଲା କେତେ ସୁନ୍ଦର ଥିଲା ତା' ଗାଁ । ଜେଜେ ଆଉ ସନିଆ ଜେଜେ କେତେ ସାଙ୍ଗ ହେଉଥିଲେ । ଏକାଠି ବିଲକୁ ଯାଉଥିଲେ । ବିଲରେ ହରିଆ ଦେଠେଇ, ମଙ୍ଗୁଦାଦି, ବଳିଆ ଦାଦି, କାହ୍ନୁଦାଦି, ଗୋଲିଆଇ ମିଶି କାମ କଲାବେଳେ ସାନ ବଡ଼ ଜାତି ଅଜାତିର କୌଣସି ଭେଦ ନଥିଲା । କେହି କହୁନଥିଲେ କାହ୍ନୁଦାଦି ଛୋଟ ଜାତିର ଲୋକ କି ସନିଆ ଜେଜେ ବ୍ରାହ୍ମଣ ଲୋକ । ଏକାଠି ଥଟ୍ଟାମଜା କରିବା ଠୁଁ ଆରମ୍ଭ କରି ହସଖୁସିରେ ବେଳ କଟିଯାଉଥିଲା । ଯେତିକି ଦିନ ଛୁଟିରେ ସିଏ ଭୁବନେଶ୍ୱରରୁ ଆସି ଗାଁରେ ରହୁଥିଲା, ସେତିକି ଦିନ ତାକୁ ଲାଗୁଥିଲା ଗାଁଟା ସ୍ୱର୍ଗ । ମଧୁଭାଇ ସାଙ୍ଗରେ ସ୍କୁଲ ପାଖ ନାୟକଘର ଆମ୍ବବଗିଚାରୁ ଆମ୍ବ ଚୋରୀ କରୁଥିଲା । ଗାଁକୁ ଠାକୁରାଣୀ ଆସିଲାବେଳେ କି ଯାତ୍ରା ! ସମସ୍ତଙ୍କ ଘରେ କୁଣିଆ । ସେତେବେଳେ ବଡପିଇସୀନାନୀ ଝୁମାଦି ଆଉ ବାପୁନୁ ଭାଇକୁ ସାଙ୍ଗରେ ନେଇ ଆସୁଥିଲା । ସାନ ପିଇସୀନାନୀ ସାଙ୍ଗରେ ଖୋକନ୍ । କେତେ ମଜା । ଠାକୁରାଣୀ ପୂଜା ପରଦିନ ଘରେ ମାଂସଭୋଜି । ହେଲେ ଏବେ ?

କେହି ଆଉ ଆସନ୍ତିନି । କେବଳ ରାଜନୀତି ପାଇଁ ଆଉ କେହି ଆସନ୍ତିନି । ବଡ ପିଇସାଙ୍କ ସାଙ୍ଗରେ ବାପାଙ୍କର ପଡେନି । ତାର କାରଣ ମନ୍ତ୍ରୀ ବିଜୟାନନ୍ଦଙ୍କୁ ତାଙ୍କ ଗାଁରୁ ଭୋଟ ମିଳିନଥିଲା । ତାଙ୍କ ଗାଁର ଜଣେ ମୁଖିଆ ଭାବରେ ପିଇସା ଜଣାଶୁଣା । ବାପା ପିଇସାଙ୍କୁ ସିଧାସଳଖ ଦୋଷ ଦେଲେ । କହିଲେ ତମେ ମୋ ଭବିଷ୍ୟତକୁ ଚାହିଁଲନି । ତମ ସାଂଗରେ ମୋର କି ସମ୍ପର୍କ ? ସାନ ପିଇସା ତାଙ୍କ ଗାଁରେ ଗୋଟେ ଟିଓ୍ୱେଲ ବସା କାମନେଇ ଆସିଥିଲେ ବାପାଙ୍କ ପାଖକୁ । ମନ୍ତ୍ରୀ କେବଳ ଦସ୍ତଖତଟିଏ କରିବେ ଦରଖାସ୍ତରେ । ହେଲେ କଲେନି । କହିଲେ ସେଠି ଟିଓ୍ୱେଲ ବସେଇଲେ ଅପୋଜିଟ୍ ପାର୍ଟି ବାଲା ଫାଇଦା ପାଇବେ । ଆମ ଦଳ ଓ ପାର୍ଟି ଲୋକର କୌଣସି ଉପକାରରେ ଆସିବ ନାହିଁ । ସାନ ପିଇସା ଯେତେ କହିଲେ ବି ବାପା କିନ୍ତୁ ମନ୍ତ୍ରୀଙ୍କୁ ବିରୋଧ କରିପାରିଲେନି କି ଟିଓ୍ୱେଲ ପାଇଁ ଦାବି ବି କରିପାରିଲେନି । ସାନ ପିଇସା ବାପାଙ୍କୁ କହିଲେ ବିଜୟାନନ୍ଦର ଚାମ୍‌ଚା । ଏଇ କଥାକୁ ନେଇ ପାଟିତୁଣ୍ଡ, କଳି ତକରାଳ । ଏବେ ସମସ୍ତଙ୍କ ସହିତ ସମ୍ପର୍କ ଏକ ପ୍ରକାର କଟିଯାଇଛି କହିଲେ ଚଳେ ।

ଖାଲି ବନ୍ଧୁବାନ୍ଧବ ନୁହନ୍ତି ଗାଁର ଲୋକମାନେ ବି ତାଙ୍କ ରାଜନୀତିକୁ ନେଇ ଚର୍ଚ୍ଚା କରନ୍ତି । ଚାରିଆଡ଼େ ବାପାଙ୍କ ରାଜନୀତିର ଚର୍ଚ୍ଚା ବିଷୟବସ୍ତୁ ପାଲଟି ଯାଇଛି । ମୁଖ୍ୟତଃ ରାଜନୀତି ନାଁରେ ଯୁବପୀଢ଼ିକୁ ବାପାଙ୍କ ଭଳି ରାଜନେତାମାନେ ପଥଭ୍ରଷ୍ଟ କରି ଫାଇଦା ଉଠାଉଛନ୍ତି । ସେମାନେ ସମସ୍ତେ ଆଜି ଉଦ୍‌ଭ୍ରାନ୍ତ ଓ ଦିଶାହୀନ । ଏହି ଯୁବକମାନଙ୍କୁ ବାପାଙ୍କ ଭଳି ରାଜନେତାମାନେ ମଦ, ମାଂସ ଓ ଅର୍ଥ ଦେଇ ପଙ୍ଗୁ ଆଉ ପାଗଳ କରି ଦେଲେଣି । ସେମାନେ ନେତାମାନଙ୍କ ଠାରୁ ମଦ ମାଂସ ଟଙ୍କା ଖାଇ ସବୁପ୍ରକାର ନୀତିହୀନ କାର୍ଯ୍ୟ କରିବାପାଇଁ କୁଣ୍ଠିତ ହେଉନାହାନ୍ତି । ସାଧାରଣ ଲୋକଙ୍କ ମନରେ ଅନେକ ପ୍ରଶ୍ନ ଆଜି । କିଏ କହେ ଟଙ୍କା ବାଣ୍ଟିବାଣ୍ଟି ଟଙ୍କାର ଭେଲ୍ୟୁ କମେଇ ଦେଲେଣି ନେତାମାନେ ତ କିଏ କହୁଛି ଯୁବକମାନଙ୍କର ବିଚାର ଶକ୍ତିକୁ ହରଣ କରିନେଲେଣି । ଛାତ୍ରଙ୍କୁ ସାଇକେଲ୍ ଆଉ ଲୋକଙ୍କୁ ଟଙ୍କାକିଆ ଚାଉଳ ଦିଆଯାଇ କର୍ମକୋଢ଼ି ମେଣ୍ଢା ବନେଇ ଦେଇଛନ୍ତି ଆଜିର ନେତାମାନେ । ଭାତ ସାଙ୍ଗରେ ଡାଲି ଅଣ୍ଡାକୁ ଦେଇ ସ୍କୁଲରେ ବି ରାଜନୀତି ଭର୍ତ୍ତି କରିଦେଲେଣି । ଆଜି ପାଠଘର ଶୂନ୍ । ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ବିଭିନ୍ନ ପ୍ରତିଯୋଗିତା ମୂଳକ ପରୀକ୍ଷାରେ ମେଧାବୀ ପିଲାମାନଙ୍କର ସଂଖ୍ୟା କମିବାରେ ଲାଗିଛି ।

ମିଛ ନୁହେଁ, ଲୋକେ ସତ କହୁଛନ୍ତି । ଏସବୁ କଥା ଚିନ୍ତା କରିକରି ଅଭିଷେକ ଅସ୍ଥିର ହୋଇ ପଡୁଥିଲା । ଭାବୁଥିଲା ଦେଶ ଆଉ ରାମରାଜ୍ୟ ହେବନାହିଁ ବରଂ ରାବଣ ରାଜ୍ୟ ପାଲଟିଯିବ । ଲୋକମାନଙ୍କର ପ୍ରଗତି ଉନ୍ନତି କରିବା ବଦଳରେ ବାପାଙ୍କ ଭଳି ରାଜନେତାମାନେ ସାଧାରଣ ଜନତାଙ୍କ ବୁଦ୍ଧି ବିବେକକୁ ମାଙ୍କଡା ପଥରରେ ପରିଣତ କରିଦେବେ । ନହେଲେ ଗୋଟିଏ ଦେଶର ଯୁବସମାଜ ସ୍ୱପ୍ନ ଦେଖନ୍ତା ନାହିଁ ! ଅନ୍ୟ ହାତରେ କଣ୍ଢେଇ ହୋଇ ନାଚିବାକୁ । ଯେଉଁ ଦେଶର ଲୋକଙ୍କ ଭିତରେ ସ୍ୱପ୍ନ ନାହିଁ, କଳ୍ପନା ନାହିଁ ସେ ଦେଶ କଣ କେବେ ଉନ୍ନତି କରିପାରିବ ? ଯେଉଁ ଦେଶର ନେତା କେବଳ ଭୋଟ ରାଜନୀତି ପାଇଁ ସ୍ୱପ୍ନ ଦେଖନ୍ତି, ସେମାନେ କଣ ବୁଣିପାରିବେ କାହା ଭିତରେ ନୂଆ ସ୍ୱପ୍ନ, ପ୍ରଗତି ଓ ଉନ୍ନତିର ବୀଜ? ବୀଜ ବୁଣିଲେ ସିନା ସ୍ୱପ୍ନର ଅଙ୍କୁରୋଦ୍‌ଗମ୍ କଥା ଆସିବ !

॥ ୭ ॥

ବିଧାନସଭାର ଅଧିବେଶନ ଦିନ ସ୍ଥିର ହୋଇ ଯାଇଥିଲା।

ମୌସୁମୀ ଓ ଓଁକାରନାଥ ଉଭୟେ ଆସି ପହଞ୍ଚିଥିଲେ ଭୁବନେଶ୍ୱରରେ। ବିଧାନସଭାର ପ୍ରଥମ ଦିନରେ ସବୁ ସଦସ୍ୟଙ୍କ ଭଳି ଓଁକାରନାଥ ମଧ୍ୟ ଶପଥ ନେଇଥିଲେ । ଓମ୍‌ଙ୍କର ଶପଥ ପାଠକୁ ବିଧାନସଭା ଗ୍ୟାଲେରୀରେ ବସି ଦେଖିଥିଲା ମୌସୁମୀ । ତାକୁ ଖୁସି ଲାଗିଥିଲା । ସେ ଭୁଲି ଯାଇଥିଲା ଯେ ରାଜନୀତି ତାକୁ ଭଲ ଲାଗେନାହିଁ ବା ପଦପଦବୀକୁ ସେ ଘୃଣା କରେ । ବରଂ ଲାଗିଥିଲା ତା' ସ୍ୱାମୀଙ୍କର ବହୁଦିନର ସ୍ୱପ୍ନ ପୂରଣ ହୋଇଛି, ଏଣିକି ସେ ଅନ୍ତତଃ ମୁକ୍ତ । ଯା'ପରେ ଓମ୍‌ଙ୍କ ରାଜନୈତିକ ସ୍ଥିତି ପାଇଁ ତାକୁ ଆଉ ନିଜ ବିବେକକୁ ବଳି ଦେବାକୁ ଅନ୍ତତଃ ପଡିବନି ।

ବିଧାୟକ ହେବା ପରେ ବଢ଼ିଯାଇଥିଲା ଓଁକାରନାଥଙ୍କର ବ୍ୟସ୍ତତା । ତାଙ୍କୁ ମିଳିଯାଇଥିଲା ସରକାରୀ କ୍ୱାର୍ଟର । ଗାଁ ଛାଡି ଏଣିକି ଅନେକ ସମୟରେ ସେ ସରକାରୀ କ୍ୱାର୍ଟରରେ । ନିର୍ବାଚନ ମଣ୍ଡଳୀର ଲୋକେ ବି ପହଞ୍ଚିଯାଉଥା'ନ୍ତି ତାଙ୍କ ପାଖରେ। ରାଜନୀତିକୁ ଘୃଣା କରୁଥିବା ମୌସୁମୀ ଏବେ ସନ୍ଧି କରିସାରିଲେଣି ରାଜନୀତି ସହିତ । ସେ ବି ଓମ୍‌ଙ୍କ ସହ ପ୍ରାୟତଃ ରହୁଥାଏ ଭୁବନେଶ୍ୱରରେ । କିନ୍ତୁ ଗାଁରେ ଏକା ରହୁଥାଏ ଅଭିଷେକ ସାନମା' ଆଉ ସାନବାପାଙ୍କ ତତ୍ତ୍ୱାବଧାନରେ । ଅଭିଷେକ ବଡ ହୋଇଗଲାଣି, ନିଜ କଥା ନିଜେ ବୁଝିବାରେ ସକ୍ଷମ ହେଲାଣି, ଏଇ ଆଶ୍ୱାସନା ନେଇ ମୌସୁମୀ ଏବେ ରାଜଧାନୀରେ । ଏଠି ନରହିଲେ ହୁଏତ ଓମ୍ ବାଟବଣା ହୋଇଯିବେ, ଏଇଥିଲା ତା'ର ଭୟ । ରାଜଧାନୀର ରହଣୀ ଭିତରେ ରାଜନୀତିର ପ୍ରକୃତ ରଙ୍ଗ କ'ଣ ଦେଖିପାରୁଥିଲା ମୌସୁମୀ ।

ଭୁବନେଶ୍ୱରରେ ରହିବା ପରଠୁ ଓଁକାରନାଥ ଆହୁରି ଘନିଷ୍ଠ ଓ ନିଜର ହୋଇଯାଇଥିଲା ବିଜୟାନନ୍ଦ ବାବୁଙ୍କର। ପ୍ରତିଟି କ୍ଷେତ୍ରରେ ଓ ପ୍ରତି ମୁହୂର୍ତ୍ତରେ ବିଜୟାନନ୍ଦବାବୁ ଖୋଜୁଥିଲେ ଓଁକାରନାଥଙ୍କୁ। ଓଁକାରନାଥ ଏଣିକି ବିଜୟାନନ୍ଦଙ୍କର ଡାହାଣହାତ ।

ରାତ୍ରିର ବିଳମ୍ବିତ ମୁହୂର୍ତ୍ତ ଓଁକାରନାଥ କଟାଇ ଦେଉଥିଲେ ବିଜୟାନନ୍ଦ ବାବୁଙ୍କ ବାସଭବନରେ। ବିଜୟାନନ୍ଦ ଅବିବାହିତ । ସଂସାର ନାହିଁ, ସାରା ସଂସାର ତାଙ୍କ ନିଜର । ଯୋଉଠି ଚାହିଁବେ ସେଠି ସଂସାର ଭାବି ରାତିଟିଏ ଅଟକିଗଲେ ବାଧାନାହିଁ, ବରଂ କୃତକୃତ୍ୟ ହୋଇଯାନ୍ତି ତାଙ୍କୁ ରାତିଟିଏ ପାଇଥିବା ଲୋକଟି । କହନ୍ତି ସୁଦାମାଙ୍କ ଘରେ ସ୍ୱୟଂ କୃଷ୍ଣ ! ବିଜୟାନନ୍ଦଙ୍କ ଘରର ଦ୍ୱାର ମୁହଁ ସବୁବେଳେ ସମସ୍ତଙ୍କ ପାଇଁ ମେଲା । ପ୍ରତିଦିନ ରାତିରେ ବିଜୟାନନ୍ଦଙ୍କ ଘରେ ପାର୍ଟି ମିଟିଂ ନାଁରେ ଆସର ଜମେ । ଅତ୍ୟଧିକ ମଦ୍ୟପାନ କରି ନିଶାରେ ଝୁମିଝୁମି ବିଳମ୍ବିତ ରାତିରେ ଘରକୁ ଆସନ୍ତି ଓମ୍ । ମୌସୁମୀ ବି ଏଣିକି ନିଜ ମନକୁ ବୁଝାଇ ଦେଇଥିଲେ ଯେ, ସେ ଓମ୍‌ଙ୍କୁ ଆଉ ମଦ୍ୟପାନରୁ ନିବୃତ କରିପାରିବେ ନାହିଁ। ତେଣୁ ଆଗଭଳି ଆଉ ବିରକ୍ତି ହେଉନାହିଁ ମୌସୁମୀ । ସବୁଥିରେ ସାଲିସ୍ କରିନେବାର ପ୍ରବଣତା ଆସିଗଲାଣି ତା' ଭିତରେ ।

ଓମ୍‌ଙ୍କ ସହ ମଝିରେ ମଝିରେ ବିଧାନସଭାକୁ ବୁଲି ଯାଉଥିଲେ ମୌସୁମୀ। ପ୍ରେସ୍ ଗ୍ୟାଲେରିରେ ବସି ବିଧାନସଭାର କାର୍ଯ୍ୟକ୍ରମ ଦେଖ । ପ୍ରତ୍ୟେକ ବିଧାୟକମାନଙ୍କର ଯୁକ୍ତି, ଭାଷଣ, ଆରୋପ ଓ ପ୍ରତିଆରୋପକୁ ଶୁଣନ୍ତି । ବିଧାୟକ ମାନଙ୍କର ଅନାବଶ୍ୟକ ଯୁକ୍ତି ଶୁଣି ବେଳେବେଳେ ଅତିଷ୍ଠ ହୋଇପଡୁଥାନ୍ତି ମୌସୁମୀ। ମନେମନେ ଭାବନ୍ତି ଯେଉଁମାନେ ସାଧାରଣ ଲୋକଙ୍କର ତ୍ରାଣକର୍ତ୍ତା ସାଜିଛନ୍ତି ଏମାନଙ୍କର ସ୍ୱଭାବ ଯଦି ଏପରି ହୁଏ, ତେବେ ଏମାନେ କିପରି ସାଧାରଣ ଲୋକଙ୍କର ସେବା କରିବେ ?

ବିଧାନସଭା ପରିସରରେ ମୁହାଁମୁହିଁ ହେବା ଅବସରରେ ଥରେ ତାଙ୍କ ବାସଭବନକୁ ନିମନ୍ତ୍ରଣ କଲେ ବିଜୟାନନ୍ଦ । କହିଲେ ରାତ୍ରୀ ଭୋଜନ ପାଇଁ ଆଜି ଦୁହିଁଙ୍କୁ ଅପେକ୍ଷା କରିବି ।

(କ୍ରମଶଃ)

## ଅଣୁ ଗଳ୍ପ

# ତେଲ ଦର କମା ଭେଳିକି

ଡାଃ ସୁରେନ୍ଦ୍ର ନାଥ ଦାଶ



ସକାଳୁ ସକାଳୁ ଦଣ୍ଡଧାରୀ ବାବୁ ହାଇଟେକ ବାବାଙ୍କ ପାଖରେ ଧାଇଁ ସଇଁ ହୋଇ ପହଞ୍ଚିଗଲେ। ମନଟା ଖୁସିରେ ଉଛୁଳି ପଡୁଥାଏ। ସେତେବେଳକୁ ହାଇଟେକ ବାବା ନିଜ ଶିଷ୍ୟ ମାନଙ୍କ ସହ ନଗର ଭ୍ରମଣରେ ଥାଆନ୍ତି। ଦଣ୍ଡଧାରୀ ବାବୁ ତାଙ୍କ ପାଖରେ ପହଞ୍ଚି ମୁଣ୍ଡିଆ ଟିଏ ପକାଇ ଠିଆ ହେଲେ। ହାଇଟେକ ବାବା ବାବୁ ଙ୍କ ପ୍ରକୃତି ଜାଣନ୍ତି। କୋଉଁଠି ଟିକିଏ ସୋରିଷ ଟା ଫୁଟିଲେ ସେ ଅନ୍ୟ ଆଗରେ ନ କହିଲା ଯାକେ ସ୍ଥିର ହୋଇ ପାରନ୍ତି ନାହିଁ। କହିଲେ, "ବାବା ଜବର ଖବର ଟିଏ! ଶେଷରେ ସରକାର ତେଲ ଦର କମାଇଲେ। ବର୍ଷାଧିକ କାଳ ବଢ଼ି ପାଣି ମାଡ଼ିଲା ଭଳି ଦର ବଢୁଥିଲା। ପ୍ରତିଦିନ କିଛି କିଛି ବଢ଼ିଲା। ୧୨୦ ଟଙ୍କା ପାଖା ପାଖି ପାଖି ହୋଇଗଲା। ଲୋକେ ନୟାନ୍ତ ହୋଇଗଲେ। ବସ ବାଲା ମୁଣ୍ଡରେ ହାତ ଦେଇ ବସିଲେ। ଅନେକ ଗାଡ଼ି ଚଢ଼ା ଛାଡିଦେଲେ।

ତେଲ ଦର ବଢ଼ିବାରୁ ସବୁଦର ଆକାଶ ଛୁଆଁ ହେଲା। କରୋନାରେ ଲୋକଙ୍କର ଅଣ୍ଟା ଭାଙ୍ଗିଲା ପରେ ସେମାନେ ହତାଶ ହୋଇଗଲେ। ହଟାତ କେନ୍ଦ୍ର ସରକାର ଓ ରାଜ୍ୟ ସରକାର କିଛିଟା ଦର କମାଇ ଲୋକଙ୍କୁ ଆଶ୍ୱସ୍ତି କରିବାର ଚେଷ୍ଟା କଲେ। କାଲି ମଧ୍ୟ ରାତିରୁ ପେଟ୍ରୋଲ ଓ ଡିଜେଲ ଦର କମିଛି। ଏହି ଖବର ଦେବା ପାଇଁ ମୁଁ ଧାଇଁ ଆସିଛି।

ବାବା ଗମ୍ଭୀର ହୋଇ କହିଲେ, "ସବୁ ମାୟାରେ ବାୟା। ଏ ରାଜନେତାଙ୍କ ମାୟା ନାରାୟଣ ବି ବୁଝିପାରିବେ ନାହିଁ। ତୁମେ ଜାଣିଥିବ ଅନେକ ଦୋକାନୀ ବେଳେ ବେଳେ ରିହାତି ଘୋଷଣା କରନ୍ତି। ମୂଳ ଦର ବଢାଇ ଲୋକଙ୍କୁ ରିହାତି ନାଁରେ ଭକୁଆ ବନାନ୍ତି। ଆକାଶ ଛୁଆଁ ଦରରୁ କିଛିଟା ଆଶ୍ୱସ୍ତି ପ୍ରଦାନରେ ଲୋକ ମାନେ ଖୁସିଥିଲେ ମଧ୍ୟ ତାହା ବାସ୍ତବିକ ଆଶ୍ୱସ୍ତି ନୁହଁ,ବରଂ ତାହା ଆପେକ୍ଷିକ କମିବା।

ଏ ବିଷୟରେ ଗୋଟିଏ ଗପ ଅଛି। ଜଣେ ଲୋକର ଗୋଟିଏ ମାତ୍ର କୋଠରୀରେ ପାଞ୍ଚ ପ୍ରାଣୀ ବଡ କଷ୍ଟରେ ରହୁଥିଲେ। ଲୋକଟି ନିଜର ଦୁଃଖ ତା ଗୁରୁ ଙ୍କୁ ଜଣାଇଲା। ଗୁରୁ କିଛି ସମୟ ଭାବି କହିଲେ, "ବସ୍ ତୁମେ ଆଉ ଜଣକୁ ସେ କୋଠରୀରେ ରଖ।" ତାପରେ ସେ ପଚାରିଲେ, "ଏବେ କିପରି ଲାଗୁଛି?"..."କଷ୍ଟ ବଢି ଯାଇଛି,..."ଲୋକଟି କହିଲା। "ତାହାହେଲ ଆଉ ଜଣକୁ ପୁରାଅ"। ଏମିତି ଆଉ ପାଞ୍ଚଜଣ ଲୋକଙ୍କୁ ସେ କୋଠରୀରେ ରଖାଗଲା। ଲୋକଟି କଷ୍ଟରେ ଅତିଷ୍ଠ ହେଲା। ହେଲେ ଗୁରୁ ଙ୍କ ଆଜ୍ଞାକୁ ଅମାନ୍ୟ କରୁ ନଥାଏ। କିଛି ଦିନ ଗଲାପରେ ଗୁରୁ ଆଜ୍ଞା ଦେଲେ, "ଏବେ ଜଣକୁ କାଢ।" ଲୋକଟି ଜଣକୁ କାଢିଲା। କହିଲା,"ଟିକେ କଷ୍ଟ କମିଲା।" ଏମିତି ପାଞ୍ଚଜଣଙ୍କୁ କଢା ଗଲା। ଲୋକକୁ ଖୁବ ଆଶ୍ୱସ୍ତି ଲାଗିଲା। ସେ ଗୁରୁ ଙ୍କୁ କହିଲା, "ଏବେ ବେଶ ଭଲ ଲାଗୁଛି।"

ଗୁରୁ ତାକୁ ଆଶୀର୍ବାଦ କରି ବିଦାୟ ଦେଲେ। ସରକାର ସେହିପରି ୪୦ ଟଙ୍କା ପେଟ୍ରୋଲ କୁ ବିଭିନ୍ନ ଟିକସ ବସାଇ ଦରକୁ ଶହେ ପାର କରାଇ ବେଶ କିଛି ଦିନ ଲୋକଙ୍କୁ ଲୁଟିଲେ। ଲୋକଙ୍କ ଟଙ୍କାକୁ ଦାନୀ କର୍ଣ୍ଣ ଭଳି କାଳିଆ ବଳିଆ ଯୋଜନାରେ ବାଣ୍ଟିଲେ। ଆଗକୁ ନିର୍ବାଚନ। କୃଷକ ମାନଙ୍କ ଆନ୍ଦୋଳନ ଯୋଗୁ ବିଜେପିର ଅବସ୍ଥା ଭଲ ନାହିଁ। ବିଭିନ୍ନ ଉପନିର୍ବାଚନରେ ଦଳ କ୍ରମାଗତ ହାରୁଚି। ରାଜ୍ୟ ସରକାର ପାଇଁ ମଧ୍ୟ ଆଗକୁ ପାୟତ ନିର୍ବାଚନ ଅଛି। ରାଜ୍ୟରେ ମମିତା ନିଆଁ ଜଳୁଛି। ଏଣେ ରନ୍ଧନ ଗ୍ୟାସକୁ ଏକାଥରକେ ଦୁଇଶ ଟଙ୍କ ବଢାଇଛନ୍ତି। ତେଣୁ ଏ ଦର କମା ଏକ ଭେଳିକି। ଗୋରୁ ମାରି ଯୋତା ଦାନ ଭଳି। ଲୋକ ବିଶେଷତଃ ମଧ୍ୟବିତ୍ତଙ୍କୁ ଶୋଷଣ କରି ବିଭିନ୍ନ ମାଗଣା ଯୋଜନା କରି ଭୋଟ କିଣିବା ସବୁ ରାଜନୈତିକ ଦଳ ନିର୍ବାଚନ ଜିଣିବାର ସହଜ ପନ୍ଥା ବୋଲି ଧରିନେଲେଣି। ଥରେ ବାଘ ମଣିଷ ମାଉଁସ ଚାଖିଲେ ସେ ଆଉ ଛାଡେନା। ନିର୍ବାଚନ ସରୁସରୁ ସରକାର ପୁଣି ତାଙ୍କର ଅସଲ ରୂପ ଦେଖାଇଦେବେ। ଏ ଦର କମା ଏକ ପ୍ରହେଳିକା। ସେଥିରେ ଖୁସି ହେବାର କିଛି ନାହିଁ। ଏ ଦେଶରେ ମଧ୍ୟବିତ୍ତ ମାନେ କେବଳ ଟିକସ ଗଣିବାକୁ ଜନ୍ମ ହୋଇଛନ୍ତି। ଏପରିକି ରୋଗ ବେଳେ ସ୍ୱାସ୍ଥ୍ୟ ବିମାରୁ ମଧ୍ୟ ସେମାନେ ବଞ୍ଚିତ। ଯଦିଓ ସମସ୍ତେ ଜାଣନ୍ତି ଆଜିର ହସପିଟାଲ ଖର୍ଚ୍ଚରେ ମଧ୍ୟବିତ୍ତ ନୁହଁ ଧନୀ ମାନେ ମଧ୍ୟ ଆଣ୍ଠେଇ ପଡୁଛନ୍ତି।

ଦଣ୍ଡଧାରୀ ବାବୁଙ୍କ ମୁହଁ ଟି ଶୁଖିଗଲା। "ନଡିଆର କୋଉ ଶିରାରେ ପାଣି ଯାଉଛି ମୁଁ କେମିତି ବୁଝିବି?"

ଓଳଗି ହୋଇ ଝଡ ପରି ସେ ମନ ଦୁଃଖରେ ଚାଲିଗଲେ।

♥ ଓଡ଼ିଶା ନ୍ୟୁଜ୍ ସର୍ଭିସ୍, ଉମରକୋଟ, ନବରଙ୍ଗପୁର,ମୋ:୯୪୩୭୨୩୫୩୮୬

## ଆଲୋଚନା

# ଗାଳ୍ପିକ କ୍ଷୀରୋଦ ବିହାରୀ ବିଶ୍ୱାଳଙ୍କ 'ମହୀଖୁଣ୍ଟର ଛାଇ' : ଏକ ଆକଳନ




' ମୁଁ ଲେଖେ କାରଣ ମୋତେ ଆଲୋକ ଠୁ ଅନ୍ଧାର ଭଲ ଲାଗେ, ମୋତେ କାହାଣୀ ଟେ କହିବାକୁ ଭଲ ଲାଗେ , ଜୀବନ କୁ ଭରପୁର ଭୋଗିଥିବା ଲୋକଙ୍କ କଥା କହିବାକୁ ଭଲ ଲାଗେ , ଜେଉଁ କଥା କହିହୁଏନି ତାକୁ ଲେଖିଦିଏ । ମୁଁ ଲେଖେ କାରଣ ଜୀବନ ଦେଇଥିବା ଦୁଃଖ ର ପାହାଡ଼ ତଳେ ଚାପି ହେବାକୁ ଚାହେଁନାହିଁ । ମୁଁ ଦୁଃଖି ବୋଲି ଜଣେଇବାକୁ ଚାହେଁନାହିଁ । ଅନ୍ତର ର ବେଦନାକୁ ଶବ୍ଦ କରି ବୁହାଇ ଦେଇଛି । ନିଜକୁ ଡିପ୍ରେସନ୍ ରୁ ରକ୍ଷାକରିବାକୁ ଲେଖେ ।'

- କ୍ଷୀରୋଦ ବିହାରୀ ବିଶ୍ୱାଳ

ଜୀବନକୁ ଭରପୁର ଭୋଗିଥିବା ଲୋକଙ୍କ ବିଷୟରେ ଲେଖିବାକୁ ସଶ୍ରଦ୍ଧ ଗ୍ରହଣ କରିନେଇଥିବା ଗାଳ୍ପିକ କ୍ଷୀରୋଦ ବିହାରୀ ବିଶ୍ୱାଳଙ୍କ ଗଳ୍ପକଥନର ଶୈଳୀ ତଥା ଗଳ୍ପର ତାତ୍ତ୍ୱିକ ପ୍ରକାଶ କ୍ଷେତ୍ର ଖୁବ୍ ସ୍ୱାତନ୍ତ୍ର୍ୟ ଦାବୀ କରେ ।

ତାଙ୍କ ଗଳ୍ପ ଗୁଡିକ ଅଧିକ ସଂବେଗାତ୍ମକ ଓ ଭାବନିଷ୍ଠ ।ପୁଣି ନିଜସ୍ୱ ଅନୁଭବ ,ତୀବ୍ର ଜୀବନାନୁଭୂତି, ଅତ୍ୟଧିକ ଜୀବନପ୍ରିୟତାର ଉଷ୍ମ ଆବେଗ ମିଶି ସେଗୁଡିକୁ କରିଛି ଖୁବ୍ ଜୀବନନିଷ୍ଠ ।

ସମାଲୋଚକ ପ୍ରଫେସର ଆଦିକନ୍ଦ ସାହୁଙ୍କ ମତରେ ' ବିଂଶ ଶତକର ଉତ୍ତର ଦଶକ ଗୁଡିକ ବହୁବର୍ଣ୍ଣ, ବହୁରୂପା, ବହୁ ଆକାର ପ୍ରକାରର, ସ୍ୱୟଂ ବିଭାଜ୍ୟ ତଥା ଯୁଗ୍ମ, ବହୁ ମିଶ୍ର ଅନୁଭବର ସଂସ୍କୃତି ଓ ସ୍ୱାତନ୍ତ୍ର୍ୟ ଯୋଗୁଁ ; ଯାହାର ବିଶ୍ଳେଷଣ, ବ୍ୟବଚ୍ଛେଦ ଅବା ବର୍ଗୀକରଣ ଏକାନ୍ତ ଅସମ୍ଭବ ଏହି ଦୃଷ୍ଟିରୁ ଯେ ଏ ଦଶନ୍ଧିର ମୁହୂର୍ତ୍ତ ସବୁ ମଣିଷ ଜୀବନ ପାଇଁ ସରଳ ସମତଳ ନୁହେଁ କିମ୍ବା ଗତି ବା ବିସ୍ତାର ଦୃଷ୍ଟିରୁ ରୈଖିକ (Static) ମଧ୍ୟ ନୁହେଁ ।ଅ

ଏଦୃଷ୍ଟିରୁ ଗାଳ୍ପିକ କ୍ଷୀରୋଦଙ୍କ ଗଳ୍ପ ଗୁଡିକର ଭାବବୃତ୍ତ (Texture ) ଓ ରୂପବୃତ୍ତ ( Structure ) ମଧ୍ୟ ଅଧିକ ପ୍ରସ୍ଥଯୁକ୍ତ (many folded with multifirus ideas ) ହୋଇଛି ।

ଗଳ୍ପ ଗୁଡିକର ବକ୍ତବ୍ୟ ଅନୁଭବ ସମ୍ମିଳିତ ହୋଇ ସିକ୍ତ ହୋଇପାରିଛି ।

ଏକ ଅନ୍ତରୀଣ କାବ୍ୟାତ୍ମକତା ଗଳ୍ପ ପ୍ରବାହକୁ ଉଷ୍ମ ଓ ଦ୍ରୁତ କରିଛି ।

ଆଲୋଚ୍ୟ 'ମହୀଖୁଣ୍ଟର ଛାଇ' ଗଳ୍ପ ସଂକଳନଟି କ୍ଷୀରୋଦଙ୍କ ତୃତୀୟ ଗଳ୍ପ ସଂକଳନ । ତାଙ୍କ ଅନ୍ୟ ଦୁଇଟି ଗଳ୍ପ ସଂକଳନ ହେଉଛି

'ମୁକ୍ତିପଥ' ୨୦୧୬ ଏବଂ ଅନ୍ୟଟି ହେଉଛି ' ଅଇଁଠାପତର' ୨୦୧୮ ।

ଆଲୋଚ୍ୟ ଗଳ୍ପ ସଂକଳନର ସଂପାଦକ କହନ୍ତି... 'ନିଜ ଆଖପାଖର ଘଟଣା ଅଘଟଣା, ସାମାଜିକ ତ୍ରୁଟି ବିଚ୍ୟୁତି, ପ୍ରେମ ପ୍ରଣୟ ପ୍ରତାରଣା ହିଁ ଗାଳ୍ପିକ କ୍ଷୀରୋଦଙ୍କ ଗଳ୍ପର ଭିତ୍ତିଭୂମି । କୌଣସି ଓଜନିଆ ତତ୍ତ୍ୱ, ବାଦ, ଆଦର୍ଶ କିମ୍ବା ବାର୍ତ୍ତା ନଦେଇ ଧୂଳି ମାଟିର ସଂଘାତମୟ, ଦ୍ୱନ୍ଦ୍ୱଗ୍ରସ୍ତ, ବିଡମ୍ବିତ ସଂସାର ସ୍ପନ୍ଦିତ ହେଉଥାଏ ତାଙ୍କ ଶବ୍ଦରେ ।' ହଁ, ଏ ଦୃଷ୍ଟିରୁ ଆଲୋଚ୍ୟ ଗଳ୍ପ ସଂକଳନର ପ୍ରତ୍ୟେକ ଗଳ୍ପ ସକଳ ଶୋଷଣ ପୀଡନ ଓ ଦୁଃସ୍ଥିତି ଭିତରେ ମଣିଷର ଆମୂଳ ସତ୍ୟାନୁସନ୍ଧାନ ଏବଂ କାରୁଣ୍ୟ ଭିତରେ ଜୀବନର ଜୟଗାନରେ ତଲ୍ଲୀନ ହୋଇ ଉଠିଛନ୍ତି ।

ସଂକଳନସ୍ଥ ପ୍ରଥମ ଗଳ୍ପ 'ଶ୍ରୀକୃଷ୍ଣଙ୍କ ହସ', ଯାହାକି ନିହାତି ଗୋଟେ ଅନୁଭବ ମଣ୍ଡଳରେ ପାଠକକୁ କିଛି ସମୟ ଆବିଷ୍ଟ କରି ରଖିପାରିବାର ଗଳ୍ପକାରିତାର ଉଦ୍ଦେଶ୍ୟକୁ ଧରି ରଖିଛି । ଲାଗୁଛି ସତେ କି କିଛି ସମ୍ଭାବ୍ୟ ଘଟଣାର ସତ୍ୟ ଓ ପରିଣତିକୁ ଆରୋପିତ କରୁଛି । ସରୋଜ ନାମ୍ନୀ ଯୁବକକୁ ବାଇନ ଭାଇ ନିରୀକ୍ଷଣ କରିବା ଏବଂ ଯୁବକର ଆତ୍ମହତ୍ୟା ପ୍ରଚେଷ୍ଟାକୁ ଭାଂଗି ଦେବା, ବାଇନ ଭାଇ ହଠାତ୍ ନିଜ ସ୍ତ୍ରୀକୁ ହତ୍ୟା କରିଥିବା କଥା ଜଣେଇ, ଯୁବକ ସହ ଟ୍ରେନ୍ ଲାଇନ୍‌ରେ ଶୁଏଇ ଦେଇ ସ୍ତ୍ରୀକୁ ସରୋଜର ପ୍ରେମିକା ରୂପେ ପ୍ରମାଣିତ କରିବା ଲାଗି ପ୍ରୟାସକୁ ଦେଖି ସାଟାୟାର ବା ରସିକତା ଓ ଇଙ୍ଗିତଧର୍ମୀ ଗଳ୍ପ କଳା କଥା ମନକୁ ସ୍ୱତଃ ଆସୁଛି । ରସିକତା ବା ସାଟାୟାର କଥା କାହାଣୀକୁ ନୂତନ ପଥ ଦେଖାଏ ।

ଗାଳ୍ପିକଙ୍କ ଭାଷାରେ ...

'ସେ ବସ୍ତାରେ ମୋ ସ୍ତ୍ରୀର ମୃତ ଦେହ ଅଛି । ତୁମେ ରେଳଧାରଣାରେ ଶୋଇଲାବେଳେ ମୋ ସ୍ତ୍ରୀ କୁ ବି ତୁମ ପାଖରେ ଶୁଆଇଦେବି । ସମସ୍ତେ ଭାବିବେ ତୁମେ ଦୁହେଁ ପ୍ରେମ କରୁଥିଲ ଆଉ ଆତ୍ମହତ୍ୟା କରିଦେଲ । ତୁମେ ମରିଗଲେ ତୁମ ସ୍ତ୍ରୀ ଖୁସ୍, ତା ଇଚ୍ଛା ପୂରଣ କରି ତୁମେ ବି ଖୁସ୍, ପୋଲିସ ଆଉ ମୋତେ ଧରିବନି ଏଣୁ ମୁଁ ଖୁସ୍ । ଗୋଟେ ହେପି ଏଣ୍ଡିଂ ହେବ ଆଉ ।'

( ଗଳ୍ପ-- ଶ୍ରୀକୃଷ୍ଣଙ୍କ ହସ )

ଗାଳ୍ପିକଙ୍କ ରସିକତା ସମସ୍ତ ବିଷୟବସ୍ତୁକୁ ଅଗମ୍ଭୀର ଭାବେ ଉପସ୍ଥାପନ କରିଛି, କିନ୍ତୁ ଏହା ଭ୍ରମାତ୍ମକ । କାରଣ ଜଣେ ଗାଳ୍ପିକ ଯେତେ ପରିପକ୍ୱ ହୁଏ ସେ ସେତେବେଶୀ ସରଳ ପଣରେ, ସାଟାୟାର ବା ରସିକତା ମାଧ୍ୟମରେ କଥାକାହାଣୀକୁ ପରଶିଦିଏ । ଗଳ୍ପର ଭାବ, ଭାଷା ଖୁବ୍ ଇଙ୍ଗିତାତ୍ମକ । ବାଇନ ଭାଇର ହସ ପଛରେ ଏତେ ଗମ୍ଭୀର ବିଷୟ ଲୁଚିଥିବା କଥାରୁ ସ୍ପଷ୍ଟ ପ୍ରମାଣିତ ହୁଏ ସାଂପ୍ରତିକ ପ୍ରତିଟି ମଣିଷର ହସ ଏକ ମୁଖା ସଦୃଶ । ଏ ମୁଖା ଖୋଲିଲେ ଯନ୍ତ୍ରଣା, ଏ ମୁଖା ଖୋଲିଲେ ଦାରୁଣ କଷ୍ଟ, ଆଉ ଏ ମୁଖା ପଛରେ ଅପରାଧ ବି । ଏ ହସ କେବଳ ଉପରଠାଉରିଆ । ଗୋଟେ ସଫଳ ଗପର ଗୁଣ ମନେ ରଖିବା (Memorableness) କେବଳ ନୁହେଁ, ପାଠକର ପରିଚିତ ଅନୁଭୂତିକୁ ତୀବ୍ର ଭାବେ ଉଖାରିପାରିବା , ପାଠକର ସଂପୂର୍ଣ୍ଣ ମନଚୈତନ୍ୟକୁ ଆବିଷ୍ଟ କରି ରଖିବା ହିଁ ଗୋଟେ ଭଲ ଗପ ।'ଦିଦି ଙ୍କ ହଜବ୍ୟାଣ୍ଡ' ଗଳ୍ପ ସାଂପ୍ରତିକ ପରିବେଶଗତ ବାସ୍ତବତାଠାରୁ ଆଦୌ ଭିନ୍ନ ନୁହେଁ । ଏକବିଂଶ ଶତାବ୍ଦୀ ହେଉଛି ଜ୍ଞାନର ଶତାବ୍ଦୀ ।ଏ ଠି ରୂଢ଼ୀବାଦ ପ୍ରଚଳିତ ହୁଏନା । ନାରୀ ପୁରୁଷ ଏକ ଓ ଅଭିନ୍ନ ଏଠି ।

କେବଳ ନାରୀଟିଏର କର୍ତ୍ତବ୍ୟ ରୋଷେଇ ଏବଂ ପିଲାଛୁଆ ସଂସାରରେ ସୀମିତ ନୁହଁ, କିମ୍ବା ସ୍ୱାମୀ କେବଳ ଚାକିରୀ କି ବାହ୍ୟ କାମ ପାଇଁ ଉଦ୍ଦିଷ୍ଟ ନୁହେଁ, ଏଠି କେବଳ ପରସ୍ପରର ଅଭାବ ପୂରଣ, ପରସ୍ପରକୁ ବୁଝିବାରେ ହିଁ ପ୍ରକୃତ ପ୍ରେମ ନିହିତ ବୋଲି ଗାଳ୍ପିକ ପ୍ରମାଣିତ କରିଦେଇଛନ୍ତି । ଗଳ୍ପ ନାୟକ ଏବଂ ନାୟିକା ଲିପିର ପ୍ରେମରେ ଆସିଥିବା ଭୁଲ୍ ବୁଝାମଣା ସମୟ ସହ ଧୀରେ ଧୀରେ ଦୂରୀଭୂତ ହୋଇଛି, ଘାସପତ୍ରରେ ଥିବା ରାତିର କାକର ପରି ।

ଏହା ଏକ ଅନୁଭବକୈନ୍ଦ୍ରିକ ଗଳ୍ପ । ମଣିଷର ବ୍ୟଥା ବେଦନା ପ୍ରତି ଅଶେଷ ସହାନୁଭୂତିଶୀଳତା ରଖିଥିବା ଗାଳ୍ପିକ କ୍ଷୀରୋଦଙ୍କ ବୌଦ୍ଧିକ ପ୍ରବଣତା ଗଳ୍ପକୁ କରିଛି ଖୁବ୍ ବଳଶାଳୀ । ଗଳ୍ପର ଶିଳ୍ପ ଓ ଶୈଳୀ ତେଣୁ ବେଶ୍ ମନୋରମ ରୂପେ ଉପସ୍ଥାପିତ ହୋଇଛି ।

ସଂକଳନସ୍ଥ ଏକ ନିଆରା ଗଳ୍ପ ହେଉଛି' ମହୀଖୁଣ୍ଟର ଛାଇ ' । ଏହାର ନାମାନୁଯାୟୀ ଉକ୍ତ ସଂକଳନର ନାମକରଣ ହୋଇଛି । ଏହାର ଭାବପିଣ୍ଡ ଖୁବ୍ ସଂବେଗାତ୍ମକ । ଏକ ବ୍ୟକ୍ତିଗତ ଭାବପରିଧି ଗଳ୍ପକୁ ମନଛୁଆଁ କରିପାରିଛି । ପାଠକକୁ ନିଜର ପରିଚିତ ଅନୁଭବ ପରି ଗଭୀର ଉପଲବ୍ଧି (Deeper and sensible understanding) ଆଣିଦେବାରେ ସଫଳକାମୀ ହୋଇପାରିଛି ଏ ଗଳ୍ପ । ମହୀଖୁଣ୍ଟ ସମଗ୍ର ଖଳା ଓ ବଳଦକୁ ନିୟନ୍ତ୍ରଣ କରେ । ତା ବିନା ଖଳା କି ବେଙ୍ଗଳାର ଅର୍ଥ ହିଁ ନଥାଏ । ପରିବାରର ମୁଖ୍ୟ ଅବା ପୁରୋଧା ହେଉଛନ୍ତି ବାପା । ମେରୁଖୁଣ୍ଟ ଯେତେଦୂରେ ଥାନ୍ତୁ ତାଙ୍କ ସଂସ୍କାର ପୁଅ ଝିଅ ସନ୍ତାନ ସନ୍ତତିଙ୍କୁ ଗଢେ । ସେଇ ସଂସ୍କାର ହିଁ ଗୁରୁଦଉଡି ହୋଇ ଜୀବନକୁ ସତ୍ ପଥରେ ବାହିନିଏ । ଗଳ୍ପ ନାୟକଙ୍କ ନିଜ ପିତାଙ୍କ ପାଖରେ ଆତ୍ମସ୍ୱୀକାରୋକ୍ତି ଗଳ୍ପର ଭାବଧର୍ମକୁ ବଳିଷ୍ଠ କରିଛି ।

ମହୀଖୁଣ୍ଟର ଛାଇ ପରି ପିତାଙ୍କ ସଂସ୍କାର ନାୟକଙ୍କୁ ପଶ୍ଚାତାପର ଅଶ୍ରୁରେ ବିଗଳିତ କରିଛି । ଗାଳ୍ପିକଙ୍କ ଭାଷାରେ...

'ବାପା କିଛି ସମୟ ଚୁପ ରହିଲେ । ମୋତେ ଲାଗିଲା କିଛି ସମୟ ଆଗରୁ ମୋ ଓଠରେ ନୀରବତା ତାଙ୍କ ପାଟିକୁ ସଂକ୍ରମିତ ହୋଇଯାଇଛି । ଟିକେ ପରେ ଏକ ପରାଜିତ ରାଜାର ନିରାଶ ସ୍ୱର ପରି ଓଦା କଣ୍ଠରେ କହିଲେ, ହଉ, ଆଉ କେବେ ପିଇବୁନି ।

ବାପାଙ୍କ ସେହି ଗୋଟିଏ ପଦରେ ଗୋଟେ ପଟେ ପାହାଡ ଭାଙ୍ଗୁଥିବାର ଶବ୍ଦ ମୁଁ ଶୁଣିପାରୁଥିଲି ଆଉ,ଆରପଟରେ ଗୋଟେ ଆଗ୍ନେୟ ଉଠୁଥିବାର ।' (ଗଳ୍ପ: ମହୀଖୁଣ୍ଟର ଛାଇ )

ଭାବ ଓ ପରିବେଶ ଚିତ୍ରଣରେ ଗାଳ୍ପିକଙ୍କ ପ୍ରସାରଣଶୀଳ ଚିତ୍ରକଳ୍ପ (Expanding symbols)ର ବ୍ୟବହାର ଗଳ୍ପର ପ୍ରତୀକିତ ଭାବବ୍ୟଂଜନାକୁ ଭାବନିଷ୍ଠତାରେ ପରିପୃଷ୍ଟ କରିଛି ।

ଗାଳ୍ପିକଙ୍କ ପ୍ରତିଟି ଗଳ୍ପର ଚରିତ୍ରରାଜିଙ୍କ ସ୍ୱପ୍ନ ଭଂଗ ଓ ତଜ୍ଜନିତ ଅଭାବବୋଧ ଅନେକ । ମଣିଷ ସବୁବେଳେ କିଛି ଗୋଟେ ଖୋଜୁଛି, ଅସରନ୍ତି ଅନ୍ୱେଷଣର ଜୀବନ ସତ୍ତାଟିକକ ତାର କାମ୍ୟ ଅଥଚ ଚିରକାଳ ହାତଛଡା ରହୁଛି ସେଇ ଅନନ୍ୟ ଜୀବନବୋଧ ।

ଆଲୋଚ୍ୟ ସଂକଳନର ପ୍ରତ୍ୟେକ ଗଳ୍ପ ଗତାନୁଗତିକ ଜୀବନଧାରାର କେବଳ ଉପକଥା ନୁହେଁ, ବରଂ ପାଠକର ପରିଚିତ ଅନୁଭୂତିକୁ ଆର୍ଦ୍ର କରିଦେବା ଭଳି ଏକାନ୍ତ ସଂବେଗାତ୍ମକ ଭାବପ୍ରସୁ, ଯାହାର ବିଷୟବସ୍ତୁ ଖୁବ୍ ଭାବନିଷ୍ଠ ଓ ମାର୍ମିକ । ଏଥିରେ ନାହିଁ ବୁଦ୍ଧିବାଦୀ ଆଟୋପତା । ରହିଛି କେବଳ ଜୀବନ ବିଷୟରେ ଗଭୀର ପର୍ଯ୍ୟବେକ୍ଷଣ ।ପ୍ରେମ , ଜୀବନ, ସ୍ୱପ୍ନ , ସଦିଚ୍ଛାକୁ ନେଇ ସୃଷ୍ଟ ଏଥିରେ ଲିଖିତ ସୁନ୍ଦର ଗଳ୍ପମାନ ।

ଏହା ପ୍ରମାଣିତ ହୁଏ ସ୍ୱୟଂ ଗାଳ୍ପିକଙ୍କ ଆତ୍ମସ୍ୱୀକାରୋକ୍ତିରୁ, ଯାହାକି ଗଳ୍ପ ସଂକଳନର 'ଉତ୍ସର୍ଗ ' ପରିଚ୍ଛେଦରେ ଜଣା ପଡିଥାଏ ।

'ଜୀବନର ଏମିତି ଏକ ସମୟରେ ଏହି ସବୁ ଗପ ଲେଖାଯାଇଛି ଯେଉଁ ସମୟରେ ଯଦି ମୁଁ ଲେଖକ ହୋଇନଥାନ୍ତି ତ ପାଗଳ ନହେଲେ ଅପରାଧୀଟେ ହୋଇସାରନ୍ତିଣି ।'

ସାମଗ୍ରିକ ଭାବରେ ଏ ସଂକଳନସ୍ଥ ଏଗାର ଗୋଟି ଗଳ୍ପ ପାଠପରେ ମନେହୁଏ ଓଡିଆ ଗଳ୍ପ କ୍ଷେତ୍ରରେ ସ୍ୱର୍ଣକାତର ଅନୁଭବକୁ ନେଇ ଗଳ୍ପ ରଚନା କରିବାରେ, ସତେଜ ଅନୁଭୂତି ଏବଂ ତୀକ୍ଷ୍ଣ ଚିତ୍ତବୃତ୍ତିର ଏକ ଯଥାର୍ଥ ପରିଚୟ ସୃଷ୍ଟି କରିଛନ୍ତି ଗାଳ୍ପିକ କ୍ଷୀରୋଦ, ଏକଥା ଅସ୍ୱୀକାର କରାଯାଇନପାରେ ।



ଡ. ମମତା ପ୍ରିୟଦର୍ଶିନୀ ସାହୁ
ଓଡିଆ ଅଧ୍ୟାପିକା,
ସରକାରୀ ଏସ୍ ଏସ୍ ଡି, ଏଚ୍ ଏସ୍ ଏସ୍, ଯୁକ୍ତ ଦୁଇ ବିଜ୍ଞାନ ମହାବିଦ୍ୟାଳୟ,
ବାଲିଶଙ୍କରା, ସୁନ୍ଦରଗଡ

## ସ୍ୱୀକାରୋକ୍ତି...

# ଆଶାର ଆକାଶ






ଆକାଶର ଅନେକ ରୂପ- ଅନେକ ରଙ୍ଗ । କେତେବେଳେ ନୀଳସାହିତ୍ୟର ସୁନୀଳ ତ ଆଉ କେତେବେଳେ କାକକୃଷ୍ଣ କବୀରର ଗାଢ଼କଳା ତ ଆଉ କେତେବେଳେ ଅବିର ରଙ୍ଗରେ ଲାଲେଲାଲ୍ । କେତେବେଳେ ମଲ୍ଲୀଫୁଲ ଭଳି ସଫା ଧଳା ।

କେବେ ଅଣିଣ ଆକାଶରେ ହସୁଥାଏ ଥାଳିପଟା ଜହ୍ନ ତ ଆଷାଢ଼ ଆକାଶରେ ଭେଳାଭେଳା ବାଦଲ । କେବେ ଝଡ଼ର ଝଙ୍କାର ତ କେବେ ଘଡ଼ଘଡ଼ିର ଡମ୍ବରୁ-ବିଜୁଳିର ଚମକ । କେବେ କୁହୁଡ଼ିର ସଫେଦ ଚାଦର ଘୋଡ଼େଇ ଥରୁଥାଏ ତ ବୈଶାଖରେ ବର୍ଷୁଥାଏ ନିଆଁ ।

କେତେବେଳେ ଶାନ୍ତ-ସ୍ଥିର-ସ୍ଥିତପ୍ରଜ୍ଞ ତ କେତେବେଳେ ଅଝଟ ଜିଦ୍‌ଖୋର- ଅଶାନ୍ତ ଅସ୍ଥିର ଚଳଚଞ୍ଚଳ ମଣିଷର ମନ ଭଳି । ଛୋଟ ଛୁଆ ଭଳି ।

ଆକାଶ ତ ଆକାଶ ନୁହେଁ । ଏକ ବିଚିତ୍ର ନିଆରା ଅନୁଭବ । ମଣିଷ ମନର ଚେତନାର ସ୍ତରରେ ଏକ ଆତ୍ମିକ ଉତ୍ତରଣ । ଏକ ସ୍ୱର୍ଗୀୟ ଅନୁଭୂତି । ଏକ ଭିନ୍ନ ପରିବେଶ । ଯେଉଁଠି ମଣିଷ ପାଲଟିଯାଏ ସ୍ୱୟଂ ଆକାଶ । ତା' ଦେହରେ ସୃଷ୍ଟି ହୁଏ ଋତୁଚକ୍ରର ଆବର୍ତ୍ତନ । ସେଠି ବର୍ଷା ହୁଏ । ଖରା ହୁଏ । ଶୀତ ହୁଏ । ଶରତ, ହେମନ୍ତ, ବସନ୍ତ ଆସେ । ହେଲେ ଆକାଶ ସେମିତି ଥାଏ ନିର୍ଲିପ୍ତ ନିରାସକ୍ତ ନିର୍ବିକଳ୍ପ ଯେମିତି ମଣିଷର ଆତ୍ମା । ଅଜର ଅମର ଅଦାହ ।

ଆକାଶର ଆଇନାରେ ଅନେକ ମୁହଁ । ଚିହ୍ନା-ଅଚିହ୍ନା, ପର-ଆପଣା, ଶତ୍ରୁ-ମିତ୍ର । କେତେ ଘଟଣା-ଦୁର୍ଘଟଣାର ପ୍ରତିବିମ୍ବ । କେତେ ଦୁଃଖ-ସୁଖ/ ହର୍ଷ-ବିଷାଦ/ ମିଳନ-ବିରହର ଫେଣ୍ଟାଫେଣ୍ଟି ନକ୍ସା । ଅନେକ ପ୍ରତିଶ୍ରୁତି, ସ୍ମୃତି ବିସ୍ମୃତି/ କୋଳାହଳ ନିରବତାର ପ୍ରତିଧ୍ୱନି । ଅନେକ ଅକୁହା କଥାର କାକ୍‌ଟସ୍ ଅନେକ ରକ୍ତକ୍ଷରଣର ମୁହୂର୍ତ୍ତ । ସ୍ୱପ୍ନାୟିତ ଲଗ୍ନ । ଆଗାମୀର ଆକର୍ଷଣ ।

ଆକାଶ ଡାକେ ଆ ଆ । ଆ ଆ । ମୋ ଦେହରେ ମିଶିଯା ।ଏକାତ୍ମ ହୋଇଯା । ଭୁଲିଯା ଜାଗତିକ ଦୁଃଖ ଯନ୍ତ୍ରଣା ହତାଶାର ହଳଦିଆ ହସ୍ତାକ୍ଷର ।

ହେଲେ ଧରିତ୍ରୀର ନିବିଡ଼ ବନ୍ଧନ ଏତେ ଦୃଢ଼ ଆଉ ମାୟାସକ୍ତ ଯେ ଏତେ ସହଜରେ ତୁଟାଇ ହୁଏନା ସେ ମୋହ । ବନ୍ଧନ । ମାୟା । ଭୁଲିହୁଏନା କାଶତଣ୍ଡି, ନଈପଠା, ବେଳାଭୂଇଁ, ନୀଳ ସମୁଦ୍ର, ଷୋଡ଼ଶୀ ତନ୍ୱୀ, କୃଷ୍ଣଚୂଡ଼ା, ପକ୍ଷୀର କୂଜନ, ବଂଶୀସ୍ୱନ, ମନ୍ଦିରର ଶଙ୍ଖନାଦ, କୋଇଲିର କୁହୁ, ମା'ର ମମତା, ଶିଶୁର ଦରୋଟି ହସ, ପିତାଙ୍କର ସ୍ନେହବୋଳା ଡାକ, ଆତ୍ମୀୟ ସ୍ୱଜନଙ୍କ ମଧୁର କୋଳାହଳ, ଆଦିଗନ୍ତ ସବୁଜିମା, ଶସ୍ୟଶ୍ୟାମଳ ପୃଥିବୀ, ଢେଉ ଢେଉକା ପାହାଡ଼ର ଆମନ୍ତ୍ରଣ, ଯୋଗୀର କେନ୍ଦରା, କଦମ୍ବଫୁଲର ବାସ୍ନା, ରେଳଗାଡ଼ିର ଛୁକ୍‌ଛୁକ୍ ମିଠା ଶବ୍ଦ, ଓଡ଼ିଶୀ ନୃତ୍ୟଶିଳ୍ପୀର ଅପୂର୍ବ ମୁଦ୍ରା-ଆକର୍ଷଣୀୟ ଛନ୍ଦ ।

ଏ ସବୁ ତ ଜୀବନ । ଛଳଛଳ କଳକଳ ହୋଇ ବହିଯାଉଥିବା ଭାବର ଝରଣାଟିଏ । ଭାବକୁ ନିକଟ ଅଭାବକୁ ଦୂର । ସେଇ ଜଗତର ଜଗନ୍ନାଥଙ୍କ ପାଦରେ ସବୁକିଛି ଅର୍ପଣ କରିଦେବାକୁ ମନ ଉଚ୍ଚକିତ ଉତ୍‌ଫୁଲ୍ଲ ଉତ୍‌କୀର୍ଣ୍ଣ । ତାଙ୍କରି କୃପା କଟାକ୍ଷ ହିଁ ହେଉ ଏ ଗାଳ୍ପିକ ଜୀବନର ପାଥେୟ ।

ଏହାରି ଭିତରେ ମୁଁ ନିଜେ କେତେବେଳେ ଆକାଶ ପାଲଟି ଯାଇଛି ଜାଣେନା । ଜାଣେନା ମୋର ବ୍ୟାପ୍ତି ବିସ୍ତୃତି ବିଶ୍ୱରୂପ । ଜାଣେନା ମୋର ଆକୃତି ଆୟତନ । ଆଶା ଆକାଂକ୍ଷା । ଆରୋହଣ ଅବରୋହଣ । ସ୍ୱପ୍ନ ସ୍ୱପ୍ନଭଙ୍ଗ । ରୂପ ରଙ୍ଗର ନକ୍ସା ।

ତଥାପି ମୁଁ ଆଶାର ଆକାଶ ।
ଆଗାମୀର ଆଶୀର୍ବାଦ ।
ଆଲୋକର ଆଇନା ।
ମୋ ଦେହରେ ସୂର୍ଯ୍ୟ ଚନ୍ଦ୍ରର ଆବର୍ତ୍ତନ !!

ମୋର ପ୍ରତିବିମ୍ବ ହିଁ ପ୍ରତିଫଳିତ ଏଇ ଦ୍ୱିତୀୟ ଗଳ୍ପ ସଂକଳନ 'ମୁଠାଏ ଆକାଶ'ର ପୃଷ୍ଠାରେ ପୃଷ୍ଠାରେ ।

♥ ସିଏସ୍-୫-୨୦୧, ସୁପରଟେକ୍ କେପ୍‌ଟାଉନ, ସେକ୍ଟର-୭୪, ନୋଏଡ଼ା-୨୦୧୩୦୧ (ୟୁପି) ଏନ୍‌ସିଆର
ମୋ: ୯୮୧୦୭୬୨୯୭୬





କଲମ ଆଜ୍ ଉନକୀ ଜୟ ବୋଲ୍,
ଯୋ ଚଢ଼୍ ଗୟେ ପୁଣ୍ୟ ବେଦୀ ପର୍,
ଲିୟେ ବିନା ଗରଦନ୍ କା ମୋଲ୍,
ସାକ୍ଷୀ ହେଁ ଜିନକୀ ମହିମା କେ
ସୂର୍ଯ୍ୟ, ଚନ୍ଦ୍ର, ଭୂଗୋଲ୍, ଖଗୋଲ୍
କଲମ ଆଜ୍ ଉନକୀ ଜୟ ବୋଲ୍ ...

- ରାଷ୍ଟ୍ରକବି ଶ୍ରୀ ରାମଧାରୀ ସିଂହ 'ଦିନକର'

## ବମ୍ ତୁଲ୍ ବୁଖାରା



ଦୀପକ ରଂଜନ ମିଶ୍ର

# ॥ ଶହୀଦ ମହାବୀର ସିଂହ ॥

(ପ୍ରଥମ ଭାଗ)



ଶହୀଦ ମହାବୀର ସିଂହ
(୧୯୦୪-୧୯୩୩)

ଅସହଯୋଗ ଆନ୍ଦୋଳନ ସମୟର କଥା । ସ୍ଥାନେ ସ୍ଥାନେ ବିଦେଶୀ କପଡ଼ାର ହୋଲି ଜଳୁଥିବା ବେଳେ ବହୁ ଲୋକ ସରକାରୀ ଚାକିରିରୁ ତ୍ୟାଗପତ୍ର ଦେଇ ଆନ୍ଦୋଳନରେ ସାମିଲ ହେଉଥାନ୍ତି । ଉତ୍ତରପ୍ରଦେଶ, ଏଟା ଜିଲ୍ଲା ଅନ୍ତର୍ଗତ କାସଗଞ୍ଜ ନଗରରେ ଏକ ବିଦ୍ୟାଳୟରେ ଅଷ୍ଟମ ଶ୍ରେଣୀରେ ପଢୁଥାନ୍ତି ମହାବୀର ସିଂହ । ଗାନ୍ଧୀଙ୍କ ଆନ୍ଦୋଳନ ଯୋଗୁଁ ଦେଶର ଶାସନବ୍ୟବସ୍ଥାରେ ଘୋର ଅସୁବିଧା ପରିଲକ୍ଷିତ ହେଉଥିବାରୁ ତାହାର ପ୍ରତିବାଦରେ କାସଗଞ୍ଜରେ ଏକ ସଭା ଅନୁଷ୍ଠିତ ହେଉଥାଏ । ଜିଲ୍ଲା କଲେକ୍ଟର ଅଧ୍ୟକ୍ଷତା କରୁଥାନ୍ତି ସଭାରେ । ପୋଲିସ୍ ଅଧିକାରୀ ତଥା ଶିକ୍ଷା ବିଭାଗର ଅଫିସରମାନଙ୍କ ସହ ବ୍ରିଟିଶରାଜ୍‌କୁ ସମର୍ଥନ ଜଣାଉଥିବା ଜିଲ୍ଲାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥାଆନ୍ତି । ସ୍କୁଲ ପିଲାମାନଙ୍କୁ ମଧ୍ୟ ସେଠାକୁ ନିଆହୋଇଥାଏ । ସଭାରମ୍ଭରୁ ଇଂରେଜ ଶାସନର ପ୍ରଶଂସା ସହ ସରକାରଙ୍କ ପ୍ରତି ବିଶ୍ୱସ୍ତ ରହିବାର ପ୍ରତିଜ୍ଞା କରାହୁଏ । ବକ୍ତାଗଣ ତାଙ୍କ ଭାଷଣରେ ବିଦ୍ରୋହର ମୁଖିଆ ଗାନ୍ଧିଜୀଙ୍କ କଟୁ ସମାଲୋଚନା କରନ୍ତି । ଛାତ୍ରଙ୍କ ମେଳରେ ବସିଥିବା ମହାବୀରଙ୍କୁ ଏସବୁ ଅସହ୍ୟ ହୁଏ ଶୁଣିବା । ସେ ଖୁବ୍ ଜୋରରେ ସ୍ଲୋଗାନ ଦିଅନ୍ତି, - "ମହାତ୍ମା ଗାନ୍ଧୀ କି ଜୟ !" ସାଥୀ ପିଲାମାନଙ୍କ ସହ କିଛି ଉପସ୍ଥିତ ଜନତା ପାଳିଆ ଧରନ୍ତି । ଗୋଡ଼ାଣିଆଙ୍କ ସଭାରେ ବିଦ୍ରୋହୀର ଜୟଗାନ !! ଉପସ୍ଥିତ ସମସ୍ତେ ସ୍ତମ୍ଭୀଭୂତ । ଇଂରେଜ୍ କଲେକ୍ଟର ଭୀଷଣ ରାଗିଯାଇ ଶିକ୍ଷା ନିରୀକ୍ଷକଙ୍କ ଆଡ଼କୁ ଅନାନ୍ତି । ଶିକ୍ଷା ନିରୀକ୍ଷକ ଆପଣା ରାଗ ଉତାରନ୍ତି ସ୍ଥାନୀୟ ବିଦ୍ୟାଳୟର ଶିକ୍ଷକଙ୍କ ଉପରେ । କିଏ ସ୍ଲୋଗାନ ଦେଇଛି ତାକୁ ତୁରନ୍ତ ଧରିଆଣିବା ପାଇଁ ଆଦେଶ ଦିଆଯାଏ । ମହାବୀରଙ୍କୁ ପ୍ରଧାନ ଶିକ୍ଷକଙ୍କ ପାଖକୁ ନେବାରୁ ସିଏ ରାଗି ଦୁଇ ଚାରି ବେତ ବସେଇ ଦିଅନ୍ତି ପିଠିରେ । ପିଠି ଉପରେ ପଡ଼ିଥିବା ନାଲିଗାର ମହାବୀରଙ୍କ ଭିତରେ ଥିବା ବିଦ୍ରୋହୀ ଚେତନାକୁ ଉଜ୍ଜୀବିତ କରେ । ସେଇ ଦିନରୁ ସେ ସତ୍ତା ବିରୋଧୀ ଛାତ୍ରଙ୍କର କ୍ରାନ୍ତିକାରୀ ନେତା ବନିଯାଆନ୍ତି ।

କାନପୁରର ଡି ଏ ଭି କଲେଜ ଥିଲା ରାଷ୍ଟ୍ରୀୟ ଚେତନାର ମୁଖ୍ୟ କେନ୍ଦ୍ର । ଅନେକ ଆଗଧାଡ଼ିର କ୍ରାନ୍ତିକାରୀ ସେଇ କଲେଜରେ ଅଧ୍ୟୟନ କରୁଥାନ୍ତି । ମହାବୀର ସିଂହ ଉଚ୍ଚଶିକ୍ଷା ପାଇଁ ସେଇଠି ନାମ ଲେଖାଇବା ପରେ ସେମାନଙ୍କ ସଂସ୍ପର୍ଶରେ ଆସନ୍ତି । ଶିବ୍ ବର୍ମାଙ୍କ ସହ ସେଇଠି ଭେଟ । ଉଭୟଙ୍କ ଭିତରେ ପ୍ରଗାଢ଼ ବନ୍ଧୁତା ସ୍ଥାପିତ ହୁଏ । ଦୈନିକ ୫୦୦ ଦଣ୍ଡ ଓ ୧୦୦୦ ବୈଠକ ମାରି ମହାବୀର ସେତେବେଳକୁ ପହଲବାନ୍ ବନିଯାଇଥାନ୍ତି । କୌଣସି କଥାକୁ ତାଙ୍କର ଖାତିର୍ ନଥାଏ । ସର୍ବଦା ପ୍ରସନ୍ନଚିତ୍ତ ରହୁଥିବା ବନ୍ଧୁଙ୍କୁ ଦିନେ ମୁହଁ ଶୁଖାଇଥିବା ଦେଖି ଶିବ୍ ବର୍ମା ଚିନ୍ତିତ ହୋଇ ଯାଆନ୍ତି । କାରଣ ପଚାରିବାରୁ ଜଣାପଡ଼େ ଯେ ଘରେ ମହାବୀରଙ୍କ ବିବାହ ଆୟୋଜନ ଜୋରସୋରରେ ଚାଲିଲାଣି । ଦେଶ ପାଇଁ ସମର୍ପିତ ଏକ ଜୀବନ କେବେ ବି ବିବାହ ବନ୍ଧନରେ ବାନ୍ଧିହୋଇ ଆପଣା କର୍ମରୁ ବିଚ୍ୟୁତ ହେବାକୁ ଚାହେଁନାହିଁ । ସେ ଏବେ କ'ଣ କରିବେ ତାହା ଏକ ବିରାଟ ପ୍ରଶ୍ନବାଚୀ ହୋଇ ତାଙ୍କ ସମ୍ମୁଖରେ ଝୁଲୁଛି । କାହାକୁ କିଛି ନଜଣାଇ ନିଖୋଜ୍ ହୋଇଯିବା ଛଡ଼ା ଅନ୍ୟ ପନ୍ଥା ଆଉ କିଛି ନାହିଁ । ଶିବ୍ ବର୍ମା ସବୁକିଛି ଜାଣିବା ପରେ ବନ୍ଧୁଙ୍କ ଆଗରେ ଏକ ପ୍ରସ୍ତାବ ରଖନ୍ତି । ଗୋଟେ ପତ୍ରରେ ସମସ୍ତ ବିଷୟ ବିସ୍ତାରରେ ଲେଖି ବାପାଙ୍କୁ ସୂଚିତ କରାଯାଉ । ବାପା ଯଦି ରାଜି ନ ହୁଅନ୍ତି ତେବେ ଘର ଛାଡ଼ି ସେ ତ ଯେତେବେଳେ ଚାହିଁବେ ପଳାଇଯାଇ ପାରିବେ । କିନ୍ତୁ ବାପା ଯଦି ତାଙ୍କ କଥାରେ ସମର୍ଥନ ଜଣାନ୍ତି ତେବେ ତାଙ୍କ ଭବିଷ୍ୟତର କର୍ମପଥରେ ପିତାଙ୍କ ଆଶୀର୍ବାଦ ଖୁବ୍ ସହାୟକ ହେବ । ବନ୍ଧୁଙ୍କ କଥାମାନି ମହାବୀର ତାଙ୍କ ବାପା ଦେବୀ ସିଂହଙ୍କ ପାଖକୁ ଏକ ପତ୍ର ଲେଖି ସବୁକଥା ଜଣାଇଦିଅନ୍ତି । କିଛିଦିନ ପରେ ଖୁବ୍ ହସହସ ହୋଇ ଆସି ଶିବ୍‌ଦା'ଙ୍କୁ କୁଣ୍ଢେଇ ଟେକି ବହେ ନାଚିଯାଆନ୍ତି ମହାବୀର । ଚିଠିର ଉତ୍ତର ଫେରିଥାଏ ବାପାଙ୍କ ପାଖରୁ । ବାପା ଲେଖିଥାନ୍ତି - "ମହାବୀର, ତୁମେ ଆପଣା ଜୀବନ ଦେଶକର୍ମରେ ନିୟୋଜିତ କରୁଥିବା ବିଷୟ ଅବଗତ ହୋଇ ଅତ୍ୟନ୍ତ ପ୍ରୀତ ହେଲି । ମୁଁ ତ ଭାବୁଥିଲି ପୂର୍ବପୁରୁଷଙ୍କ ରାଜପୁତ୍ ରକ୍ତ ବୋଧହୁଏ ଆଉ ଆମ ଭିତରେ ପ୍ରବାହିତ ହେଉନାହିଁ । ସେଇଥିପାଇଁ ଆମେ ଇଂରେଜଙ୍କ ଗୁଲାମୀ କରିବାକୁ ସମ୍ମତି ପ୍ରକାଶ କରୁଛୁ । ତୁମ ଚିଠି ପାଇ ଆପଣାକୁ ଖୁବ୍ ଭାଗ୍ୟଶାଳୀ ମନେକରୁଛି । କନ୍ୟାଘରକୁ ପତ୍ର ଲେଖି ମୋ ନିଷ୍ପତ୍ତି ଜଣାଇ ଦେଇଛି । ନିଶ୍ଚିନ୍ତ ରୁହ । ମୁଁ ଏମିତି କୌଣସି କର୍ମ କରିବିନି ଯାହା ତୁମ ମାର୍ଗରେ ବାଧା ସୃଷ୍ଟି କରିବ । ଦେଶସେବାର ଯେଉଁ ରାସ୍ତା ତୁମେ ବାଛିଛ ତାହା ଖୁବ୍ ଦୁର୍ଗମ ଓ କଠିନ ତପସ୍ୟାର ଅପେକ୍ଷା ରଖେ । ତୁମେ ଯଦି ଆଗକୁ ଯିବାକୁ ନିର୍ଣ୍ଣୟ କରିସାରିଛ ତେବେ କେବେ ପଛକୁ ଲେଉଟି ଚାହିଁବନି । ଆପଣା ସାଥୀଙ୍କୁ କେବେ ଧୋକା ଦେବନି । ସବୁବେଳେ ବୃଦ୍ଧ ପିତାର ନାଁର ଧ୍ୟାନ ରଖିବ । ତୁମେ ଯେଉଁଠି ବି ରୁହ, ମୋ ଆଶୀର୍ବାଦ ସଦା ସର୍ବଦା ତୁମ ସହ ରହିଛି ଓ ରହିବ ।"

ସେଇଦିନଠାରୁ ମହାବୀର ସିଂହ ଆଗକୁ ହିଁ ମାଡ଼ି ଚାଲନ୍ତି ଆପଣା ନିର୍ଦ୍ଧାରିତ କର୍ତ୍ତବ୍ୟ ପଥରେ । ପାର୍ଟିର ଆହ୍ୱାନରେ ଏଠୁ ସେଠିକୁ ଯିବା ଓ ବିଭିନ୍ନ କାର୍ଯ୍ୟରେ ଭାଗନେବା ଦ୍ୱାରା କଲେଜରେ ଉପସ୍ଥାନ କମିଯିବାରୁ ତାଙ୍କୁ ପରୀକ୍ଷାରେ ବସିବାକୁ ଅନୁମତି ମିଳେନାହିଁ । ନମିଳିଲେ ନାହିଁ, ସେ କୋଉ ପାଠପଢ଼ି ଚାକିରି କରିବାର ଲକ୍ଷ୍ୟ ରଖିଛନ୍ତି ଯେ । କଲେଜ ତାଙ୍କୁ ତ୍ୟାଗ କରିବା ପୂର୍ବରୁ ସେ କଲେଜକୁ ତ୍ୟାଗ କରି ଲାହୋର ଚାଲିଯାଆନ୍ତି । ପାର୍ଟିର ବିଭିନ୍ନ ଗୁପ୍ତ କାର୍ଯ୍ୟାନୁଷ୍ଠାନ ପାଇଁ ଜଣେ କୁଶଳୀ ଡ୍ରାଇଭରର ଯଥେଷ୍ଟ ଆବଶ୍ୟକତା ଅନୁଭୂତ ହେଉଥିବାରୁ ସେ ସେଠାରେ ଡ୍ରାଇଭିଂ ତଥା ମେକାନିକ୍ ଟ୍ରେନିଂ ନିଅନ୍ତି । ସାଣ୍ଡାର୍ସ ହତ୍ୟାକାଣ୍ଡ ପରେ ସେଥିରେ ଭାଗ ନେଇଥିବା କ୍ରାନ୍ତିକାରୀମାନଙ୍କୁ ସୁରକ୍ଷିତ ସ୍ଥାନରେ ପହଞ୍ଚାଇବରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ ମହାବୀର । ତା'ର କିଛିଦିନ ପରେ ତାଙ୍କୁ ଭୀଷଣ ଡାଇରିଆ ହୋଇଯାଏ । ପରିସ୍ଥିତି ଦିନକୁ ଦିନ ଖରାପ ହେଉଥିବା ଦେଖି ଶିବ୍‌ଦା' ତାଙ୍କୁ କିଛିଦିନ ପାଇଁ ଘରକୁ ଚାଲିଯିବାକୁ ପରାମର୍ଶ ଦିଅନ୍ତି । ସେତେବେଳଯାଏ ଲାହୋର ଷଡ଼ଯନ୍ତ୍ର କେଶ୍‌ରେ ଅଭିଯୁକ୍ତଙ୍କ ତାଲିକାରେ ମହାବୀର ସିଂହଙ୍କର ନାମ ଆସି ନଥିବାରୁ ପୋଲିସ୍‌ର ଭୟ ନାହିଁ । କିଛିଦିନ ଘରେ ରହିଗଲେ ସ୍ୱାସ୍ଥ୍ୟାବସ୍ଥା ସୁଧୁରିବା ସଙ୍ଗେ ଘର ଲୋକଙ୍କ ସହ କିଛିଦିନ ବିତାଇବାର ବି ମୌକା ମିଳିବ । ମହାବୀର ସିଂହ କିନ୍ତୁ ଏଇ ପ୍ରସ୍ତାବରେ ଆଦୌ ରାଜି ହୁଅନ୍ତି ନାହିଁ । ବାପା ପରା ଚିଠିରେ ଲେଖିଥିଲେ ପଛକୁ ଲେଉଟି ନ ଚାହିଁବା ପାଇଁ । ଘରେ ପହଞ୍ଚିଲେ ବାପା ସହାନୁଭୂତି ଦେଖାଇବା ବଦଳରେ ବିରୋଧାଭାସ ଯୋଗୁଁ ପ୍ରତାଡ଼ିତ କରିବେ । ସେ ଲାହୋରରେ ହିଁ ନିଜ ବନ୍ଧୁଙ୍କ ଗହଣରେ ରହି ଆରୋଗ୍ୟ ଲାଭ କରିବାକୁ ଉଚିତ୍ ମଣନ୍ତି । କିଛିମାସ ପରେ ଦିଲ୍ଲୀ ଆସେମ୍ବ୍ଲିରେ ବୋମା ଫିଙ୍ଗି ଭଗତ ସିଂହ ଓ ବଟୁକେଶ୍ୱର ଦତ୍ତ ଗିରଫ୍ ହୁଅନ୍ତି । ତା'ପରେ ପରେ ପାର୍ଟିର କିଛି ସଦସ୍ୟ ପୋଲିସ୍ ହାତରେ ଧରାପଡ଼ି ରାଜସାକ୍ଷୀ ବନିଯିବାରୁ ଅଧିକାଂଶ କ୍ରାନ୍ତିକାରୀଙ୍କୁ ଗିରଫ୍ କରିବା ସମ୍ଭବ ହୋଇଯାଏ । ଏଇ କ୍ରମରେ ମହାବୀର ସିଂହ ବି ପହଞ୍ଚି ଯାଆନ୍ତି ଜେଲ୍‌ରେ । ଜେଲ୍‌ରେ ଆପଣା ସାଥୀମାନଙ୍କୁ ଭଗତ ସିଂହ କହନ୍ତି, "ଶାସନ ସହିତ ଆମର ଲଢ଼େଇ କୌଣସି ନା କୌଣସି ରୂପରେ ଅହରହ ଚାଲିଥିବା ଦରକାର ।" ଏଇ କଥା ପଦକ ଭାରି ପସନ୍ଦକୁ ଆସେ ମହାବୀରଙ୍କର । ସେ ଜେଲ ଭିତରେ ଆରମ୍ଭ କରିଦିଅନ୍ତି ନିୟମ ଉଲ୍ଲଂଘନ, କର୍ମଚାରୀଙ୍କ ସହିତ ମାରପିଟ୍ ଓ ଗାଳି ଗୁଲଜ । ତାଙ୍କ ଦେଖାଦେଖି ତାଙ୍କ ସାଥୀମାନେ ମଧ୍ୟ ଆରମ୍ଭ କରିଦିଅନ୍ତି ଲଢ଼େଇ । ଯେଉଁମାନେ ବଳବାନ ଥିଲେ ସେମାନେ ପ୍ରତ୍ୟେକ କାମରେ ରହନ୍ତି ଆଗରେ । ଅନ୍ୟମାନଙ୍କ ତୁଳନାରେ ସେମାନେ ଅଧିକ ମାଡ଼ ବି ଖାଆନ୍ତି । ଭଗତ ସିଂହ, ମହାବୀର ସିଂହ, ଜୟଦେବ କପୁର ଏବଂ ଡା. ଗୟାପ୍ରସାଦ ପ୍ରତିଦିନ ମାଡ଼ ଖାଆନ୍ତି ଜେଲ କର୍ମଚାରୀଙ୍କ ହାତରୁ । ମାଡ଼ ଖାଇ ସାରିବା ପରେ ଦେହର ଦରଜ ଭୁଲାଇବା ପାଇଁ ଖୁବ୍ ଥଟ୍ଟା ତାମସା ବି କରନ୍ତି ସାଥୀମାନଙ୍କ ସହ । ମହାବୀର ସିଂହ ଆପଣା ନଡ଼ନଡ଼ିଆ ସାଙ୍ଗମାନଙ୍କୁ କହନ୍ତି, "ତୁମ ଭାଗରେ ଥିବା ମାଡ଼ ସବୁକୁ ବି ଆମେ ଖାଇ ଦେଇଛୁ । ଏବେ ତୁମ କାମ ହେଲା ଆମ ଚାରିଜଣଙ୍କର ପାଦ ମଞ୍ଜାଳିବା ସହ ନିଆଁ ଜଳାଇ ଆମ କ୍ଷତସ୍ଥାନକୁ ସେକିବା ।" ଆଗାମୀ ଦିନ ପୁଣି ନିୟମ ଉଲ୍ଲଂଘନ, ଲଢ଼େଇ ଓ ଗାଳି ଗୁଲଜ । ଯେଉଁ ଜେଲକୁ ବି ଗଲେ ଏମାନେ ଜେଲ ଅଧିକାରୀଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ହୋଇ ଯାଉଥିଲେ ।

ରାଜନୈତିକ ବନ୍ଦୀଙ୍କୁ 'ବି - ଶ୍ରେଣୀ'ର ସୁବିଧା ସୁଯୋଗ ମିଳୁଥିବା ବେଳେ ଏଇ କ୍ରାନ୍ତିକାରୀମାନଙ୍କୁ 'ସି - ଶ୍ରେଣୀ'ରେ ରଖାଯାଉଥିଲା ଚୋର, ତସ୍କରଙ୍କ ଭଳି ଗୁଣ୍ଡା ଶ୍ରେଣୀର ଅପରାଧୀଙ୍କ ସହିତ । ଖାଦ୍ୟ-ପେୟ ଠାରୁ ଆରମ୍ଭ କରି ରହିବା କୋଠରୀ ପର୍ଯ୍ୟନ୍ତ ସବୁଥିରେ ଘୋର ଅବ୍ୟବସ୍ଥା । ଏସବୁର ବିରୋଧ କରି ସେମାନଙ୍କୁ ବି ରାଜନୈତିକ କର୍ମୀଙ୍କ ଭଳି 'ବି ଶ୍ରେଣୀ' ଅନ୍ତର୍ଗତ କରିବାକୁ ଦାବୀ କରନ୍ତି କ୍ରାନ୍ତିକାରୀ । ଜେଲ ଅଧିକାରୀମାନେ ତାଙ୍କ କଥାକୁ ଆଦୌ କର୍ଣ୍ଣପାତ ନକରିବାରୁ ସେମାନେ ଆମରଣ ଅନଶନ କରିବାକୁ ସ୍ଥିର କରନ୍ତି । ଦଶଦିନ ଯାଏ କେହି ଏମାନଙ୍କ ଗତିବିଧି ଉପରେ ଆଦୌ ଦୃଷ୍ଟି ଦିଅନ୍ତି ନାହିଁ । କିନ୍ତୁ ତା'ପରେ କାଳେ କିଏ ମରିଯିବ ଭାବି ଅନଶନକାରୀଙ୍କ ପାଇଁ ବଳାତ୍‌ପାନ ର ବ୍ୟବସ୍ଥା କରାଯାଏ । ସେମାନଙ୍କ ମଧ୍ୟରୁ ମହାବୀର ସିଂହଙ୍କୁ କାବୁ କରିବା ଥିଲା ସବୁଠାରୁ କଠିନ ବ୍ୟାପାର । ସେ ଉଭୟ ଶରୀର ଓ ଗଳା ମାଧ୍ୟମରେ କୁସ୍ତି ଲଢୁଥିବା ଲୋକ । ତାଙ୍କ କୋଠରୀ ଆଡ଼କୁ ଡାକ୍ତର ସଦଳବଳେ ଆସୁଥିବା ଦେଖି ପ୍ରଥମେ ସେ ଲୁହା କବାଟକୁ ଭିତରପଟୁ ଠେଲି ଠିଆ ହୋଇଯାଆନ୍ତି ଯେମିତି ତାକୁ ଖୋଲି କେହି ଭିତରକୁ ପଶି ପାରିବେନି । ତାଲା ଖୋଲି ଆଠ ଦଶଜଣ ମିଶି କବାଟକୁ ଠେଲନ୍ତି । ଅନଶନରେ ଥିବା ଲୋକର କେତେ ବା ଶକ୍ତି ହେବ ଯେ ସେ ଅଧିକ ସମୟ ଏତେ ଲୋକଙ୍କ ମିଳିତ ଉଦ୍ୟମର ପ୍ରତିରୋଧ କରି ପାରିବ ? ଥରେ ଥରେ ସେ ହଠାତ୍ ପଛକୁ ଘୁଞ୍ଚିଯିବାରୁ ଠେଲୁଥିବା ଲୋକମାନେ କୋଠରୀ ଭିତରେ ଦୁଲ୍‌ଦାଲ୍ କରି ମୁହଁମାଡ଼ି ପଡ଼ନ୍ତି । ତା'ପରେ କୋଠରୀ ଭିତରେ ଆରମ୍ଭ ହୋଇଯାଏ କୁସ୍ତି ଓ କବାଡ଼ି ଖେଳ । ଜଣକର ଆଠଜଣଙ୍କ ବିରୁଦ୍ଧରେ । କିଛି ସମୟ ପରେ ସେମାନେ ମହାବୀର ସିଂହଙ୍କୁ କାବୁ କରି ଚଟାଣ ଉପରେ ଚିତ୍ କରି ପକାଇବାରେ ସକ୍ଷମ ହୁଅନ୍ତି । ପ୍ରତ୍ୟେକ ଅଙ୍ଗରେ ଜଣେ ଦୁଇଜଣ ଲେଖା ବସିପଡ଼ିବା ପରେ ଡାକ୍ତର ଛାତି ଉପରେ ଆଣ୍ଠୁ ମାଡ଼ି ବସି ନାକ ଭିତରେ ରବର ନଳୀ ପୂରାନ୍ତି କ୍ଷୀର ଢାଳିବା ଉଦ୍ଦେଶ୍ୟରେ । ଏତେବେଳକୁ ଗଳା ସାହାଯ୍ୟରେ କୁସ୍ତି ଆରମ୍ଭ କରନ୍ତି ପହଲବାନ୍ । ପୂରାଇବା ବେଳେ କାଶି ନଳୀକୁ ପାଟି ଭିତରକୁ ନେଇଆସି ଦାନ୍ତରେ କାମୁଡ଼ି ଦିଅନ୍ତି । କେତେବେଳେ କେମିତି ପାଟି ଭିତରକୁ ନଳୀ ନ ଆଣି ପାରିଲେ କ୍ଷୀର ଢାଳିବାରେ ସକ୍ଷମ ହୁଅନ୍ତି ଡାକ୍ତର । ଅନେକ ସମୟରେ କିନ୍ତୁ ବିଫଳ ହୋଇ ରାଗି ଆସନ୍ତା କାଲିକୁ ପୁଣି ଆସିବାର ସୂଚନା ଦେଇ ସେମାନେ ଚାଲିଯାଆନ୍ତି । ଏଇମିତି ଜେଲ୍‌ରେ କିଛିମାସ ବିତିବା ପରେ ଲାହୋର ଷଡ଼ଯନ୍ତ୍ର କେଶ ତଥା ସାଣ୍ଡାର୍ସ ହତ୍ୟାକାଣ୍ଡର ଶୁଣାଣି ହୁଏ । ତିନିଜଣ ସାଥୀଙ୍କୁ ଫାଶୀଦଣ୍ଡାଦେଶ ତଥା ମହାବୀର ସିଂହଙ୍କ ସମେତ ଅନ୍ୟ ସାତଜଣଙ୍କୁ ମିଳେ ଆଜୀବନ କାରାବାସ । ପଞ୍ଜାବର ବିଭିନ୍ନ ଜେଲ୍‌ରେ କେତେମାସ ରଖିବା ପରେ ତାଙ୍କ ଗତିବିଧିରେ ଅତିଷ୍ଠ ହୋଇ ମହାବୀର ସିଂହଙ୍କୁ କର୍ଣ୍ଣାଟକର ବେଲ୍ଲାରୀ (ମୈସୁର) ଜେଲ୍‌କୁ ସ୍ଥାନାନ୍ତରିତ କରାଯାଏ ସାଥୀ ଡା. ଗୟାପ୍ରସାଦଙ୍କ ସହିତ ।

ବେଲ୍ଲାରୀ ଜେଲରେ ପହଞ୍ଚିବା ପରେ ଏମାନେ ପୁଣି ତାଙ୍କ ନିତିଦିନିଆ ବ୍ୟାପାର ଆରମ୍ଭ କରିଦିଅନ୍ତି । ଯେମିତି ହେଲେ ବି ପ୍ରତିଦିନ ପ୍ରତିକ୍ଷଣ ସେମାନଙ୍କୁ ଶାସନ ବିରୁଦ୍ଧରେ ଲଢ଼େଇ କରିବାର ଅଛି । କ୍ରାନ୍ତିକାରୀ କେବେ ଥକି ପଡ଼ିବା ଜାଣେନି । ସାଥୀ ଭଗତ ସିଂହଙ୍କ କଥା ମନେଥାଏ ସମସ୍ତଙ୍କର । ସେମାନେ ଯେଉଁ ଜେଲ୍‌କୁ ବି ଯାଆନ୍ତୁନା କାହିଁକି କର୍ମଚାରୀମାନଙ୍କୁ ଖୁବ୍ ହଇରାଣ କରୁଥାନ୍ତି । ବେଲ୍ଲାରୀ ଜେଲ୍‌ରେ ଜଣେ ଇଂରେଜ ବକ୍ସର ଥାଆନ୍ତି ଜେଲର । ଭାରି କଠୋର ମଣିଷ । ପ୍ରତିଦିନ ସେ ଜଣେ ଜଣେ ହଟ୍ଟା କଟ୍ଟା କଏଦୀର ହାତ ଗୋଡ଼କୁ ଲୁହା ଜଞ୍ଜିରରେ ବାନ୍ଧି ତାକୁ ବାଲିବସ୍ତା ମନେକରି ବକ୍ସିଂ ଅଭ୍ୟାସ କରନ୍ତି । ପନ୍ଦର କୋଡ଼ିଏ ମିନିଟ ମୁଥମରା ପରେ ଥକିଗଲେ ସେ ଚାଲିଯାଆନ୍ତି ଲହୁଲୁହାଣ କଏଦୀକୁ ଛାଡ଼ି । ତା'ପରଦିନ ପୁଣି ଆଉ ଜଣକର ପାଳି । ଡା. ଗୟାପ୍ରସାଦଙ୍କ ନାକ, ମୁହଁ, ଛାତି ତଥା ପେଟରେ ଥରେ ଏମିତି ନିର୍ଦ୍ଦୟ ଭାବରେ ବକ୍ସିଂ ଅଭ୍ୟାସ କରାହୁଏ ଯେ ସେ ଦୀର୍ଘ ୩୬ ଘଣ୍ଟା ଧରି ଅଚେତ ହୋଇ ପଡ଼ିରହନ୍ତି ଆପଣା କୋଠରୀ ଭିତରେ । ଚେତା ଫେରିବା ପରଦିନ ତାଙ୍କୁ ପୁଣି ବାନ୍ଧି ଦିଆହୁଏ ଇଂଲିସ୍ ଘୁଷି ଖାଇବା ପାଇଁ । ଦିନେ କିନ୍ତୁ ଏଇ କ୍ରମରେ ହୋଇଯାଏ ବ୍ୟତିକ୍ରମ । ଜେଲର ବାବୁ ଆପଣା କାମରେ ବାହାରକୁ ଯାଇଥାନ୍ତି । ଫେରିବା ପରେ ତାଙ୍କର ହାତ ଖୁଜୁବୁଜୁ ହୁଏ ଅଭ୍ୟାସ ପାଇଁ । ସେ ଚାରିଜଣ ସିପାହୀଙ୍କୁ ଆଦେଶ ଦିଅନ୍ତି ମହାବୀର ସିଂହଙ୍କୁ ଧରିଆଣିବା ପାଇଁ । ହାତଗୋଡ଼ ଲୁହା ଜଞ୍ଜିରରେ ବନ୍ଧାବନ୍ଧି ପାଇଁ ଆଉ ସମୟ କାହିଁ । ମହାବୀରଙ୍କ ଦୁଇ ହାତକୁ ଦୁଇଜଣ ଲେଖା ସିପାହୀ ଶକ୍ତ ଭାବରେ ଧରିଥିବା ବେଳେ ସାହେବ ଆରମ୍ଭ କରନ୍ତି ମୁଥାଭ୍ୟାସ । ବ୍ୟତିକ୍ରମର ଫାଇଦା ଉଠାଇ ଫିରଙ୍ଗୀ ପୁଅକୁ ଭଲକରି ପାନେ ଚଖାଇବାକୁ ମନେ ମନେ ପ୍ରସ୍ତୁତ ହୋଇ ରହିଥାନ୍ତି ମହାବୀର ସିଂହ । ଗୋଟେ ଝଟ୍‌କାରେ ଡାହାଣ ହାତକୁ ସିପାହୀଙ୍କ କବଳରୁ ମୁକ୍ତ କରି ଶକ୍ତ ମୁଥଟେ ବସେଇ ଦିଅନ୍ତି ଜେଲର୍ ବାବୁଙ୍କ ନାକଦଣ୍ଡିରେ । ତା'ସହ ଲଣ୍ଡାଏ ଛେପ ତା ଆଡ଼କୁ ପକାଇ କହନ୍ତି, "ଶଳା, ଲୁହା ଜଞ୍ଜୀରରେ ହାତଗୋଡ଼ ବାନ୍ଧି ବଡ଼ ବକ୍ସର ବୋଲାଉଥିଲୁ ପରା । ଭାରତୀୟ ଘୁଷିଟେ ଖାଇଥା । ସାରା ଜୀବନ ମନେ ରଖିଥିବୁ । ଯାକୁ ଆମେ କହୁ - ସୋ ସୁନାର୍ କୀ ତୋ ଏକ୍ ଲୋହାର୍ କୀ ।" ପ୍ରକୃତରେ ନାକଦଣ୍ଡିରେ ଅପ୍ରତ୍ୟାଶିତ ଭାବେ ମୁଥ ବାଜିବାରୁ ଚାରିହାତ ପଛକୁ ଘୁଞ୍ଚି ଭାରସାମ୍ୟ ହରାଇ ତଳେ ପଡ଼ିଯାଆନ୍ତି ଜେଲର । ଦିନବେଳା ତାଙ୍କୁ ଜୁଳୁଜୁଳୁ କରୁଥିବା ତାରା ଦୃଶ୍ୟହୁଏ । ଆଠ ଦଶମିନିଟ ପରେ ସାମାନ୍ୟ ହୋଇ ସେ ଫେରିଯାଆନ୍ତି ତାଙ୍କ ଅଫିସ୍‌କୁ । ଜେଲରଙ୍କ ଉପରକୁ ହାତ ଉଠାଇଥିବା ଅଭିଯୋଗରେ ମହାବୀର ସିଂହଙ୍କୁ ତିରିଶ ବେତ ପ୍ରହାରର ଦଣ୍ଡ ବିଧାନ କରାହୁଏ । କୋଠରୀ ଭିତରେ ମହାବୀର ଆପଣା ସାଥୀ ଡା. ଗୟାପ୍ରସାଦଙ୍କୁ ହସି ହସି ସେଦିନର ସଫଳତା ବିଷୟରେ ବର୍ଣ୍ଣନା କରିବା ସହ ଆସନ୍ତା କାଲିକୁ ଅପେକ୍ଷା କରିଥିବା ବେତ ପ୍ରହାର କଥା କହନ୍ତି । ଅଷ୍ଟମ ଶ୍ରେଣୀର ଛାତ୍ର ଥିବାବେଳେ ଏଇ ବେତମାଡ଼ରୁ ହିଁ ତ ସେ କ୍ରାନ୍ତି ପଥର ପଥିକ ସାଜିଛନ୍ତି । ପଥର ଚଟାଣ ଭଳି ଦୃଢ଼ ରହି ଯା'କୁ ବି ସାମ୍ନା କରାଯିବ । କାନ୍ତିକାରୀ ହସି ହସି ମୃତ୍ୟୁବରଣ କରିପାରେ କିନ୍ତୁ ପରାଜୟ ସ୍ୱୀକାର କରିବା ତା' ରକ୍ତରେ ନାହିଁ । ବିପ୍ଳବର ଜ୍ୱଳନ୍ତ ମଶାଲ ଟେକିଧରି ସର୍ବଦା ଆଗେଇବାକୁ ପଡ଼ିବ ମାତୃଭୂମିର ମଙ୍ଗଳ ପାଇଁ । (ଅବଶିଷ୍ଟାଂଶ ଆରଥରକୁ)

ସା./ପୋ- ଧର୍ମଶାଳା, ଜି- ସୁବର୍ଣ୍ଣପୁର, ଓଡ଼ିଶା-୭୬୭୦୩୪, (ମୋ) ୯୪୩୭୨୫୩୭୧୫

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର
ରବିବାର, ୦୫ ଡିସେମ୍ବର, ୨୦୨୧

ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର

email : rabibarachayan2015@gmail.com

## ଆଉଜା କବାଟ (୫୬)



# ଆତ୍ମପ୍ରସଂଶା : ଏକ କ୍ରେଜ୍

ଡ. ରାଧାରଂଜନ ପଟ୍ଟନାୟକ

ଦ୍ୱିପାଦ ବିଶିଷ୍ଟ ପ୍ରାଣୀ ମଣିଷ ନିଜ ନିଜର ପ୍ରଶଂସା ଶୁଣିବାକୁ ଖୁବ୍ ପସନ୍ଦ କରିଥାନ୍ତି। ନିନ୍ଦା ବା ସମାଲୋଚନା ଆଦି ଉପସର୍ଗକୁ ନା କେହି ଆଦରିଥା'ନ୍ତି ନା ହଜମ କରିପାରନ୍ତି। ମନେହୁଏ, ସତେଯେପରି ନିଜର ଗୁଣକୀର୍ତ୍ତନ ଅନ୍ୟପାଖରୁ ଶୁଣିବା ଏକ ଜନ୍ମସିଦ୍ଧ ଅଧିକାର ହୋଇଯାଇଛି। ଏକବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧର ମଣିଷ ଆମ୍ଭେମାନେ। ସବୁଠି ଅପମିଶ୍ରଣ ଏବଂ ପ୍ରଦୂଷଣର ବାତାବରଣ। ଏମିତି ଏକ ପରିବେଶ ମଧ୍ୟରେ ଛଳନାର କଚ୍ଛପୀୟ ମୂର୍ତ୍ତିଧରି ପ୍ରଶଂସା କରିଚାଲିଥିବା ଲୋକଙ୍କ ସଂଖ୍ୟା ମଧ୍ୟ କମ୍ ନୁହେଁ।

ଆଜି ନିଜନିଜ ପ୍ରଶଂସାର ଆତ୍ମକଥନିକା ବଜାର ବ୍ରାଣ୍ଡରେ ପରିଣତ ହୋଇଛି। ଏହାର କ୍ରେଜ୍‌ବି ଖୁବ୍ ତେଜ୍ ହୋଇଉଠିଛି। ଏହା ହାର୍ଟକୁ ସ୍ମାର୍ଟ କରିବାର ସର୍ଟ ଏବଂ ସୁଇଟ୍ ଆଇଡିଆ। ସଂସାର ଭିତରେ ଘର କରିଥିଲେ ପ୍ରଶଂସା କରିବାର ଆଦବ କାଏଦା ଜଣାଥିବା ଉଚିତ୍। ଏହାର ଔପଚାରିକତା ବିନା ସଂସାର ଯେମିତି ଅସାର ହୋଇଯାଏ।

ବିନା କିଛି କାରଣରେ ଅନ୍ୟର ଗୁଣଗାନ କରିବା, ଜୟଘୋଷ କରିବା, ତେଲମରା କଥା କହିବା, ମଲାଇ ପରି ଶବ୍ଦ ଉଚ୍ଚାରଣ କରିବା ସାଂପ୍ରତିକ ଯୁଗରେ ଗୋଟିଏ ଗୋଟିଏ ଉପଚାର ହୋଇଯାଇଛି। ପ୍ରଶଂସାର ସ୍ୱାଦବି ଫାଷ୍ଟ୍‌ଫୁଡ୍‌ଠାରୁ ଅଧିକ ଆକର୍ଷଣୀୟ। ଏବେ କେବଳ ପ୍ରଶଂସା ହିଁ ପ୍ରଶଂସା। ଯିଏ କୌଣସି ସଜ୍ଜନଙ୍କୁ କେହି ପ୍ରଶଂସା କରିନଥମାନ୍ତି, ସେ ନିଜର ପ୍ରଶଂସା ନିମନ୍ତେ ଆକୁଳ ବିକଳ ହୋଇ ଅନ୍ୟର ପ୍ରଶଂସା ଗାନ କରିବାକୁ ବାଧ ହୋଇଥାନ୍ତି। ଏତାଦୃଶ ପଜେଟିଭ୍ ଭାବନା ନିନ୍ଦନୀୟ ନୁହେଁ, ବରଂ ଅଭିନନ୍ଦନୀୟ। ନିଜ ହାତରେ ନିଜର ଆରତି କରିବା, ଆତ୍ମପ୍ରଚାର କରିବା ଏକ ଫେସନ୍‌ରେ ପରିଣତ ହୋଇଗଲାଣି। କଥାରେ ଅଛି - ଆପଣା ହାତ ଜଗନ୍ନାଥ। ନିଜ ହାତ ତିଆରି ରସଗୋଲାକୁ କେହି କ'ଣ କେବେ ଖରାପ କହେ ? ନିଜ ଦହି ସବୁଠୁ ଭଲ। ଏମିତି ଅନେକ କିଛି...

ସବୁଠାରୁ ମଜାର କଥା, ସାହିତ୍ୟିକ ଆତ୍ମାମାନେ ତଥାକଥିତ ନୂଆ ପୁରୁଣା ସାରସ୍ୱତ ସ୍ରଷ୍ଟାମାନଙ୍କୁ ଖୁବ୍ ପ୍ରଶଂସା କରିଥାନ୍ତି, କେବଳ ନିଜର ପ୍ରଶଂସା ଶୁଣିବା ପାଇଁ। ଆଞ୍ଚଳିକ ସମ୍ମାନକୁ ରାଜ୍ୟସ୍ତରୀୟ ସମ୍ମାନ ରୂପରେ ପ୍ରଚାରିତ କରିବାର ଉଦ୍ଦେଶ୍ୟ ହିଁ ଏଥିରେ ଲୁଚିରହିଥାଏ। କବିଗୋଷ୍ଠୀମାନେ ମଧ୍ୟ ରଙ୍ଗମଞ୍ଚବଭଶର ଅଫର୍ ଶୈଳୀରେ ରଚନାତ୍ମକ ଦୃଶ୍ୟ ଦେଖିବାକୁ ବା ଶୁଣିବାକୁ ସର୍ବଦା ସଂପର୍କ ରଖିଥାନ୍ତି। ଏପରିକି ବରିଷ୍ଠ ତଥା ଅନୁଭବୀ ସ୍ରଷ୍ଟାମାନେ ମଧ୍ୟ ସ୍ୱୀକାର କରିଥାନ୍ତି ଯେ, ନିଜ ପିଠି ନିଜେ ଆପୁଡ଼େଇବା ଠାରୁ ବଳି ଅନ୍ୟକିଛି ସୁଖନାହିଁ। ପ୍ରତ୍ୟେକ ମୁହୂର୍ତ୍ତରେ ଯଶସ୍ୱୀ ହେବାର ଏହା ଏକ ଗବେଷଣାତ୍ମକ କୌଶଳ। ଏଇ ଯାତ୍ରା ଏମିତି ଅବିରାମ ଗତିରେ ଧାଁ ଦୌଡ଼ କରୁଛି। ସମ୍ଭବତଃ ନିଜର ପ୍ରଶଂସା ଶୁଣିଲେ ବର୍ଷକ ବାରମାସ ମନ ପ୍ରସନ୍ନ ଏବଂ ଟନ୍ ରହେ। ଯେମିତିକି କୌଣସି ଢାବାରେ ଭୋଜନ ଗ୍ରହଣ ସମୟରେ ଘର ଭୋଜନକୁ ଖୁବ୍ ତାରିଫ୍ କରାଯାଏ। ଏହିପରି ନିଜ ଗୁଣର ବିଶେଷଣ ନିଜେ ଝାଡ଼ିବାକୁ ହାଇଲାଇଟ୍ ବା ହାଇଟେକ୍ ବୋଲି ଧରିନିଆଯାଏ। ଏହି ସଦ୍‌ଗୁଣର କୃପାରୁ ଜୀବାତ୍ମାମାନେ ଯେମିତି ଭ୍ରମରେ ନପଡ଼ନ୍ତି, ସେଥିପ୍ରତି ରେଡ଼ିମେଡ୍ ସରସ୍ୱତୀ ପୁତ୍ରମାନେ ଭରପୂର ପ୍ରୟାସ କରିଥାନ୍ତି।

ଯଦି କୌଣସି ଲେଖକ ନିଜର ପୁସ୍ତକ ପ୍ରକାଶନ ପରେ ସମାଲୋଚିତ ହୁଏ ଅଥବା କଞ୍ଚନ କଚରା ହୋଇଯାଏ, ତେବେ କିଛି ଆସର ପଡ଼େନାହିଁ। ପୁସ୍ତକ ଉନ୍ମୋଚନରେ ହଜାର ହଜାର ଟଙ୍କା ଖର୍ଚ୍ଚକରି, ଖାଦ୍ୟପେୟର ଆକର୍ଷଣୀୟ ବ୍ୟବସ୍ଥା କରି ଜଣେ ସହୃଦୟ ସମୀକ୍ଷକୁ ସମୀକ୍ଷା କରିବାର ଦାୟିତ୍ୱ ଅର୍ପଣ କରି ନିଜ ପ୍ରଶଂସା ଶୁଣିବା ଠାରୁ ବଡ଼କଥା କ'ଣ ଅଛି ? ସେଠି ଖର୍ଚ୍ଚ ହୋଇଥିବା ଟଙ୍କାକୁ କିଏ ବା ପଚାରେ ? ହୋଇପାରେ ଉନ୍ମୋଚିତ ପୁସ୍ତକ ମାର୍କେଟ୍ ନ ନେଇପାରେ। ରଦି କାଗଜ ରେଟ୍‌ରେ ବିକ୍ରି ହୋଇପାରେ ତଥାପି ଗୋଟିଏ ମୁହୂର୍ତ୍ତର ପ୍ରଶଂସା ଶ୍ରବଣ କଲେ ଆତ୍ମସୁଖ ମିଳିଥାଏ। ଯାହା ଅମୃତଭାଣ୍ଡରୁ ବି ମିଳେନାହିଁ।

ଆତ୍ମପ୍ରଶଂସା ସକଳ ପ୍ରକାର କୁଣ୍ଠା, ତିକ୍ତତା ଏବଂ ଅନ୍ୟମନସ୍କତାକୁ ଦୂର କରିଥାଏ। ଆଜିକାଲି ଲୋକପ୍ରିୟତାର କୃତ୍ରିମ ଖୁସି କ'ଣ ଅଧିକ ନୁହେଁକି ? ଏ ତ ଗଲା ସାହିତ୍ୟିକମାନଙ୍କ କଥା। ଅନ୍ୟ ପାର୍ଶ୍ୱରେ ରାଜନେତାମାନେ ମଧ୍ୟ ଗରିବ ଜନତାମାନଙ୍କର ଧନୀ ସେବକ ହୋଇ ନିଜନିଜର ପ୍ରଶଂସା କରିବାକୁ ଭୁଲନ୍ତିନାହିଁ। ସଢ଼ିଯାଇଥିବା ମିଠାଇ ଉପରେ ବରଫ ଲଗାଇବାର ଟ୍ରିକ୍‌କୁ କ୍ଲିକ୍ କରିବାର ଓସ୍ତାଦ୍ ସାଜିଥାନ୍ତି ସେମାନେ। ମନେହୁଏ, ସତେଯେପରି ଏହା ଦର୍ଶନର ଦେଶ ନୁହେଁ, ବରଂ ପ୍ରଦର୍ଶନର ଦେଶ। ଆତ୍ମପ୍ରଶଂସା ଆତ୍ମାନନ୍ଦ ଏବଂ ପରମାନନ୍ଦ ବି ପ୍ରଦର୍ଶନର ଉପପାଦ୍ୟ ହୋଇଯାଇଛି। କେହି କେହି କହିଥାନ୍ତି, ସେମାନଙ୍କୁ ଅନେକ ସଭାସମିତି ଏବଂ କବି ସମ୍ମେଳନରୁ ଆମନ୍ତ୍ରଣ ଆସେ। ଯଦିଚ ଆମନ୍ତ୍ରଣ ପତ୍ର ପାଇବା ପାଇଁ ସେମାନେ ଡହଳବିକଳ ହେଉଥାନ୍ତି। କିନ୍ତୁ ନିଜର ବଡ଼ିମା ଦେଖାଇ କହନ୍ତି, କ'ଣ କରିବି ଯେ ! କେଉଁଠିକୁ ଯିବି ? ସମସ୍ତେ ଡାକନ୍ତି। ଫୋନ୍ ବି କରନ୍ତି। ମାତ୍ର ସବୁ ଜାଗା କ'ଣ ଯାଇହେବ ? ଗୋଟିଏ ମାସରେ ଏକ ଡର୍ଜନ୍‌ରୁ ଅଧିକ ଅଫର୍ ଆସିଥାଏ। ଆତ୍ମସ୍ତୁତିର ଏମିତି ପ୍ରସ୍ତୁତି ପ୍ରାସଂଗିକ ନହେଲେ ବି ଅପ୍ରାସଂଗିକ ନୁହେଁ।

କେହିକେହି ମଂଚ ଉପରେ କବିତା ପଢ଼ିବା ଆରମ୍ଭ କରିବା ପୂର୍ବରୁ ନିଜ ସଂପର୍କରେ ସ୍ତୁତି ଗାନ କରି ଅନେକ ଗାଲୁ ପ୍ରବଚନ ସହ ଦ୍ୱିଅର୍ଥକ ସମ୍ବାଦ ଶୁଣାଇଥାନ୍ତି। ଶ୍ରୋତାମାନେ ମଧ୍ୟ ଜୋରଦାର ତାଳିମାଡ଼ କରିଥାନ୍ତି। ମନେହୁଏ, କବିଜଣକ ନିଜର ହାଇଫାଇ ଆତ୍ମବଡ଼ିମା ସ୍ପ୍ରେ କରିଥାନ୍ତି। ସେମାନେ ବି ଜାଣିଥାନ୍ତି ଯାହା ସବୁ ଘଟୁଛି, ତାହା ଚାରିଦିନର ଜହ୍ନରାତି। ତେଣୁ ନିଜକୁ ବ୍ରାଣ୍ଡେଡ୍ ଏବଂ ଡିମାଣ୍ଡେଡ୍ ସୋ'ବାଜିରେ ରୂପାନ୍ତରିତ କରିବାକୁ ବା କିଏ ହାତଛଡ଼ା କରିବ ?

ଏବେଏବେ ସେଲ୍‌ଫି ଚଳନର ପ୍ରତିଫଳନ ଏମିତି ଘୋର ଧରିଛି ଯେ, ଆତ୍ମସ୍ତୁତିର ଗୀତା ପାଠରେ ମଣିଷ ଆନନ୍ଦ ଅନୁଭବ କରୁଛି। ନିଜ ସେଲ୍‌ଫିରେ ନିଜ ପ୍ରଶଂସାର ମଧୁର ବାଣୀ ଅନ୍‌ଲାଇନ୍‌ରେ ଛାଡୁଛି। ଆଜିକାଲି ଆତ୍ମସ୍ତୁତିର କଲ୍‌ଚର ଏତେ ବଢ଼ିଗଲାଣି ଯେ, ନିଜକୁ ଅନ୍ୟ ଆଗରେ ପ୍ରଦର୍ଶିତ କରିବାର ନିଶା ଘାରିଲାଣି। କେବଳ ଏତିକିନୁହେଁ, ବରଂ ଝୋଲାଛାପ ସାହିତ୍ୟିକମାନେ ମଧ୍ୟ ସାହିତ୍ୟ ଏକାଡେମୀରୁ ସମ୍ବର୍ଦ୍ଧିତ ହେବା ସଚରାଚର ଦୃଷ୍ଟି ସାମ୍ନାକୁ ଆସୁଛି। ଯେଉଁଠିକୁ ଦେଖିବେ, ସବୁଠାରେ ନିଜନିଜର ବଡ଼ିମା କଥା କହିବା ଏବଂ ସେଣ୍ଟ୍ ପର୍ସେଣ୍ଟ୍ ଗୁଣ କୀର୍ତ୍ତନ ଶୁଣିବାରେ ଯେମିତି ପାଗଳ ସଭିଏଁ...

କାଦ୍ରାବାଦ, ସୁନହଟ, ବାଲେଶ୍ୱର, ମୋ: ୯୪୩୮୨୯୦୦୭୨

## ସ୍ମୃତି ଅନୁଭୂତି....



ଆମ ଗାଁ ବାଟ ଦେଇ ଯେଉଁଦିନ ପ୍ରଥମ ରେଳଗାଡ଼ି ଚାଲିଲା ସେଦିନ ଥିଲା ଅନେକ ଶଙ୍କା ଓ ସମ୍ଭାବନାର ଦିନ । ଯନ୍ତ୍ରରାକ୍ଷସ ଧୂଆଁ ଛାଡ଼ି ମେଦିନୀ କମ୍ପାଇ ଯେତେବେଳେ ଆଗକୁ ଆଗକୁ ମାଡ଼ି ଆସୁଥିବ, ଦେଖାଗଲା ଅନେକ ଲୋକ ଆତଙ୍କରେ ଦଉଡ଼ି ପଳାଇ ଯାଇଥିଲେ ବୋଲି ମୁଁ ବୁଢ଼ାବୁଢ଼ୀମାନଙ୍କ ଠାରୁ ଶୁଣିଛି । କିନ୍ତୁ କିଛିଦିନ ରେଳଗାଡ଼ି ଚାଲିବା ପରେ ଲୋକଙ୍କ ମନରୁ ଆଶଙ୍କା ଦୂର ହେଲା ଏବଂ ସେମାନେ ରେଳଗାଡ଼ିରେ ବସି ବାରିପଦା ଯିବାପାଇଁ ଅଭ୍ୟସ୍ତ ହୋଇଗଲେ । ଆମ ଗାଁରୁ ବାରିପଦା ମାତ୍ର ୨୧ କିଲୋମିଟର । ରେଳ ଚଳାଚଳର ଉନ୍ନତି ହେବାର କେତେବର୍ଷ ପରେ ମୁଁ ନିମ୍ନପ୍ରାଥମିକ ଶ୍ରେଣୀରେ ଛାତ୍ର ଥିବାବେଳେ ଷ୍ଟେସନ ପାଖରେ ଗୋଟିଏ ଚାଉଳ କଳ ବସାଇ ଥିଲେ ଦାଉଦ ସାହେବ । ଆଠଦଶ ବର୍ଷ ପରେ ତାହା ଚାକୁଳିଆକୁ ଉଠିଗଲା । ଆମ ଗାଁରେ ବାଇଶଟି ବ୍ରାହ୍ମଣ ପରିବାରକୁ ଛାଡ଼ି ପନ୍ଦରଟି ଚାଷୀ ପରିବାର, ବାରିକ, ଧୋବା, କିଛି ମାଝୀ, ଭୂମିଜ ଓ ସାନ୍ତାଳ ପରିବାର ପ୍ରାୟ ଲଗାଲଗି ହୋଇ ରହୁଥିଲେ । ବ୍ରାହ୍ମଣ ସାହି, ଚାଷୀ ସାହି, ଭୂମିଜ ସାହି ଏପରି ତିନୋଟି ସାହିରେ ଗାଁ ବିଭକ୍ତ ହୋଇଥିଲା । ସେତେବେଳେ ଗ୍ରାମର ଲୋକସଂଖ୍ୟା ଦୁଇଶହ ମଧ୍ୟରେ ଥିଲା । ପ୍ରତିଶତ ସାକ୍ଷରତା ଦଶ/ପନ୍ଦର ମଧ୍ୟରେ ଥିଲା । ମହିଳା ସାକ୍ଷରତା ଏକ ପ୍ରତିଶତ । ମୋ ଜେଜେମା', ମା' ନିରକ୍ଷର ଥିଲେ କିନ୍ତୁ ମୋ ଦୁଇ ଖୁଡ଼ୀ ସାକ୍ଷର ଥିଲେ । ମୋ ଦୁଇ ବଡ଼ଭଉଣୀ ମଧ୍ୟ ଚାଟଶାଳୀ ପର୍ଯ୍ୟନ୍ତ ଯାଇଥିଲେ । ସେତେବେଳେ ଗାଁରେ ଗୋଟିଏ ପାଠଶାଳା ଥିଲା । କିନ୍ତୁ ମୋ ଜେଜେବାପା ଓ ତାଙ୍କ ଦୁଇଭାଇ ଲେଖାପଢ଼ା ଜାଣିଥିଲେ । ++

-ସାତକଡ଼ି ହୋତା, ୯ ଷ୍ଟେସନ ସ୍କୋୟାର, ଭୁବନେଶ୍ୱର



## ସ୍ମୃତି ଶତଦଳ ୨୨୦



## ୱାଶିଂଟନ ଡିସିର ହିନ୍ଦୁ ମନ୍ଦିର

ଡା. ସରୋଜିନୀ ଷଡଙ୍ଗୀ
♥ ଲିଙ୍କ୍‌ରୋଡ଼, କଟକ-୧୨
ଫୋନ୍-୯୪୩୭୦୫୫୦୦୭

**ଭାରି ଖୁସି ଲାଗିଲା, ପୃଥିବୀର ପୂରା ଆରପଟରେ ମଧ୍ୟ ଏତେ ଓଡିଆଲୋକ ଧର୍ମ ଆଲୋଚନା ଶୁଣିବାକୁ ଉତ୍ସୁକ ଅଛନ୍ତି । ସଭାପତିଙ୍କର ଅଧିଭାଷଣ ପରେ ମୁଁ ମୋର ବକ୍ତବ୍ୟ ରଖିଲି । ପ୍ରାୟ ଅଧଘଣ୍ଟା କହି ସାରିବା ପରେ ହଠାତ୍ ଦେଖିଲାବେଳକୁ ହଲ ଭର୍ତ୍ତିହୋଇ ଯାଇଛି ଏବଂ ଭାରତର ଅନ୍ୟଭାଷାଭାଷୀ ଅତିଥି ମଧ୍ୟ ସେଠାରେ ଉପସ୍ଥିତ ଅଛନ୍ତି ।**

(ପୂର୍ବ ପ୍ରକାଶିତ ଉତ୍ତାରୁ)

ମନୋରଂଜନର ଅନେକ ମାଧ୍ୟମ ମଧ୍ୟରୁ ସଂଗୀତ ହିଁ ମନକୁ ଭାବପ୍ରବଣତାରେ ଭରି ଦେଇଥାଏ । କେବଳ ହୃଦୟସ୍ପର୍ଶୀ ଗୀତଟିଏ ହିଁ ଯୁଗ ଯୁଗ ଧରି ବଞ୍ଚି ରହିଥାଏ ଏବଂ ପରମ ଆତ୍ମୀୟତାରେ ଶ୍ରୋତାକୁ ବାନ୍ଧି ରଖିଥାଏ । ଏହା ଅନ୍ତରର ଗଭୀରତମ ସ୍ଥାନକୁ ସ୍ପର୍ଶ କରି ଅନ୍ତଃସଲୀଳା ନଈଟିଏ ହୋଇ ମନର ଅନୁକୋଣରେ ବୋହିଯାଇଥାଏ, ଏକ ମଧୁର ରାଗିଣୀ ହୋଇ । ସୁଖ ଓ ଆନନ୍ଦ ନୁହେଁ, ଦୁଃଖ ଓ କାରୁଣ୍ୟର ସ୍ପର୍ଶ ରହିଲେ ହିଁ ସଂଗୀତରେ ମାଧୁର୍ଯ୍ୟ ଭରିଯାଏ । ସଂଗୀତର ବହମାନ ସ୍ରୋତରେ ଥାଏ ପ୍ରାପ୍ତିର ପରମ ଆନନ୍ଦ । ଏମିତିକି ଅନନ୍ୟ ଶୈଳୀରେ ଭକ୍ତି ସଂଗୀତଟିଏ ଗାଇଲେ ମଧ୍ୟ ସେ ସ୍ପର୍ଶ ହୃଦୟ ତନ୍ତ୍ରୀରେ ବାଜେ । ସେମିତି ମନଛୁଆଁ ଥିଲା ପ୍ରଣତିଙ୍କର ଅଭିମାନ ଭରା ଭକ୍ତି ସଂଗୀତ,

'ଯିବି ନାହିଁ କାଳିଆ ତୋ,
ରଥ ଯାତରାକୁ, ଦେଖିବି କେମିତି
ରଥ ଗଡିବ ଆଗକୁ ।'

ଏ ଗୀତଟି ଶୁଣି ମତେ ଲାଗିଲା ଯେପରି ଭକ୍ତ ବଳରାମ ଦାସ ଶ୍ରୀଗୁଣ୍ଡିଚା ଦିନ ଦିଅଁ ଦର୍ଶନ ପାଇଁ ଆସିଥିଲେ ଏବଂ ପୂଜକମାନଙ୍କ ପାଖରେ ଭର୍ତ୍ସିତ ହୋଇ ବାଙ୍କୀ ମୁହାଣକୁ ଚାଲି ଯାଇଥିଲେ । ସେଦିନ ବାଙ୍କୀ ମୁହାଣରେ ଭକ୍ତ ବଳରାମଙ୍କ ଦୁଇ ଆଖିର ଅସରା ଅସରା ଲୁହରେ ସମୁଦ୍ର ବାଲି ତିନ୍ତି ଯାଇଥିଲା । ଭିଜାମାଟିରେ ଭକ୍ତ ଶିରୋମଣି ଗଢିଥିଲେ ତିନୋଟି ବାଲି ରଥ, ଆବାହନ କରିଥିଲେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ଏବଂ ଆକୁଳକଣ୍ଠରେ ନିବେଦନ କରିଥିଲେ 'ପ୍ରଭୁ ତୁମେ ତୁମ ଭକ୍ତଙ୍କୁ ଏତେ ତିରସ୍କାର ଦେଲ ମୁଁ ଆଉ ବଡଦାଣ୍ଡ ଉପରକୁ ରଥଯାତ୍ରା ଦେଖିବାକୁ ଯିବିନି । ସତରେ ତୁମେ ଯଦି ଭକ୍ତଙ୍କର ଠାକୁର ହୋଇଥିବ ତେବେ ତୁମେ ହିଁ ଆସି ମୋର ବାଲିରଥରେ ବିଜେ ହେବ ଏବଂ ବଡଦାଣ୍ଡରେ ତିନୋଟି ଯାକ ରଥ ଅଟକି ଯିବ । ପ୍ରଭୁ ଚିରଦିନ ଭକ୍ତପ୍ରିୟ, ଭକ୍ତର ଭକ୍ତିରେ ଓ ଆଖିଲୁହରେ ସେ ବିଗଳିତ ହୋଇଯାଆନ୍ତି ।

'ଲକ୍ଷେ ଜଳଧିର ଜଳରେ ନ ତିନ୍ତେ,
ଯାର ଦୀର୍ଘ କଳେବର
ଗୋଟାଏ ଭକ୍ତର
ଦି' ଟୋପା ଲୁହରେ
ହୁଏ ଓଦା ସର ସର ।'

ସଙ୍ଗେ ସଙ୍ଗେ ଚତୁର୍ଦ୍ଧାମୂର୍ତ୍ତି ବିଜେହେଲେ ବାଲି ରଥରେ । ତେଣେ ବଡଦାଣ୍ଡରେ ରଥ ଅଟକିଗଲା । ଯୁଗେ ଯୁଗେ ଭକ୍ତର ଅଭିମାନ ଆଗରେ ପ୍ରଭୁ ହାରମାନନ୍ତି । ପ୍ରଣତିଙ୍କର ସ୍ୱରରେ ସେ ଚମତ୍କାରିତା ଥିଲା, ସେ ଯାଦୁ ମନ୍ତ୍ର ଥିଲା ଯାହା ହୃଦୟର ଅନ୍ତଃକରଣକୁ ଛୁଇଁ ବିଦ୍ୟୁତ ବେଗରେ ସାରା ଶରୀରକୁ ଛୁଇଁ ଯାଇଥିଲା ଏବଂ ମତେ ଓ ରମାରମଣଙ୍କୁ କିଛି ସମୟ ପାଇଁ ସ୍ତବ୍ଧ କରିଦେଇଥିଲା । ଏବେ ମଧ୍ୟ ରଥଯାତ୍ରାରେ ଧାରାବିବରଣୀ ଦେଲାବେଳେ ସେ ଗୀତଟିକୁ ମୁଁ ଅଭିମାନରେ ପ୍ରଭୁଙ୍କ ଆଗରେ ଗାଇଥାଏ ।

ପ୍ରଣତି ବାରମ୍ବାର ମତେ କହୁଥିଲେ 'ଖୁଡୀ ଆପଣ ଏତେ ବର୍ଷ ହେଲା ରଥଯାତ୍ରାରେ ରନିଂ କମେଣ୍ଟ୍ରି ଦେଉଛନ୍ତି, ଏଠି ୱାଶିଂଟନ ଡିସିରେ ମଧ୍ୟ ଗୋଟିଏ ବଡହିନ୍ଦୁ ମନ୍ଦିର ଅଛି, ଯେଉଁଠାରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ଚତୁର୍ଦ୍ଧାମୂର୍ତ୍ତି ପୂଜାପାଉଛନ୍ତି, ଏହା ଛଡା ଅନ୍ୟାନ୍ୟ ଦେବା ଦେବୀ ମଧ୍ୟ ଅଛନ୍ତି ଯଥା ରାମ ମନ୍ଦିର, ହନୁମାନ ମନ୍ଦିର, ଶିବ ମନ୍ଦିର ତଥା ଦୂର୍ଗାଙ୍କ ମନ୍ଦିର ଆଦି । ସେଠି ମାସ ଶେଷରେ ଧାର୍ମିକ ସଭା ଓ ଆଲୋଚନା ହୁଏ । ସମସ୍ତେ ଉତ୍ସୁକତାର ସହ ସବୁ ଶୁଣି ଓ ଆଲୋଚନାରେ ଭାଗ ନିଅଁ ତେଣୁ ଆପଣ ମଧ୍ୟ ସେ ସଭାରେ କିଛି କହିବେ ।' ଏପଟେ ଆମେ ୱାଶିଂଟନ ଡିସିକୁ ଆସିବା ଖବରଟିକୁ ପ୍ରଣତି ସୋସିଆଲ ମିଡିଆରେ ପୋଷ୍ଟ କରିବା ମାତ୍ରେ ଆମେରିକାରେ ଥିବା ଆମର ବନ୍ଧୁବାନ୍ଧବ ସାଙ୍ଗ ସାଥୀ ଓ ଚିହ୍ନା ପରିଚୟ ସବୁ ପ୍ରଣତିଙ୍କୁ ଆମ ବିଷୟରେ ପଚାରିଲେ । ସ୍ଥିର ହେଲା ଆଉ ଦୁଇଦିନ ପରେ ହିନ୍ଦୁ ମନ୍ଦିରର ଧର୍ମ ସଭାରେ ପ୍ରଭୁ ଜଗନ୍ନାଥଙ୍କର କିଛି ତତ୍ତ୍ୱ ଓ ତଥ୍ୟ ଉପସ୍ଥାପନା କରିବି ।

ଖୁବ୍ ଶୀଘ୍ର ସେଦିନଟି ଆସିଗଲା ଏବଂ ୪ଟା ବେଳକୁ ଆମେ ମନ୍ଦିରରେ ପହଞ୍ଚିଗଲୁ । ହଲର ଅର୍ଦ୍ଧେକ ସ୍ଥାନ ଓଡିଆମାନେ ଅଧିକାର କରିଥାନ୍ତି । ଭାରି ଖୁସି ଲାଗିଲା, ପୃଥିବୀର ପୂରା ଆରପଟରେ ମଧ୍ୟ ଏତେ ଓଡିଆଲୋକ ଧର୍ମ ଆଲୋଚନା ଶୁଣିବାକୁ ଉତ୍ସୁକ ଅଛନ୍ତି । ସଭାପତିଙ୍କର ଅଧିଭାଷଣ ପରେ ମୁଁ ମୋର ବକ୍ତବ୍ୟ ରଖିଲି । ପ୍ରାୟ ଅଧଘଣ୍ଟା କହି ସାରିବା ପରେ ହଠାତ୍ ଦେଖିଲାବେଳକୁ ହଲ ଭର୍ତ୍ତିହୋଇ ଯାଇଛି ଏବଂ ଭାରତର ଅନ୍ୟଭାଷାଭାଷୀ ଅତିଥି ମଧ୍ୟ ସେଠାରେ ଉପସ୍ଥିତ ଅଛନ୍ତି । ମତେ ପ୍ରଣତି ଆସି ଧୀରେ ଧୀରେ କହିଲା ଖୁଡୀ ଆପଣ ହିନ୍ଦୀରେ କୁହନ୍ତୁ, ମୁଁ ପ୍ରଥମେ ସ୍ତମ୍ଭୀଭୂତ ହୋଇଗଲି, ତାପରେ ଠାକୁରଙ୍କୁ ଡାକି ହିନ୍ଦୀରେ ଭାଷଣ ଦେବା ଆରମ୍ଭ କଲି ଏବଂ ପ୍ରାୟ ଅଧଘଣ୍ଟା ଯାଏଁ ସ୍ୱଷ୍ଟ ହିନ୍ଦୀରେ ଠାକୁରଙ୍କ ତତ୍ତ୍ୱ ଓ ତଥ୍ୟ କହିଲି । ସମସ୍ତେ ଖୁବ୍ ଖୁସି ହୋଇଥିଲେ ସେଦିନ । ମୁଁ ବି ବିଶ୍ୱାସ କରିପାରିନଥିଲି, ହିନ୍ଦୀରେ ଏତେ ଅନର୍ଗଳ ଭାଷଣ ମୁଁ କେମିତି ଦେଇପାରିଲି । ମନେ ପଡିଗଲା ମୁଁ ଅଷ୍ଟମ ଶ୍ରେଣୀରେ ପଢିଲାବେଳେ ମୋ ଭଉଣୀମାନଙ୍କୁ ପଢାଇବାକୁ ଜଣେ ହିନ୍ଦୀ ଟିଚର ଆମଘରକୁ ଆସୁଥିଲେ । ସେ ମତେ ହିନ୍ଦୀ ପଢାଇ ପ୍ରାଥମିକ, ପ୍ରାରମ୍ଭିକ ଓ ପ୍ରବେଶ ପରୀକ୍ଷା ଦେବାକୁ ପ୍ରେରଣା ଦେଇଥିଲେ । ମୋର ଓଡିଆ ସାହିତ୍ୟ ଭଲ ହେଉଥିଲା । ତେଣୁ ପ୍ରାରମ୍ଭିକ ଓ ପ୍ରବେଶ ପରୀକ୍ଷାରେ ମୁଁ ଫାଷ୍ଟ ଡିଭିଜନରେ ପାସ୍ କରିଥିଲି । ମତେ ପରବର୍ତ୍ତୀ ଜୀବନରେ ହିନ୍ଦୀ କହିବାରେ ବା ଲେଖିବାରେ ତାହା ବହୁତ ସାହାଯ୍ୟ କରିଥିଲା ।

ଶେଷରେ ୱାଶିଂଟନ ଡିସି ପରିଭ୍ରମଣ ଶେଷକରି ଆମେ ତାପସ, ପ୍ରଣତି ଓ ତାଙ୍କ ଦୁଇ ପିଲାଙ୍କ ସଙ୍ଗରେ କିଛି ସମୟ ବିତାଇ ପୁଣି ପୁଅ ସିଦ୍ଧାର୍ଥର ହସ୍‌ପିଟାଲ ମେୟୋକ୍ଲିନିକ୍ ରଚେଷ୍ଟରକୁ ଆସିବା ପାଇଁ ପ୍ରସ୍ତୁତ ହେଲୁ । କିନ୍ତୁ ଆମେରିକାର ରହଣି କାଳ ମଧ୍ୟରେ ୱାଶିଂଟନ ଡିସି ଏବଂ ଦୁଇଟି ହିରଣ୍ମୟ ହୃଦୟର ଅଧିକାରୀ ତାପସ ଓ ପ୍ରଣତି ସହ କଟିଥିବା କିଛି ମୂହୁର୍ତ୍ତ ଆମ ପାଇଁ ଚିର ସ୍ମରଣୀୟ ହୋଇ ରହିଥିବ । (କ୍ରମଶଃ)

## ସାଂପ୍ରତିକ...

# ଶିଶୁ ଶୋଷଣର ଅନ୍ତ କାହିଁ ?



ଶିଶୁମାନଙ୍କୁ ଯୌନ ଶୋଷଣ ମାମଲାରେ ସୋସିଆଲ ମିଡିଆରେ ସେବା ତଥା ପ୍ରସାରଣ ସହ ଜଡିତ ୮୩ ଜଣଙ୍କ ବିରୋଧରେ କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ ଏକ ବଡ ପଦକ୍ଷେପ ନେଇଛି । ଦେଶର ୧୪ଟି ରାଜ୍ୟର ୭୬ ଟି ସ୍ଥାନରେ ତୀବ୍ର ସର୍ଚ୍ଚ ଅପରେସନ୍ କରାଯାଇଥିଲା । ଏହି ସର୍ଚ୍ଚ ଅପରେସନରୁ ଜଣାପଡିଛି ଯେ ଅଶ୍ଳୀଳତାର ୱେବ୍ ପ୍ରାୟ ଦେଶରେ ଡ୍ରଗ୍ କାରବାର ପରି ବ୍ୟାପକ ଭାବେ ବ୍ୟାପିଛି । କେବଳ ଏତିକି ନୁହେଁ, ଅନେକ ମାଳଦ୍ୱୀପରେ ବିସ୍ତାରିତ ଦେଶର ନାଗରିକମାନେ ଏହି ଠକେଇରେ ଜଡିତ ଅଛନ୍ତି । ଶିଶୁ ଯୌନ ଶୋଷଣ ସହ ଜଡିତ ଅଶ୍ଳୀଳ ଚଳଚ୍ଚିତ୍ର ନିର୍ମାଣର ବ୍ୟବସାୟ ସହରରୁ (ଡାବ୍ରା ତହସିଲର ଆକବରୀ) ଗାଁ'କୁ ମଧ୍ୟ ବ୍ୟାପିଛି । ଏବେ ଏହା ଅତ୍ୟନ୍ତ ଚିନ୍ତାର ବିଷୟ ପାଲଟିଛି । ଏ ସମ୍ପର୍କରେ ଅନୁସନ୍ଧାନ କରୁଥିବା ୩୧ ସଦସ୍ୟ ବିଶିଷ୍ଟ ଗୋଷ୍ଠୀ ମୁଖ୍ୟ ଧ୍ୟାନ ଦେବାକୁ ପଡ଼ିଥିଲା । ଏହା ସହିତ ଅଭିଯୁକ୍ତମାନଙ୍କୁ ତାଲିକାଭୁକ୍ତ କରାଯାଇଛି, କିନ୍ତୁ କାହାକୁ ଗିରଫ କରାଯାଇ ପାରିନାହିଁ । କହିବା ବାହୁଲ୍ୟ ଯେଉଁଠି ଲୋକମାନେ ଯୌନ ଚଳଚ୍ଚିତ୍ର ନିର୍ମାଣ କରିବାକୁ ଉତ୍ସାହିତ କରୁଥିଲେ, ଉତ୍ପାଦକମାନଙ୍କୁ ଦେୟ ପ୍ରଦାନ କରିବା ସହିତ ସାମଗ୍ରୀ ପ୍ରସାରଣ ଏବଂ ବିସ୍ତାର କାର୍ଯ୍ୟ ମଧ୍ୟ କରିଥିଲେ ।

ନିକଟରେ ପ୍ରସିଦ୍ଧ ଚଳଚ୍ଚିତ୍ର ଅଭିନେତ୍ରୀ ଶିଳ୍ପା ଶେଟ୍ଟୀଙ୍କ ସ୍ୱାମୀ ରାଜ କୁନ୍ଦ୍ରାଙ୍କୁ ମଧ୍ୟ ଅଶ୍ଳୀଳ ଚଳଚ୍ଚିତ୍ର ନିର୍ମାଣ ଏବଂ ବିଭିନ୍ନ ସୋସିଆଲ ସାଇଟ୍ ଏବଂ ପୋଷ୍ଟରେ ଅପଲୋଡ୍ କରିବା ନେଇ ମୁମ୍ବାଇ ପୋଲିସ ଗିରଫ କରିଥିଲା । ସେ ଅଶ୍ଳୀଳ ଚଳଚ୍ଚିତ୍ର ନିର୍ମାଣ, ବିକ୍ରୟ ଏବଂ ଏଥିରୁ ଟଙ୍କା ରୋଜଗାର ବ୍ୟବସାୟରେ ଜଡିତ ଥିଲେ । ତିନିଜଣ ତାଙ୍କ ବିରୋଧରେ ଅଭିଯୋଗ କରିଥିଲେ । ରାଜ କୁନ୍ଦ୍ରାଙ୍କ କମ୍ପାନୀ ଏବଂ ତାଙ୍କ ସହଯୋଗୀମାନେ (ଭଡା) ବଙ୍ଗଳାରେ ଚଳଚ୍ଚିତ୍ର ନିର୍ମାଣ କରୁଥିଲେ । କୁନ୍ଦ୍ରାର କମ୍ପାନୀ ଆମ୍ସ ପ୍ରାଇଭେଟ ଲିମିଟେଡ୍ ନେଟ୍ସ ଆପ୍ ସୃଷ୍ଟି କରି ଏହାକୁ ବ୍ରିଟେନର ଜଣେ ସମ୍ପର୍କୀୟଙ୍କ ନାମରେ ପଞ୍ଜୀକୃତ ହୋଇଥିବା କେନ୍ରିନ୍‌ଙ୍କୁ ବିକ୍ରି କରିଥିଲା । କୁନ୍ଦ୍ରାଙ୍କ ସହ କାମ କରୁଥିବା କିଛି ଝିଅ ମଧ୍ୟ ଅନ୍ତର୍ଜାତୀୟ ଗ୍ୟାଙ୍ଗ କବଳରେ ଥିବା ଦେଖିବାକୁ ମିଳିଥିଲା ?ଏବଂ ସେ ପର୍ଣ୍ଣ ଫିଲ୍ମ ରାକେଟର ମୁଖ୍ୟ ଷଡଯନ୍ତ୍ରକାରୀ ବୋଲି ଜଣାପଡିଛି । ଏହି କାରଣରୁ, ଚଳଚ୍ଚିତ୍ର, ଟିଭି, ସୋସିଆଲ ମିଡିଆ ଏବଂ ଆଇଟି କମ୍ପାନୀ ଗୁଡିକର ଅନେକ ସେଲିବ୍ରିଟି ଏହି ବ୍ଲୁ ଭିଡିଓ ଫିଲ୍ମ ବ୍ୟବସାୟ ସହିତ ଜଡିତ ମୋବାଇଲ୍ ଏବଂ କମ୍ପ୍ୟୁଟରରେ ଇଣ୍ଟରନେଟର ସାଂଘାତିକତା ବୃଦ୍ଧି କରୁଛନ୍ତି । କିଛି ଦିନ ପୂର୍ବରୁ ସିବିଆଇ ଏକ ଅନ୍ତର୍ଜାତୀୟ ର୍ୟାକେଟ୍ ଉପରେ ଅଶ୍ଳୀଳ ଭିଡିଓ ଏବଂ ପିଲାମାନଙ୍କର ଫଟୋ ବିକ୍ରୟ କରିଯାଉଥିବା ତଥ୍ୟ ସଂଗ୍ରହ କରିଥିଲେ ??। ଏହି ମାମଲାରେ ମୁମ୍ବାଇର ଜଣେ ଟିଭି କଳାକାରଙ୍କୁ ମଧ୍ୟ ଗିରଫ କରାଯାଇଥିଲା । ଅନୁସନ୍ଧାନ ଏଜେନ୍ସିର ତଥ୍ୟ ଅନୁଯାୟୀ ଅଭିଯୁକ୍ତ ଆମେରିକା, ୟୁରୋପ ଏବଂ ଦକ୍ଷିଣ ଏସୀୟ ଦେଶରେ ଏକ ହଜାରରୁ ଅଧିକ ଗ୍ରାହକ ସୃଷ୍ଟି କରିଛନ୍ତି । ଅଭିଯୁକ୍ତ କଳାକାର ସୋସିଆଲ ସାଇଟ୍ ଇନଷ୍ଟାଗ୍ରାମରେ ଅଶ୍ଳୀଳ ପର୍ଣ୍ଣ ଭିଡିଓ ପଠାଇ ବଡ ଟଙ୍କା ରୋଜଗାର କରୁଥିଲେ ।

ସେ ନିଜ ଜାଲରେ ପିଲାମାନଙ୍କୁ ପ୍ରଲୋଭିତ କରିବା ପାଇଁ ଚଳଚ୍ଚିତ୍ର ତାରକା ଭାବରେ ମାସ୍କେରେଡ୍ କରୁଥିଲେ । ଏହି କାର୍ଯ୍ୟକଳାପଗୁଡ଼ିକ ସେମାନଙ୍କ ସହିତ ଯୋଗଦାନ କରି ଅନଲାଇନରେ କରାଯାଇଥିଲା । ପୋସ୍କୋ ଆକ୍ଟ ଏବଂ ଅନ୍ୟାନ୍ୟ ବିଭାଗ ଅନୁଯାୟୀ ସିବିଆଇ ତାଙ୍କୁ ଗିରଫ କରିଛି । ଦିଲ୍ଲୀରେ ମଧ୍ୟ ସମାନ ଘଟଣାରେ ୨୭ ଜଣ କିଶୋର ବନ୍ଧୁ ସୋସିଆଲ ମିଡିଆ ଇନଷ୍ଟାଗ୍ରାମରେ ଏକ ଗୋଷ୍ଠୀରେ ପଢୁଥିବା ଛାତ୍ରମାନଙ୍କୁ ବଳାତ୍କାର କରିବାକୁ ଷଡଯନ୍ତ୍ର କରିଥିଲେ । ସେମାନେ ସମସ୍ତେ ଦକ୍ଷିଣ ଦିଲ୍ଲୀର ଦାମୀ ବିଦ୍ୟାଳୟରେ ଅଧ୍ୟୟନ କରିଥିଲେ । ସେମାନେ ସବୁ ଏକାଦଶ ଓ ଦ୍ୱାଦଶର ଛାତ୍ର ହୋଇ, ବହୁତ ଧନୀ ପରିବାରର ଥିଲେ । ଖାଲି ସେତିକି ନୁହେଁ, ସ୍ମାର୍ଟ ମୋବାଇଲରେ ପିଲାମାନଙ୍କର ଚରିତ୍ରକୁ ନଷ୍ଟ କରିବା ପାଇଁ ଇଣ୍ଟରନେଟ୍ ଏବଂ ସୋସିଆଲ୍ ସାଇଟ୍ ଏକ ବଡ଼ ମାଧ୍ୟମ ପାଲଟିଛି । ଏହି ବ୍ୟବସାୟରେ ସେଲିବ୍ରିଟିମାନେ ଜଡିତ ଅଛନ୍ତି । ଇଣ୍ଟରନେଟର ଭର୍ଚୁଆଲ୍ ଏବଂ ନେଫାରିଏସ୍ ଦୁନିଆରୁ ଅଶ୍ଳୀଳ ସାମଗ୍ରୀ ଉପରେ ନିଷେଧାଦେଶର ଦାବି ପ୍ରଥମେ ଇନ୍ଦୋରର ଦାୟିତ୍ୱବାନ ନାଗରିକ କମଳେଶ ଭାସୱାନୀ ସୁପ୍ରିମକୋର୍ଟରେ କରିଥିଲେ ।

ଏହି ଆବେଦନରେ ଯୁକ୍ତି କରାଯାଇଥିଲା ଯେ ଇଣ୍ଟରନେଟରେ ଦେଖାଯାଉଥିବା ଅଶ୍ଳୀଳ ୱେବସାଇଟ୍ ଉପରେ ପ୍ରତିବନ୍ଧକ ଲଗାଯିବା ଉଚିତ । କାରଣ ଏହି ସାଇଟଗୁଡିକ ପିଲାମାନଙ୍କ ସହ ଯୌନ ଶୋଷଣର କାରଣ ସାଜୁଛି । ସାମାଜିକ ଅଶୁଭତା ଏବଂ ଘନିଷ୍ଠ ସମ୍ପର୍କକୁ ବଢାଇବା ପାଇଁ ଏହା ମଧ୍ୟ ଏକ କାରଣ ପାଲଟିଛି । ଇଣ୍ଟରନେଟରେ ଅଶ୍ଳୀଳ ସାମଗ୍ରୀକୁ ନିୟନ୍ତ୍ରଣ କରିବା ପାଇଁ କୌଣସି ଆଇନଗତ ବ୍ୟବସ୍ଥା ନଥିବାବେଳେ ସେମାନଙ୍କ ସଂଖ୍ୟା କ୍ରମାଗତ ଭାବରେ ବୃଦ୍ଧି ପାଉଛି । ଦର୍ଶକଙ୍କ ସଂଖ୍ୟା ମଧ୍ୟ ବଢୁଛି । ଏଭଳି ପରିସ୍ଥିତିରେ ସମାଜ ପ୍ରତି ଦାୟୀ ରହିବା ସରକାରଙ୍କ କର୍ତ୍ତବ୍ୟ ହୋଇଯାଏ । ପର୍ଣ୍ଣ ଟେକ୍ନୋଲୋଜିକୁ ନିୟନ୍ତ୍ରଣ କରିବା ଏହା ଏକ ଠୋସ୍ ପଦକ୍ଷେପ ନେବା ସରକାରଙ୍କ ଦାୟିତ୍ୱ । କିନ୍ତୁ ଗତ ୧୫ ବର୍ଷ ଧରି ଏହି ସମସ୍ୟାର କୌଣସି ସମାଧାନ ମିଳିଲା ନାହିଁ । ପ୍ରକୃତ କଥା ହେଉଛି ଇଣ୍ଟରନେଟ୍ ଅଶ୍ଳୀଳତାରେ ପରିପୂର୍ଣ୍ଣ । ଆହୁରି ମଧ ଏହି ସାଇଟଗୁଡିକ ଉଭୟ ଭିଜୁଆଲ୍ ଏବଂ ପ୍ରିଣ୍ଟରେ ସମସ୍ତ ତିନୋଟି ମିଡିଆରେ ନିୟନ୍ତ୍ରିତ କିମ୍ବା ବନ୍ଦ ନୁହେଁ, କାରଣ ସର୍ଭରଗୁଡ଼ିକର କଣ୍ଟ୍ରୋଲ୍ ରୁମ୍ ବିଦେଶରେ ଅବସ୍ଥିତ ।

ବିଶ୍ୱାସ କରାଯାଏ ଯେ ଏହି ଅବହେଳିତ ଦୁନିଆରେ ପ୍ରାୟ ୨୦୦ ନିୟୁତ ପର୍ଣ୍ଣ ଭିଡିଓ ଏବଂ କ୍ଲିପିଂ ବଜାରରେ ବିଭିନ୍ନ ଉପାୟରେ ଚାଲୁଅଛି । ଯାହା କମ୍ପ୍ୟୁଟର, ଲାପଟପ୍, ମୋବାଇଲ୍, ଫେସବୁକ୍, ଟିଟୋର, ୟୁଟ୍ୟୁବ୍ ଏବଂ ହ୍ୱାଟସ୍ ଆପ୍ ପରଦାରେ ଦେଖାଯାଏ । କିନ୍ତୁ ଏଠାରେ ପ୍ରଶ୍ନ ଉଙ୍କି ଉଠୁଛି ଯେ ଇଣ୍ଟରନେଟରେ ଅଶ୍ଳୀଳତା ଉପଲବ୍ଧ ହେବାର ସମାନ ପରିସ୍ଥିତି ମଧ୍ୟ ଚାଇନାରେ ଥିଲା । କିନ୍ତୁ ଯେତେବେଳେ ଚୀନ୍ ଏହି ଯୌନ ନିର୍ଯାତନାକୁ ସମାଜରେ ଅଶୁଭତା ବଢାଇଥିବାର ଦେଖିଲା, ସେତେବେଳେ ଏହାର ୱେବ୍ ଟେକ୍ନୋଲୋଜି ଏଜେନ୍ସିଗୁଡ଼ିକ ସମସ୍ତ ୱେବସାଇଟକୁ ଏକ ବ୍ୟଙ୍ଗାତ୍ମକ ଢଙ୍ଗରେ ନିଷିଦ୍ଧ କଲା । ସୂଚନାଯୋଗ୍ୟ ଯେ ଚାଇନାରେ ଅଶ୍ଳୀଳ ସେବା କରୁଥିବା ସର୍ଭରଗୁଡ଼ିକ, ସେମାନଙ୍କର ଅବସ୍ଥାନ ଚୀନ୍ ବ୍ୟତୀତ ପୃଥିବୀ ଏବଂ ଆକାଶରେ ମଧ୍ୟ ଅଛି । ତା'ପରେ ପୁନର୍ବାର ଏହି ବାହାନା ବୁଝାପଡୁ ନାହିଁ, କାହିଁକି ଆମର ଇଞ୍ଜିନିୟରମାନେ ଏହି ସାଇଟଗୁଡିକ ବନ୍ଦ କରିବାକୁ ଅକ୍ଷମତା ପ୍ରମାଣ କରୁଛନ୍ତି । ଚୀନ୍ ସେଠାରେ ଅଟକି ନଥିଲା, ଏହା ବର୍ତ୍ତମାନ ଗୁଗୁଲ ପରି ନିଜର ସର୍ଚ୍ଚ ଇଞ୍ଜିନ୍ ତିଆରି କରିଛି, ଯେଉଁଥିରେ ଅଶ୍ଳୀଳ ସାମଗ୍ରୀ ଅପଲୋଡ୍ କରିବା ସମ୍ପୂର୍ଣ୍ଣ ନିଷେଧ । ସତ କହିବାକୁ ଗଲେ ଦୁଇଟି ଭୟ ଉପୁଜିଛି ଯେ ଆମେ ବହୁରାଷ୍ଟ୍ରୀୟ କମ୍ପାନୀଗୁଡିକର ଚାପରେ ଏହି ଭର୍ଚୁଆଲ୍ ବିଶ୍ୱ ବ୍ୟବସାୟକୁ ଭାରତୀୟ ବଜାରରୁ ହଟାଇବାକୁ ଚାହୁଁନାହୁଁ । ଦ୍ୱିତୀୟତଃ ଏହା ଡ୍ରଗ୍ସ ଏବଂ ଉପକରଣ ଏବଂ ଗର୍ଭନିରୋଧକ ଡ୍ରଗ ( ଔଷଧ) ବିକ୍ରୟ ବୃଦ୍ଧିରେ ସାହାଯ୍ୟ କରେ । ବୈଦେଶିକ ମୁଦ୍ରା ରୋଜଗାରର ଏହା ମଧ୍ୟ ଏକ ମାଧ୍ୟମ ଅଟେ । ବହୁ ବର୍ଷ ଧରି, ଆମେ ବୈଦେଶିକ ମୁଦ୍ରା ପାଇଁ ଏତେ ଭୋକିଲା ମନେ ହେଉଛୁ ଯେ ଆମ ଦେଶର ଯୁବକମାନଙ୍କର ନୈତିକ ଅବନତି ଏବଂ ବାଳିକା ଏବଂ ବାଳିକାଙ୍କ ବଳାତ୍କାର ଏବଂ ହତ୍ୟା ବିଷୟରେ ସମସ୍ତଙ୍କର ଚିନ୍ତା କରିବା ଆବଶ୍ୟକ ଅଛି ।

ଆମେରିକା, ବ୍ରିଟେନ, କୋରିଆ ଏବଂ ଜାପାନ ଏହି ଅଶ୍ଳୀଳ ସାମଗ୍ରୀର ସବୁଠାରୁ ବଡ ଉତ୍ପାଦକ ଏବଂ ରପ୍ତାନିକାରୀ ସଂସ୍ଥା ହୋଇଛି । ବ୍ରିଟେନରେ ସୋହୋ ଏପରି ଏକ ସ୍ଥାନ, ଯାହା ପର୍ଣ୍ଣ ଭିଡିଓ ଚଳଚ୍ଚିତ୍ର ଏବଂ ପର୍ଣ୍ଣ କ୍ଲିପିଂ ଉତ୍ପାଦନ ପାଇଁ ବିକଶିତ ହୋଇଛି । ଏହିପରି ବହୁରାଷ୍ଟ୍ରୀୟ କମ୍ପାନୀ ଏଠାରେ ନିର୍ମିତ ଅଶ୍ଳୀଳ ଚଳଚ୍ଚିତ୍ର ଉତ୍ପାଦନରେ ସେମାନଙ୍କର ଅର୍ଥ ବିନିଯୋଗ କରନ୍ତି । ଯାହା କେବଳ ଯୌନ ପଦାର୍ଥ, ଔଷଧ ଏବଂ ଯନ୍ତ୍ରପାତି ଉତ୍ପାଦନ କରିଥାଏ । ଭାୟାଗ୍ରା ଭାଇବ୍ରେଟର, କୁମାରୀ ମେମ୍ବ୍ରେନ୍, କଣ୍ଡୋମ୍, ଏବଂ ଡଲ୍ ବ୍ୟତୀତ ଆପ୍ରୋଡାଇସିଆକ୍ ତେଲ ତିଆରି କରୁଥିବା ଏହି କମ୍ପାନୀଗୁଡିକ ଏହି ଚଳଚ୍ଚିତ୍ରଗୁଡ଼ିକର ଉତ୍ପାଦନରେ ପୁଞ୍ଜି ବିନିଯୋଗ କରି ମାନସିକତାକୁ ବିକୃତ କରିବାର ବ୍ୟବସାୟକୁ ପ୍ରୋତ୍ସାହିତ କରୁଛନ୍ତି । ଗ୍ରୀସ୍ ଓ ସ୍ୱିଡେନ ଭଳି ଦେଶରେ ୮୯ ଏବଂ ୫୩ ପ୍ରତିଶତ ନାବାଳକ ଯଥାକ୍ରମେ ବଜାରକୁ ବୃଦ୍ଧି କରିବା ପାଇଁ ବନ୍ଦୋବସ୍ତ କରୁଛନ୍ତି । ଭାରତରେ ଇଣ୍ଟରନେଟରେ ପର୍ଣ୍ଣ ବିଷୟ ଅଶ୍ଳୀଳତାକୁ ନିୟନ୍ତ୍ରଣ କରିବାକୁ ପଡିବ । ଯେପର୍ଯ୍ୟନ୍ତ ଏହାର ନିୟନ୍ତ୍ରଣ ନାହିଁ ଦେଶରେ ଅନୈତିକ ଶିଶୁ ବଳତ୍କାର ଓ ହତ୍ୟା ଭଳି ଅଭାବନୀୟ ପରିସ୍ଥିତି ଲାଗି ରହିବ, ଏଥିପ୍ରତି ସମସ୍ତେ ସଚେତନ ଓ ସଜାଗ ରହିବା ଆବଶ୍ୟକ ତଥା ସରକାର ଏହାର ନିୟନ୍ତ୍ରଣ ନିମନ୍ତେ କଠୋର ହେବା ଉଚିତ୍..!!!



ଆଲେଖ୍ୟ: ଡ. ଲକ୍ଷ୍ମଣ ସାହୁ
♥ ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
(ମୋ) ୯୦୪୦ ୧୫୧୪ ୭୫

# ପ୍ରଶାସନିକ କ୍ଷେତ୍ରରେ ରାଜ୍ୟମାନେ ପରସ୍ପରର ସଫଳ ପ୍ରୟାସ ଓ ଯୋଜନା ଗୁଡ଼ିକୁ କାର୍ଯ୍ୟକାରୀ କରିବା ଉଚିତ୍ : କେନ୍ଦ୍ର ମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ



ଭୁବନେଶ୍ୱର, ୦୪/୧୨ (ନି.ପ୍ର): ମୋଦୀ ସରକାର 'ସର୍ବନିମ୍ନ ସରକାର-ସର୍ବାଧିକ ପ୍ରଶାସନ' ଦୃଷ୍ଟିକୋଣ ସହିତ ପ୍ରଶାସନିକ କ୍ଷେତ୍ରରେ ଏକ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଛନ୍ତି। ଉତ୍ତରଦାୟୀ ପ୍ରଶାସନ ସହିତ ପ୍ରଯୁକ୍ତିର ସର୍ବୋତ୍ତମ ଉପଯୋଗ ଜରିଆରେ ନାଗରିକଙ୍କ ଜୀବନରେ ସରକାରୀ ହସ୍ତକ୍ଷେପ ହ୍ରାସ କରିବା ଲାଗି ପଦକ୍ଷେପ ନିଆଯାଇଛି ବୋଲି କହିଛନ୍ତି କେନ୍ଦ୍ର କାର୍ମିକ ଓ ପ୍ରଶିକ୍ଷଣ, ସାଧାରଣ ଅଭିଯୋଗ ଏବଂ ପେନସନ ପ୍ରଶାସନ ରାଷ୍ଟ୍ରମନ୍ତ୍ରୀ ଡ. ଜିତେନ୍ଦ୍ର ସିଂ। ଭୁବନେଶ୍ୱର ଠାରେ 'ଉତ୍ତମ ପ୍ରଶାସନିକ ବ୍ୟବସ୍ଥାର ପ୍ରତିଫଳନ' ଉପରେ ଆୟୋଜିତ ଏକ ଦୁଇଦିନିଆ ଆଞ୍ଚଳିକ ସମ୍ମିଳନୀର ଉଦଯାପନୀ ଅଧିବେଶନରେ ଉଦବୋଧନ ଦେଇ ଡ. ସିଂ କହିଥିଲେ ଯେ, ନାଗରିକ କୈନ୍ଦ୍ରିକ ସରକାର ମୋଦୀ ସରକାରଙ୍କ ପ୍ରଶାସନିକ ମଡେଲର କେନ୍ଦ୍ରରେ ରହିଛି। ପ୍ରଶାସନିକ କ୍ଷେତ୍ରରେ ରାଜ୍ୟମାନେ ପରସ୍ପରର ଶ୍ରେଷ୍ଠ ବ୍ୟବସ୍ଥାଗୁଡ଼ିକୁ କାର୍ଯ୍ୟକାରୀ କରିବା ଉଚିତ୍ ବୋଲି କେନ୍ଦ୍ର ମନ୍ତ୍ରୀ କହିଥିଲେ। ସେ ଆହୁରି କହିଥିଲେ ଯେ ପ୍ରଶାସନିକ ବ୍ୟବସ୍ଥାରେ ସୁଧାର ଆଣିବା ଲାଗି ଭାରତ ସରକାରଙ୍କ ସ୍ତରରେ ଅଣାଯାଇଥିବା ପରିବର୍ତ୍ତନ ରାଜ୍ୟ ଓ ଜିଲ୍ଲାସ୍ତରରେ ପ୍ରତିଫଳିତ ହେବା ଉଚିତ୍। କାରଣ ଏହାର ମୂଳ ଲକ୍ଷ୍ୟ ହେଉଛି ଏକ ଦୁର୍ନୀତିମୁକ୍ତ ଏବଂ ସ୍ୱଚ୍ଛ ପ୍ରଶାସନ ଯୋଗାଇ ଦେବା। ଗତ କିଛି ବର୍ଷ ହେବ ଅଭିଯୋଗ ସମାଧାନ ବ୍ୟବସ୍ଥା କିଭଳି ଭାବେ ସୁଦୃଢ଼ ହୋଇଛି ସେ ସମ୍ପର୍କରେ ଆଲୋକପାତ କରି ଡକ୍ଟର ସିଂ କହିଥିଲେ ଯେ, ୨୦୧୪ରେ ନୂଆ ସରକାର କ୍ଷମତାକୁ ଆସିବା ସମୟରେ ଅଭିଯୋଗ ସମାଧାନ ବ୍ୟବସ୍ଥାରେ କେତେକ ଦୁର୍ବଳତା ରହିଥିଲା। ଏଥିରେ ସୁଧାର ଆଣିବା ଲାଗି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଗଲା। ସେତେବେଳେ ବାର୍ଷିକ ପାଖାପାଖି ଦୁଇ ଲକ୍ଷ ଅଭିଯୋଗ ଆସୁଥିଲା। ବର୍ତ୍ତମାନ ଏହି ସଂଖ୍ୟା ଛଅଗୁଣ ବୃଦ୍ଧି ଘଟିଛି। ସରକାର ଜନସାଧାରଣଙ୍କ ଅଭିଯୋଗ ସମାଧାନ କରିବେ ବୋଲି ,କ ବିଶ୍ୱାସ ଦେଶରେ ସୃଷ୍ଟି ହୋଇଛି। ଆଜି ବିଭିନ୍ନ ବିଭାଗରେ ଅଭିଯୋଗ ସମାଧାନ ହାର ୯୫-୧୦୦% ମଧ୍ୟରେ ରହିଛି, ଯାହାକି ସନ୍ତୋଷର ବିଷୟ ବୋଲି ସେ କହିଥିଲେ। ସାଧାରଣ ଅଭିଯୋଗର ସମାଧାନ ଲାଗି ଭାରତ ସରକାର ସିପିଗ୍ରାମ୍ସ ଭଳି ଉତ୍ତମ ପ୍ରଶାସନିକ ପଦକ୍ଷେପ ଗ୍ରହଣ କରିଛନ୍ତି ବୋଲି କେନ୍ଦ୍ରମନ୍ତ୍ରୀ କହିଥିଲେ। ୨୦୨୦-୨୧ ବର୍ଷରେ ୧୨ଟି ରାଜ୍ୟ ପୋର୍ଟାଲକୁ ସିପିଗ୍ରାମ୍ସ ସହିତ ଯୋଡ଼ା ଯାଇଛି। ଅନ୍ୟପକ୍ଷରେ ୧୫ଟି ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ ସାଧାରଣ ଅଭିଯୋଗ ସମାଧାନ ଲାଗି ସିପିଗ୍ରାମ୍ସର ବ୍ୟବହାର କରୁଛନ୍ତି। ସେ କହିଥିଲେ, ଏକ ପୋର୍ଟାଲ ଏକ ରାଷ୍ଟ୍ର ଲକ୍ଷ୍ୟ ହାସଲ ଦିଗରେ କେନ୍ଦ୍ରୀକୃତ ସାଧାରଣ ଅଭିଯୋଗ ସମାଧାନ ଏବଂ ଅନୁଧ୍ୟାନ ବ୍ୟବସ୍ଥା (ସିପିଗ୍ରାମ୍ସ)କୁ ରାଜ୍ୟ ଅଭିଯୋଗ ପୋର୍ଟାଲଗୁଡ଼ିକ ସହିତ ସମନ୍ୱିତ କରାଯାଇଛି। ଡକ୍ଟର ସିଂ କହିଥିଲେ ଯେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଂସ୍କାରମୂଳକ ପଦକ୍ଷେପ ନିଆଯାଇଛି। ରେଳ ଟିକେଟ ବାତିଲ କ୍ଷେତ୍ରରେ ଆପେ ଆପେ ଅର୍ଥ ଫେରସ୍ତ ମିଳିଯାଉଛି, ବ୍ୟାଙ୍କ ମାଧ୍ୟମରେ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଜରିଆରେ ପେନସନ ଯୋଗାଇ ଦିଆଯାଉଛି, କୋଚଗୁଡ଼ିକୁ ସଫା କରିବା ଲାଗି ମେସିନଚାଳିତ ବ୍ୟବସ୍ଥା କାର୍ଯ୍ୟକାରୀ କରାଯାଇଛି, ଆୟକର ରିଟର୍ଣ୍ଣର ଇ-ଭେରିଫିକେସନ କରାଯାଉଛି, ୫୦,୦୦୦ ଟଙ୍କା ପର୍ଯ୍ୟନ୍ତ ଆୟକର ରିଟର୍ଣ୍ଣ ତୁରନ୍ତ ଯୋଗାଇ ଦିଆଯାଉଛି। ପ୍ରଧାନମନ୍ତ୍ରୀ ସବୁବେଳେ ପ୍ରଯୁକ୍ତିର ସର୍ବୋତ୍ତମ ଉପଯୋଗ ପ୍ରତି ଗୁରୁତ୍ୱାରୋପ କରିଆସିଛନ୍ତି ଏବଂ ମନ୍ତ୍ରଣାଳୟଗୁଡ଼ିକ ଏହାକୁ ଯଥାସମ୍ଭବ ଶ୍ରେଷ୍ଠ ମାର୍ଗରେ ବ୍ୟବହାର କରୁଛନ୍ତି ବୋଲି କେନ୍ଦ୍ର ମନ୍ତ୍ରୀ କହିଥିଲେ। କାର୍ମିକ ଏବଂ ପ୍ରଶିକ୍ଷଣ ମନ୍ତ୍ରଣାଳୟ ପକ୍ଷରୁ ଗ୍ରହଣ କରାଯାଇଥିବା ଅଭିନବ ପଦକ୍ଷେପ ସମ୍ପର୍କରେ ଆଲୋଚନା କରି କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ଅକ୍ଟୋବର ୨ ଏବଂ ଅକ୍ଟୋବର ୩୧, ୨୦୨୧ ମଧ୍ୟରେ ସମସ୍ତ ସରକାରୀ କାର୍ଯ୍ୟାଳୟ ଭିତରେ ଏବଂ ବାହାରେ ଏକ ବିଶେଷ ସଫେଇ ଅଭିଯାନ କରାଯାଇଥିଲା। ଏହାଫଳରେ ୧୨ ଲକ୍ଷ ବର୍ଗଫୁଟର ଅଫିସ ସ୍ଥାନ ଖାଲି କରାଯିବା ସହିତ ଏବଂ ୬୨ କୋଟି ଟଙ୍କାର ରାଜସ୍ୱ ସଞ୍ଚୟ କରାଯାଇ ପାରିଥିଲା। କେନ୍ଦ୍ରମନ୍ତ୍ରୀ ଆହୁରି କହିଥିଲେ ଯେ, ସ୍ୱାଧୀନତାର ୭୫ତମ ବର୍ଷରେ ପାଳନ କରାଯାଉଥିବା ଆଜାଦୀ କା ଅମୃତ ମହୋତ୍ସବର ଅଂଶବିଶେଷ ସ୍ୱରୂପ ଭାରତ ସରକାର "ଉତ୍ତମ ପ୍ରଶାସନ ସପ୍ତାହ" ପାଳନ କରିବା ଲାଗି ନିଷ୍ପତ୍ତି ନେଇଛନ୍ତି। ଡିସେମ୍ବର ୨୦ରୁ ୨୬ ତାରିଖ ପର୍ଯ୍ୟନ୍ତ ଏହି ସପ୍ତାହ ଆୟୋଜନ କରାଯିବ। ଆଞ୍ଚଳିକ ସମ୍ମିଳନୀ ସମ୍ପର୍କରେ ମତବ୍ୟକ୍ତ କରି କେନ୍ଦ୍ର ମନ୍ତ୍ରୀ କହିଥିଲେ ଯେ ଏଥିରେ ଅଂଶଗ୍ରହଣ କରିଥିବା ସମସ୍ତ ଅଂଶୀଦାରମାନେ ଉତ୍ତମ ପ୍ରଶାସନିକ ବ୍ୟବସ୍ଥାର ପ୍ରତିଫଳନ ପ୍ରତି ଧ୍ୟାନ ଦେବା ଉଚିତ୍। କେନ୍ଦ୍ର, ରାଜ୍ୟ ଏବଂ ଜିଲ୍ଲାସ୍ତରରେ ଅଭିନବ ପ୍ରଶାସନିକ ଉପାୟ କାର୍ଯ୍ୟକାରୀ କରାଗଲେ ନାଗରିକ କୈନ୍ଦ୍ରିକ ପ୍ରଶାସନ ପ୍ରତିଷ୍ଠା ହୋଇପାରିବ ଏବଂ ତୃଣମୂଳ ସ୍ତରରେ ସର୍ବନିମ୍ନ ସରକାର ଏବଂ ସର୍ବାଧିକ ପ୍ରଶାସନର ଲକ୍ଷ୍ୟ ସାକାର ରୂପ ନେଇପାରିବ। ଭର୍ଚୁଆଲ ମାଧ୍ୟମରେ ଏହି ସମ୍ମିଳନୀରେ ଉଦବୋଧନ ଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଥିଲେ ଯେ, ସାମର୍ଥ୍ୟ ବିକାଶ, ଉତ୍ତରଦାୟୀ ହେବା, ଉଚ୍ଚସ୍ତରୀୟ ନୈତିକତା ଓ ବିଶ୍ୱସନୀୟତା ବଜାୟ ରଖିବା, ସମସ୍ତ ସରକାରୀ ପଦକ୍ଷେପରେ ଲୋକାଭିମୁଖୀ ଦୃଷ୍ଟିକୋଣ ଆପଣାଇବା ଆଦି ଉତ୍ତମ ପ୍ରଶାସନର ମେରୁଦଣ୍ଡ। ଉତ୍ତମ ପ୍ରଶାସନ ହେଉଛି ବିକାଶମୂଳକ ପରିବର୍ତ୍ତନର ସର୍ବଶ୍ରେଷ୍ଠ ଉପକରଣ ଏବଂ ଆମ ସମସ୍ତଙ୍କର ଲୋକମାନଙ୍କ ପ୍ରତି ଏକ ଉତ୍ତରଦାୟିତ୍ୱ ରହିଛି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଦୁର୍ବଳ ହେଲା....

ବାଂଲାଦେଶ ଆଡ଼କୁ ଯିବ। ରିକର୍ଡ କରି ବେଗ କମିବ। ଗଞ୍ଜାମ, ପୁରୀ, ଜଗତସିଂହପୁରଓ ଖୋର୍ଦ୍ଧାରେ ପ୍ରବଳରୁ ଅତିପ୍ରବଳ ବର୍ଷା। ଭୁବନେଶ୍ୱରରେ ୨୦୦ ମିମି ବର୍ଷା ହୋଇପାରେ। ଭିତିଭୂମି କ୍ଷତି ହେବାର ସମ୍ଭାବନା କମ୍ ରହିଛି। ତେବେ ଫସଲ ନଷ୍ଟ ହେବ , ଧାନ ପବନରେ ଶୋଇଯିବ ଓ ପନିପରିବା କ୍ଷତି ହେବ। ଆସନ୍ତାକାଲି ସଂଧ୍ୟା ସୁଦ୍ଧା ଓଡ଼ିଶା ଉପକୂଳ ଅତିକ୍ରମ କରିସାରିଥିବ। ରାତି ସୁଦ୍ଧା ପ୍ରଭାବ କମିଯିବ। ବର୍ଷା ଦେଖି ତଳିଆ ଅଂଚଳରୁ ଲୋକଙ୍କୁ ସ୍ଥାନାନ୍ତର କରାଯିବ। ଜୁଆରର ଉଚ୍ଚତା ମାତ୍ର ଦେଢ଼ ଫୁଟରୁ ୨ ଫୁଟ ବଢିବ। ପାଣିପାଗ ବିଭାଗ ସୂଚନା ଦେଇଛି। ସ୍ୱାଭାବିକଠାରୁ ଅଧା ମିଟର ଅଧିକ ଉଚ୍ଚର ଜୁଆର ଆସିବ। ୧୫୦୦ ଲୋକଙ୍କୁ ସ୍ଥାନାନ୍ତର କରାଯାଇଛି। ୩୦୦ ଜଣ ଗର୍ଭବତୀଙ୍କୁ ସ୍ଥାନାନ୍ତର କରାଯାଇଛି। ଓଡ୍ରାଫ, ଏନଡିଆରଫ ମୁତୟନ ଅଛନ୍ତି। ଜିଲ୍ଲା ପ୍ରଶାସନ ପକ୍ଷରୁ ଲୋକଙ୍କୁ କଚ୍ଚା ଘର ଛାଡ଼ିବା ପାଇଁ କୁହାଯାଉଛି। ଗଛ ଭାଙ୍ଗିବା ସମ୍ଭାବନା ଅଛି। ପବନ ସମୟରେ କେହି ଘରୁ ବାହାରନ୍ତୁ ନାହିଁ। ଘର ପାଖ କୋଠା ଘରରେ ରୁହନ୍ତୁ। ବାତ୍ୟା ସରିବା ପରେ ଚାଷ ଜନିତ କ୍ଷତିକୁ ପ୍ରାଥମିକତା ଭିତିରେ ୭ ଦିନ ଭିତରେ ଆକଳନ କରାଯିବ ବୋଲି ଏସଆରସି କହିଛନ୍ତି।

### ମାହାଙ୍ଗା ଡବଲ ମର୍ଡର ଘଟଣା....

ପ୍ରବୀଣ କାନୁନଗୋ ସୂଚନା ଦେଇଛନ୍ତି। ଡବଲ ମର୍ଡର ଘଟଣାକୁ ୨୦୨୨, ଜାନୁଆରି ୨ତାରିଖରେ ଏକ ବର୍ଷ ପୂରିବ। ଏଭଳି ଏକ ସମ୍ବେଦନଶୀଳ ମାମଲାରେ ନା ତଦନ୍ତର ସାନି ସ୍ଥିତିକୁ ନେଇ ପୁଲିସ ଅଦାଲତଙ୍କୁ ଅବଗତ କରୁଛି ନା ଅଦାଲତଙ୍କ ପୂର୍ବ ନିର୍ଦ୍ଦେଶ ଅନୁସାରେ ସିଡିଆର୍ ଦାଖଲ କରୁଛି ନା କୋର୍ଟଙ୍କ ବ୍ୟକ୍ତିଗତ ହାଜର ହେବା ?ନୋଟିସ୍ ?କୁ ପୁଲିସ ମାନୁଛି। ବରଂ ବାରମ୍ବାର ସମୟ ମାଗୁଛି। ଯାଫଳରେ ଏଭଳି ଏକ ସମ୍ବେଦନଶୀଳ ଘଟଣାର ତଦନ୍ତ କେମିତି ଚାଲିଛି ତାକୁ ନେଇ ସବୁ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ସୂଚନା ଅନୁଯାୟୀ, ପୁଲିସ ତଦନ୍ତ ପ୍ରକ୍ରିୟାକୁ ନେଇ ବିଭିନ୍ନ ସମୟରେ କୋର୍ଟ କ୍ଷୁବ୍ଧ ହୋଇଥିବା ବେଳେ ଏ ଦିଗରେ ତୁରନ୍ତ ପଦକ୍ଷେପ ନେଇ ନଭେମ୍ବର ୨୯ ତାରିଖ ସୁଦ୍ଧା କୋର୍ଟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ, ସାନି କେସ୍ ଡାଏରି ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ପୁଲିସ ଉକ୍ତ ଦିନ ଏହି ମାମଲାରେ ଅଧିକ ଏକ ମାସ ସମୟ ଦରକାର ବୋଲି ଟାଇମ୍ ପିଟିସନ୍ ଦାଖଲ କରିଥିଲା। ସେହିଦିନ ବିଚାରପତି ଅନୁପସ୍ଥିତ ଥିବାରୁ ମାମଲାର ଶୁଣାଣି ହୋଇ ପାରି ନଥିଲା। ୨୦୨୧ ଜାନୁଆରି ୨ ତାରିଖରେ ବିଜେପି ନେତା କୁଳମଣି ବରାଳ ଓ ତାଙ୍କ ସହଯୋଗୀ ଦିବ୍ୟସିଂହ ବରାଳଙ୍କୁ ହତ୍ୟା ଘଟଣାରେ ବାପି ବିଶ୍ୱାଳ, ମାହାଙ୍ଗା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶରତ ନାୟକ ଏବଂ ପ୍ରାଣ ହରାଇଥିବା ଅନ୍ୟତମ ଅଭିଯୁକ୍ତ ପ୍ରଫୁଲ୍ଲ ବିଶ୍ୱାଳଙ୍କ ସମେତ ଅନ୍ୟ ଅଭିଯୁକ୍ତଙ୍କ ମୋବାଇଲ୍ ଫୋନ୍ ତଥ୍ୟ (ସିଡିଆର୍) ସଂଗ୍ରହ କରି ରଖିବାକୁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଡିସେମ୍ବର ୨୦୨୦ରୁ ଫେବୃଆରି ୨୦୨୧ ପର୍ଯ୍ୟନ୍ତ ଉକ୍ତ ୩ଜଣଙ୍କ ସମେତ ମାମଲାର ପ୍ରମୁଖ ସାକ୍ଷୀ ଓ ସମସ୍ତ ଅଭିଯୁକ୍ତଙ୍କ ସିଡିଆର ସଂଗ୍ରହ କରି ସଂରକ୍ଷିତ ରଖିବା ପାଇଁ କୋର୍ଟ ମାହାଙ୍ଗା ଥାନା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସୂଚନାଯୋଗ୍ୟ ଯେ, ଚଳିତ ବର୍ଷ ଜାନୁଆରି ୨ ତାରିଖ ସନ୍ଧ୍ୟାରେ ମାହାଙ୍ଗାରର ବରିଷ୍ଠ ବିଜେପି ନେତା କୁଳମଣି ବରାଳ ଓ ତାଙ୍କ ସଂପର୍କୀୟ ଦିବ୍ୟସିଂହ ବରାଳଙ୍କୁ ଅତି ନିର୍ମମ ଭାବେ ହତ୍ୟା କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାକୁ ଭିତ୍ତି କରି ଏହି ହତ୍ୟାକାଣ୍ଡ ହୋଇଥିବା ଅଭିଯୋଗ କରାଯାଇଥିବାବେଳେ, ଏହି ମାମଲାରେ ୧୩ ଜଣଙ୍କ ନାଁରେ ଥାନାରେ ଅଭିଯୋଗ ହୋଇଥିଲା । ଏପରିକି ସ୍ଥାନୀୟ ବିଧାୟକ ତଥା ଆଇନମନ୍ତ୍ରୀଙ୍କ ବିରୋଧରେ ମଧ୍ୟ ମାମଲା ହୋଇଥିଲା । ତେବେ ପୁଲିସ ଚାର୍ଜସିଟ୍ ଦାଖଲ ବେଳେ ମନ୍ତ୍ରୀଙ୍କ ନାଁକୁ କାଟି ଦେଇଥିବା ନେଇ ମୃତ କୁଳମଣିଙ୍କ ପୁଅ ରମାକାନ୍ତ ବରାଳ କୋର୍ଟରେ ପ୍ରୋଟେଷ୍ଟ ପିଟିସନ୍ କରିଥିଲେ। ମନ୍ତ୍ରୀ ପ୍ରତାପ ଜେନାଙ୍କର ଏହି ହତ୍ୟା ଷଡ଼ଯନ୍ତ୍ର ପଛରେ ହାତ ରହିଛି ଏବଂ ବାପି ବିଶ୍ୱାଳ ଓ ମାହାଙ୍ଗା ବ୍ଲକ୍ ଅଧ୍ୟକ୍ଷ ଶରତ ନାୟକ ମନ୍ତ୍ରୀଙ୍କ ଘନିଷ୍ଠ ହୋଇଥିବା ବେଳେ ମୃତ ପ୍ରଫୁଲ୍ଲ ବିଶ୍ୱାଳଙ୍କ ସିଡିଆର ଯାଞ୍ଚରୁ ତଥ୍ୟ ସାମନାକୁ ଆସିବ ବୋଲି ରମାକାନ୍ତ କୋର୍ଟରେ ଆବେଦନ କରିଥିଲେ।

### ମହାରାଷ୍ଟ୍ର ଓ ଗୁଜରାଟରେ....

ଅନ୍ୟ ଦୁଇଟି ମାମଲା ହେଉଛି କର୍ଣ୍ଣାଟକର। ତେବେ ଭ୍ୟାରିଆଣ୍ଟର ଉତ୍ପତ୍ତିସ୍ଥଳ ଦକ୍ଷିଣ ଆଫ୍ରିକାରେ ଅତି ଭୟାନକ ସ୍ଥିତି ଉପୁଜିଛି। ଓମିକ୍ରନ୍ ପାଇଁ ଏଠାରେ ଚତୁର୍ଥ ଲହର ଆରମ୍ଭ ହୋଇଛି। ଦକ୍ଷିଣ ଆଫ୍ରିକାରେ ଦୈନିକ ସଂକ୍ରମଣ ଦ୍ୱିଗୁଣା ହୋଇଛି। ଦକ୍ଷିଣ ଆଫ୍ରିକାର ୯ ପ୍ରଦେଶରୁ ୭ଟି ପ୍ରଦେଶରେ ଓମିକ୍ରନ୍ ପହଞ୍ଚି ସାରିଛି। ଓମିକ୍ରନ୍ ପାଇଁ ବିଶ୍ୱବ୍ୟାପୀ ଭୟ ବଢ଼ିଛି। ବିଭିନ୍ନ ରାଷ୍ଟ୍ର ଯାତ୍ରା କଟକଣା କଡ଼ାକଡ଼ି କରିଛନ୍ତି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ 'ହୁ' ସମସ୍ତ ରାଷ୍ଟ୍ରମାନଙ୍କୁ ଓମିକ୍ରନ୍ ପାଇଁ ଅଧିକ ସଚେତନ ହେବାପାଇଁ କହିଛନ୍ତି। ଦକ୍ଷିଣ ଆଫ୍ରିକାରେ ଏବେ ସମ୍ପୂର୍ଣ୍ଣ ଟିକାକରଣ ପାଇଁ ପଦକ୍ଷେପ ଗ୍ରହଣ ହୋଇଛି। ୪ ବର୍ଷରୁ କମ୍ ବୟସର ଶିଶୁମାନଙ୍କ ମଧ୍ୟରେ ସଂକ୍ରମଣ ବଢୁଥିବାରୁ ଦକ୍ଷିଣ ଆଫ୍ରିକାରେ ଶିଶୁଙ୍କ ପାଇଁ ବେଡ୍ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଦକ୍ଷିଣ ଆଫ୍ରିକାରୁ ଏଠାକୁ ଆସିଥିବା ଜଣେ ବ୍ୟକ୍ତିଙ୍କ ଶରୀରରୁ ଓମିକ୍ରନ ଭାରିଏଣ୍ଟ ଠାବ ହୋଇଛି। ଏ ସମ୍ପର୍କରେ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗ କହିଛି ଯେ ଏହି ବ୍ୟକ୍ତି ଜଣଙ୍କ ଦୁଇ ତଳେ ଦକ୍ଷିଣ ଆଫ୍ରିକାରୁ ଫେରିଥିଲେ। ଏୟାରପୋର୍ଟରେ ଚାଲିଥିବା ସ୍କ୍ରିନିଂ ବେଳେ ହିଁ ବ୍ୟକ୍ତି ଜଣଙ୍କ କରୋନାରେ ଆକ୍ରାନ୍ତ ଥିବା ଜଣାପଡ଼ିଥିଲା। ଏହାପରେ ନିୟମ ଅନୁଯାୟୀ, ତାଙ୍କ ନମୁନାକୁ ଜେନୋମ ସିକ୍ୱେନ୍ସିଂ ପାଇଁ ପୁଣେ ସ୍ଥିତ ଲାବକୁ ପଠା ଯାଇଥିଲା। ପରୀକ୍ଷା ପରେ ସେ ଓମିକ୍ରନ ଦ୍ୱାରା ଆକ୍ରାନ୍ତ ହୋଇଥିବା ସ୍ପଷ୍ଟ ହୋଇଛି। ବ୍ୟକ୍ତି ଜଣଙ୍କ ଏୟାରପୋର୍ଟରୁ ଓହ୍ଲାଇବା ପରେ ତାଙ୍କୁ ଇନଷ୍ଟିଚ୍ୟୁସନାଲ କ୍ୱାରେଣ୍ଟାଇନରେ ରଖାଯାଇଛି। ତଥାପି ତାଙ୍କର କଣ୍ଟାକ୍ଟ ଟ୍ରେସିଂ କରାଯାଉଛି। ସେହିପରି ତାଙ୍କୁ ସମସ୍ତ ପ୍ରକାରର ଚିକିତ୍ସା ସୁବିଧା ମଧ୍ୟ ଯୋଗାଇ ଦିଆଯାଇଛି। ଏହାପୂର୍ବରୁ ବେଙ୍ଗାଲୁରୁରେ ୨ ଜଣ ଓମିକ୍ରନ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଏହାକୁ ମିଶାଇ ଭାରତରେ ଓମିକ୍ରନ ଆକ୍ରାନ୍ତଙ୍କ ସଂଖ୍ୟା ୩ରେ ପହଞ୍ଚିଛି। ଏବେ ବି ବିଭିନ୍ନ ରାଜ୍ୟରେ ବିଦେଶ ଫେରନ୍ତା କରୋନା ଆକ୍ରାନ୍ତ ରହିଛନ୍ତି। ସେମାନେ କେଉଁ ଧରଣର ଭାରିଏଣ୍ଟ ଦ୍ୱାରା ଆକ୍ରାନ୍ତ ସେକଥା ଜାଣିବା ପାଇଁ ଜେନୋମ ସିକ୍ୱେନ୍ସିଂ ଚାଲିଛି। ଜେନୋମ ସିକ୍ୱେନ୍ସିଂ ରିପୋର୍ଟ ଆସିବା ପରେ ଭାରିଏଣ୍ଟ ସମ୍ପର୍କରେ ସୂଚନା ମିଳିବ। ସୂଚନାଯୋଗ୍ୟ, ଏହି ମାରାତ୍ମକ ଓମିକ୍ରନ ଭାରିଏଣ୍ଟ ପ୍ରଥମେ ଦକ୍ଷିଣ ଆଫ୍ରିକାରେ ଠାବ ହୋଇଥିଲା। ଏହାପରେ ଏହା ମାତ୍ର ୨ ସପ୍ତାହ ମଧ୍ୟରେ ୩୮ଟି ଦେଶରୁ ଠାବ ହେଲାଣି। ଓମିକ୍ରନ ଦ୍ରୁତଗତିରେ ସଂକ୍ରମିତ କରିବାର କ୍ଷମତା ରଖିଥିବାରୁ ସମସ୍ତଙ୍କ ମନରେ ଛନକା ପଶିଛି।

## ଦେଶରେ ଦିଆଗଲାଣି ୧୨୬.୫୩ କୋଟି ଟିକା

ନୂଆଦିଲ୍ଲୀ, ୦୪/୧୨ (ନି.ପ୍ର): କରୋନା ବିରୋଧି ଟୀକାକରଣ ଅଭିଯାନରେ ଦେଶରେ ଏହି ଅଭିଯାନରେ ଆଜି ସୁଦ୍ଧା ୧୨୬ କୋଟି ୫୩ ଲକ୍ଷ ଟୀକା ଦେବା ସଂଖ୍ୟା ପାରି କରିସାରିଛି । ଗତ ୨୪ ଘଂଟା ମଧ୍ୟରେ ସମୁଦାୟ ଦେଶରେ ୭୩.୬୩ ଲକ୍ଷ ଟୀକା ଦିଆଯାଇଛି । କେନ୍ଦ୍ରୀୟ ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଅନୁସାରେ ଶନିବାର ସକାଳ ସୁଦ୍ଧା ରାଜ୍ୟ ଏବଂ କେନ୍ଦ୍ର ଶାସିତ ପ୍ରଦେଶ ମାନଙ୍କରେ ୧୩୮ କୋଟି ଟିକା ନିଶୁଳ୍କ ଭାବରେ ଯୋଗାଇ ଦିଆଯାଇଛି । ରାଜ୍ୟ ମାନଙ୍କ ପାଖରେ ଆଜି ସୁଦ୍ଧା ୨୧ କୋଟି ୩୮ ଲକ୍ଷ ଟୀକା ମହଜୁତ ଥିବା ଖବର ମିଳିଛି ।

## ଗୋପାଳଗାଁ ଶିରିଡ଼ି ସାଇ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ଉତ୍ସବ

### ବିଶିଷ୍ଟ ସାଇ ଉପାସକ ଡ. ଚନ୍ଦ୍ରଭାନୁ ଶତପଥୀଙ୍କ ଯୋଗଦାନ



ବାଲେଶ୍ୱର,୦୪/୧୨ (ନି.ପ୍ର): ଓମ ଶ୍ରୀ ଶିରିଡ଼ି ସାଇ ମହିମା ଟ୍ରଷ୍ଟ ପକ୍ଷରୁ ବାଲେଶ୍ୱର ସହରର ଗୋପାଳଗାଁରେ ନିର୍ମିତ ବାବା ଶିରିଡ଼ି ସାଇଙ୍କ ମନ୍ଦିର ଏବଂ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆନନ୍ଦ ଉଲ୍ଲାସ ମଧ୍ୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗତକାଲି ପୂର୍ବାହ୍ନରେ ବୁଢ଼ାବଳଙ୍ଗ ନଦୀର ବାଲିଘାଟଠାରେ ଘଟ ଉତ୍ତୋଳନ ସହ ମହିଳା ସାଇଭକ୍ତଙ୍କ ଦ୍ୱାରା କଳସ ଶୋଭାଯାତ୍ରା ସହର ପରିକ୍ରମା କରି ମନ୍ଦିର ପରିସରରେ ପହଞ୍ଚିଥିଲା। ମନ୍ଦିରରେ ଘଟସ୍ଥାପନା ସହ ଭକ୍ତିପୁତ ପରିବେଶ ମଧ୍ୟରେ ହୋମଯଜ୍ଞ ଆରମ୍ଭ କରାଯାଇଥିଲା। ଆଜି ପୂର୍ବାହ୍ନରେ ପ୍ରତିମୂଳ ପାଣିପାଗ ସତ୍ତ୍ୱେ ବହୁଭକ୍ତଙ୍କ ଉପସ୍ଥିତିରେ କରୋନା କଟକଣା ମଧ୍ୟରେ ପ୍ରାଣ ପ୍ରତିଷ୍ଠା କାର୍ଯ୍ୟକ୍ରମର ମୁଖ୍ୟପର୍ବ ଆରମ୍ଭ ହୋଇଥିଲା। ବିଶିଷ୍ଟ ସାଇ ଉପାସକ ତଥା ଆଧ୍ୟାତ୍ମିକ ଗୁରୁ ପୂଜ୍ୟ ଗୁରୁଜୀ ଡ. ଚନ୍ଦ୍ରଭାନୁ ଶତପଥୀ ମନ୍ଦିର ପରିସରରେ ପହଞ୍ଚି ଦୁଇଦିନ ଧରି ଚାଲିଥିବା ଯଜ୍ଞର ପୂର୍ଣ୍ଣାହୁତି ପ୍ରଦାନ କରିଥିଲେ। ସେ ନବ ନିର୍ମିତ ଦ୍ୱିତଳ ବିଶିଷ୍ଟ ମନ୍ଦିରକୁ ଉଦଘାଟନ କରିବା ସହିତ ଶିରିଡ଼ି ସାଇବାବାଙ୍କ ସୁଦୃଶ୍ୟ ବିଗ୍ରହ ପ୍ରତିଷ୍ଠା କରିଥିଲେ। ବିଧି ମୁତାବକ ସେ ବାବାଙ୍କ ଶିରରେ ମୁକୁଟ ପିନ୍ଧାଇ ଆରତୀ କରି ପ୍ରତିଷ୍ଠା କାର୍ଯ୍ୟକ୍ରମ ସମାପନ କରିଥିଲେ। ଏଥି ସହିତ ବାବାଙ୍କ ମନ୍ଦିରର ଦୈନନ୍ଦିନ ପୂଜାବିଧି ଓ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ପୂଜକ ତଥା ଟ୍ରଷ୍ଟିବୋର୍ଡ଼ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ମନ୍ଦିର ପରିସରରେ ଗୁରୁ ଭାଗବତ ଟୁଙ୍ଗୀ ମଧ୍ୟ ସେ ଉନ୍ମୋଚନ କରିଥିଲେ। ପ୍ରତ୍ୟେକ ଦିନ ଏଠାରେ ଯେପରି ଭାଗବତ ପାଠ କରାଯିବ ସେ ନେଇ ଉଚିତ ପଦକ୍ଷେପ ନେବା ଉପରେ ଯତ୍ନବାନ ହେବାକୁ ମନ୍ଦିର କମିଟି କାର୍ଯ୍ୟକର୍ତ୍ତାଙ୍କୁ କହିଥିଲେ। ଶିରିଡ଼ି ସାଇ ମହିମା ସଂସ୍ଥାନ ଟ୍ରଷ୍ଟର ମ୍ୟାନେଜିଂ ଟ୍ରଷ୍ଟି ନିରୋଦ ମହାନ୍ତିଙ୍କ ସମେତ ଶ୍ରୀମତୀ ବିଜୟଲକ୍ଷ୍ମୀ ମହାନ୍ତି, ଅଭୟ ମହାପାତ୍ର, ନିକୁଞ୍ଜ ମହାନ୍ତି, ଲକ୍ଷ୍ମୀନାରାୟଣ ମହାନ୍ତି, ପୂର୍ଣ୍ଣେନ୍ଦୁ ଦାସମହାପାତ୍ର, ଡାକ୍ତର ବିରଞ୍ଚି ନାରାୟଣ ମହାନ୍ତି, ଶ୍ୱେତ କୁମାର ମହାପାତ୍ର, ଧ୍ରୁବ ଚନ୍ଦ୍ର ରଣା ପ୍ରମୁଖ ଟ୍ରଷ୍ଟବୋର୍ଡ଼ ସଦସ୍ୟ ଏବଂ ଅମର ମହାନ୍ତି, ବିପ୍ଲବ କୁମାର ମହାନ୍ତି, ବିଭୂପଦ ଦାସ, ଇଂ ପ୍ରଭାତ ଜେନା, କିଶୋର ଦାସ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାନ୍ତ ମହାନ୍ତି, ଡ. ଶିରୀଶ ଚନ୍ଦ୍ର ଜେନା, ମନୋଜ ଦାସ, ସଞ୍ଜୟ ମିଶ୍ର, ପ୍ରଦୀପ କୁମାର ଦାସ, ପ୍ରକାଶ ନାୟକ, ସଲୀଳ ରାୟ, ଦୀନାନାଥ ମାନ୍ନା, ଇଂ. ଅମ୍ବିକା ପିରି, ଚିତ୍ତରଞ୍ଜନ ଓଝା, ଅନୁପ ଚାଟାର୍ଜୀ, ବାବୁଲି ଚନ୍ଦ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ପ୍ରଭାରଞ୍ଜନ ପଟ୍ଟନାୟକ, କାଳିଆ ଦାସ, ଲଲାଟେନ୍ଦୁ ମହାନ୍ତି, ସଂଗ୍ରାମ ଦାସ, ଗୋପନାରାୟଣ ଦାସ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ବାରିପଦା, ଖନ୍ତାପଡ଼ା, ବାଲେଶ୍ୱର ଦର୍ଜିପୋଖରୀସ୍ଥିତ ସାଇମନ୍ଦିରର କର୍ମକର୍ତ୍ତାମାନଙ୍କ ସମେତ ଗୋପାଳଗାଁ ତଥା ସହରର ବିଭିନ୍ନ ଅଞ୍ଚଳରୁ ବହୁ ସାଇଭକ୍ତ ଏଥିରେ ଯୋଗ ଦେଇଥିଲେ। ଦୁଇଦିନ ଧରି ସମଗ୍ର ଗୋପାଳଗାଁ ଅଞ୍ଚଳରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା।

## ଜିପିୟୁ ଆକାଂକ୍ଷା ବିଦ୍ୟାପୀଠ ରୂପାନ୍ତରୀକରଣ କାର୍ଯ୍ୟ ଅଭିଯୋଗର ବିଚାର କର : ହାଇକୋର୍ଟ

ଭଦ୍ରକ, ୦୪/୧୨ (ନି.ପ୍ର): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ମଞ୍ଜୁରୀରୋଡ ଜିପିୟୁକୁ ୫-ଟି ଆକାଂକ୍ଷା ବିଦ୍ୟାଳୟରେ ରୂପାନ୍ତରିକରଣ କାର୍ଯ୍ୟ ଅନୀୟମିତତା ବିରୋଧରେ ହୋଇଥିବା ଅଭିଯୋଗର ବିଚାର କରି ନିଷ୍ପତି ଶୁଣାଇବାକୁ ହାଇକୋର୍ଟ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ସାନଶାସନ ପଂଚାୟତ ତେନ୍ତୁଳିଆ ଗ୍ରାମର ରଞ୍ଜୁସ୍ମିତା ଦାସ ଓ ରାଜେନ୍ଦ୍ରପୁର ପଂଚାୟତ ଥଇଲା ଗ୍ରାମର ଶ୍ରୀମତୀ ବେହେରାଙ୍କ ଦ୍ୱାରା ରଜୁ ମାମଲାର ଶୁଣାଣୀ କରି ଜିଲ୍ଲାପାଳଙ୍କୁ ଆଗାମୀ ତିନି ମାସ ମଧ୍ୟରେ ଅଭିଯୋଗର ଫଇସଲା କରିବାକୁ ଆଦେଶ ଦେଇଥିବା ଜଣାଯାଇଛି। ବିଭାଗୀୟ କନିଷ୍ଠ ଯନ୍ତ୍ରୀଙ୍କ ନାମରେ ଥିଲେ ବି ଅନଭିଜ୍ଞ ବ୍ୟକ୍ତିମାନେ କାର୍ଯ୍ୟ ହାତେଇନେଇ ଅର୍ଥ ଚଳୁ କରି ଦେଉଛନ୍ତି ବୋଲି ଅଭିଯୋଗରେ ଦର୍ଶାଯାଇଥିଲା। ଅଜୟ କୁମାର ସାହୁ, ଗଦାଧର ସାହୁ, ସୁବାସ କୁମାର ସେନାପତି, ପ୍ରଫୁଲ୍ଲ ମହାନ୍ତି, ନିରଞ୍ଜନ ଜେନା ପ୍ରମୁଖ ବହୁ ଅଭିଯୋଗକାରୀ ଗତ ସେପ୍ଟେମ୍ବର ୨୭ ତାରିଖରେ ଭଦ୍ରକ ଜିଲ୍ଲା ପ୍ରକଳ୍ପ ନିର୍ଦ୍ଦେଶକ ଓ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ। ପଂଚମ କେନ୍ଦ୍ରୀୟ ଅର୍ଥ ଯୋଜନା ଓ ୧୫ତମ ରାଜ୍ୟ ଅର୍ଥ ଯୋଜନାରୁ ମୋଟ ପନ୍ଦରଲକ୍ଷ ଟଙ୍କା, ମୋ ସ୍କୁଲ ଯୋଜନାରୁ ତିରିଶ ଲକ୍ଷ ଓ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରୁ ଷୋହଳ ଲକ୍ଷ ଆଦି ମୋଟ ୬୧ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନବମ ଓ ଦଶମ ଅତ୍ୟାଧୁନିକ ଶ୍ରେଣୀ କକ୍ଷ ଦ୍ୱୟ ନିର୍ମାଣ, ବିଜ୍ଞାନ ପ୍ରୟୋଗଶାଳା, ଅତ୍ୟାଧୁନିକ ପାଠାଗାର, ବାଳକ ଓ ବାଳିକା ଶୌଚାଳୟ ଦ୍ୱୟ ନିର୍ମାଣ, ପାନୀୟ ଜଳ ଯୋଗାଣ ପ୍ରକଳ୍ପ, ଖେଳପଡିଆ ଉନ୍ନତିକରଣ ଓ କ୍ରୀଡା ସୁଯୋଗ ସୃଷ୍ଟି, ରୋଷେଇଶାଳା, ଭୋଜନକକ୍ଷ ନିର୍ମାଣ, କୋଫରୀ, ଉଦ୍ୟାନ ସୌନ୍ଦର୍ଯ୍ୟକରଣ ଆଦି କାର୍ଯ୍ୟ ପାଇଁ ବିଭାଗୀୟ ଭାବେ କନିଷ୍ଠ ଯନ୍ତ୍ରୀଙ୍କୁ ଦାଇତ୍ୱ ବ୍ଲକ ପ୍ରଶାସନ ପକ୍ଷରୁ ଦିଆଯାଇଥିଲା। ମାତ୍ର ଏହି ସମସ୍ତ କାର୍ଯ୍ୟକୁ ଅନଭିଜ୍ଞ ବ୍ୟକ୍ତିମାନେ ରାଜନୈତିକ ଚେଲାଚାମଣ୍ଡା ସାଜି ନିମ୍ନମାନର କାର୍ଯ୍ୟକରି ବିଲ ନେଇଯାଉଛନ୍ତି ବୋଲି ଅଭିଯୋଗ ହୋଇଥିଲା।


### ଦକ୍ଷିଣପୂର୍ବ ରେଳପଥ- ଟେଣ୍ଡର

ଇ-ଟେଣ୍ଡର ନୋଟିସ୍ ନମ୍ବର: ଇ-ଟେଣ୍ଡର / ୨୦୨୧/୩୫, ତାରିଖ ୦୨.୧୨.୨୦୨୧ । ୧୫.୦୦ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟଗୁଡ଼ିକ ପାଇଁ ଭାରତର ରାଷ୍ଟ୍ରପତିଙ୍କ ତରଫରୁ ଡିଭିଜନାଲ ରେଲୱେ ମ୍ୟାନେଜର (ଇଂ) ଆଇଟମଗୁଡିକ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ ୧୫.୩୦ ଘଣ୍ଟାରେ ଖୋଲାଯିବ । ସିରିଏଲ୍ ନଂ ଏବଂ ଟେଣ୍ଡର ନଂ ; କାର୍ଯ୍ୟର ବର୍ଣ୍ଣନା; ଟେଣ୍ଡର ମୂଲ୍ୟ; ସର୍ବଶ୍ରେଷ୍ଠ ଟଙ୍କା: (୧) ଇ-କେଜିପି-ଦକ୍ଷିଣ -୨୬- ୨୦୨୧; DEN (ଦକ୍ଷିଣ) / ଖଡ଼ଗପୁର ଅଧୀନରେ ଖଡ଼ଗପୁର ଡିଭିଜନରେ ପିଏସସି ଶୋଇବା ପାଇଁ ସେସ୍ର ପ୍ରଶସ୍ତିକରଣ ଏବଂ ବାଲାଷ୍ଟ ସଂରକ୍ଷଣ ପ୍ରାଚୀରର ମରାମତି, ଲେଭଲ୍ କ୍ରସିଂ, ଟ୍ରଲି ରେଫ୍ୟୁଜ୍, ସେସ୍ / କ୍ୟାଚ୍ ୱାଟର ଡ୍ରେନ୍ ଇତ୍ୟାଦିରେ ଉନ୍ନତି ଆଣିବା । ୮୯,୭୨,୭୫୨.୪୧; ୦.୦୦ (୨) ଇ-କେଜିପି-ଦକ୍ଷିଣ -୨୮-୨୦୨୧; ୨ ନଂ ବାଲେଶ୍ୱର ରେଳ ଷ୍ଟେସନରେ ୭.୫ KLD ର ଇଫ୍ଲୁଏଣ୍ଟ ଟ୍ରିଟମେଣ୍ଟ ପ୍ଲାଣ୍ଟ (ETP) ର ଗୋଟିଏ ବର୍ଷ ପାଇଁ କାର୍ଯ୍ୟ ଏବଂ ରକ୍ଷଣାବେକ୍ଷଣ ସହିତ (ଦ୍ୱିତୀୟ କଲ୍); ୨୫,୦୦,୮୨୬.୫୦; ୦.୦୦ ଟେଣ୍ଡର ଦଲିଲଗୁଡ଼ିକର ମୂଲ୍ୟ: ଉଭୟ ପାଇଁ ୦୦.୦୦ ଖୋଲିବାର ତାରିଖ: ଉଭୟ ପାଇଁ ୩୦.୧୨.୨୦୨୧ । କାର୍ଯ୍ୟର ସମାପ୍ତି ଅବଧି: ସିରିଏଲ୍ ନମ୍ବର ୧ ପାଇଁ ୦୯ (ନଅ) ମାସ, ସିରିଏଲ୍ ନମ୍ବର ୨ ପାଇଁ ୦୬ (ଛଅ) ମାସ । ଆଗ୍ରହୀ ଟେଣ୍ଡରଗୁଡିକ ଟେଣ୍ଡରଗୁଡ଼ିକର ସମ୍ପୂର୍ଣ୍ଣ ବିବରଣୀ/ ବର୍ଣ୍ଣନା/ ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ www.ireps.gov.in ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟଗୁଡ଼ିକ ପାଇଁ ମାନୁଆଲ ଟେଣ୍ଡର ଗ୍ରହଣ କରାଯିବ ନାହିଁ । ବି.ଦ୍ର: ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶା କରୁଥିବା ବିଡରମାନେ ନିୟମିତ ଭାବରେ www.ireps.gov.in ପରିଦର୍ଶନ କରିପାରିବେ ।

(PR-458)


## ଗୋଟିଏ ଦିନରେ ୧୯୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୪/୧୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୯୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୦୫୦୦୬୦ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୨୩ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୩୯ ହଜାର ୨୦୪ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୨୩୮୩ ରହିଛି । ଆଜି ଚିହ୍ନଟ ହୋଇଥିବା ୧୯୩ ଜଣଙ୍କ ମଧ୍ୟରୁ ୧୧୪ ଜଣ ସଂଗରୋଧରୁ ହୋଇଥିବା ବେଳେ ୭୯ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୧୯ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୮୮ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି। ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ବାଲେଶ୍ୱର ଜିଲ୍ଲାରୁ ୨ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବରଗଡ଼ରୁ ୨ ଜଣ, ଭଦ୍ରକ ଜିଲ୍ଲାରେ ୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବଲାଙ୍ଗିର ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। କଟକରୁ ୧୨ ସଂକ୍ରମିତ ହୋଇଥିବା ବେଳେ ଦେବଗଡ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଢେଙ୍କାନାଳ ଜିଲ୍ଲାରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗଜପତିରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ଗଂଜାମ ଜିଲ୍ଲାରେ ୫ ଜଗତସିଂହପୁର ଜିଲ୍ଲାରୁ ୨ ଜଣ, ଯାଜପୁରରୁ ୧୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଝାରସୁଗୁଡ଼ା ଜିଲ୍ଲାରୁ ୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଓ ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । କନ୍ଧମାଳରୁ ୪, କେନ୍ଦ୍ରାପଡ଼ାରୁ ୫ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ କେନ୍ଦୁଝରରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୮୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଓ ମାଲକାନଗିରି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ମୟୂରଭଞ୍ଜ ଜିଲ୍ଲାରୁ ୧୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ଜଣ ହେଲେ ସ ଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି। ନୟାଗଡ ଜିଲ୍ଲାରୁ ୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୂଆପଡା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ପୁରୀ ଜିଲ୍ଲାରୁ ୩ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ , ରାୟଗଡ଼ା ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସମ୍ବଲପୁରରୁ ୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି । ସୁନ୍ଦରଗଡ଼ରୁ ୩ ଜଣ ଓ ଷ୍ଟେଟ୍ ପୁଲରୁ ୨୦ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

## ଖେଳକୁ ପ୍ରୋତ୍ସାହନ ଦିଅ, ଏହା ସମସ୍ତଙ୍କ ପାଇଁ ଜରୁରୀ : ଅନୁରାଗ ଠାକୁର

ଗୋରଖପୁର, ୦୪/୧୨ (ନି.ପ୍ର): ୮୯ତମ ମହାରାଣା ପ୍ରତାପ ଶିକ୍ଷା ପରିଷଦ ସଂସ୍ଥାପକ ସପ୍ତାହ ସମାରୋହରେ ମୁଖ୍ୟ ଅତିଥି ସୂଚନା ପ୍ରସାରଣ ଏବଂ ଯୁବ ବ୍ୟାପାରର ଖେଳ କେନ୍ଦ୍ର ମନ୍ତ୍ରୀ ଅନୁରାଗ ସିଂହ ଠାକୁର ଶନିବାର ଦିନ କହିଛନ୍ତି ଯେ ଲଢ଼େଇ କରୁଥିବା ଲୋକମାନଙ୍କ ପାଦତଳେ ସ୍ୱର୍ଗ ଅଟେ। ଲଗାତାର ସଂଘର୍ଷରୁ ବିଜୟ ମିଳେ। କେନ୍ଦ୍ର ସରକାରଙ୍କ ସହ ପାଦରେ ପାଦ ମିଳାଇ ଚାଲୁଛନ୍ତି ଉତର ପ୍ରଦେଶକୁ ଆମେ ମିଶିକରି ବିକାଶ ପଥରେ ମଧ ନେଇଯିବା। ଏହି ସମୟରେ ସେ ଖେଳକୁ ପ୍ରୋତ୍ସାହନ ଦେବାର ଓକିଲାତି କରୁ। ସେ କହିଛନ୍ତି ଯେ ଶ୍ରୀରାମ ମନ୍ଦିରର ଶିଳାନ୍ୟାସ ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ଦାନ। ଯଦି ଏହି ଦୁଇ ନେତାଙ୍କ ରୁଚି ନାହିଁ ଦେଖାଯାଉଛି ତେବେ ଏହାର ଏତେ ଜଲ୍‌ଦି ସମାଧାନ ହେବନାହିଁ। ସେ କହିଛନ୍ତି ଯେ ଆମ ସମସ୍ତେ ମିଶି ଶ୍ରୀରାମ ମନ୍ଦିର ମଧ ବନାଇବୁ।

## ଖୋର୍ଦ୍ଧା ଜିଲ୍ଲା ସବ୍ ରେଜିଷ୍ଟର ସରକାରୀ ଘର ଭୂତ ଖାନା

ଖୋର୍ଦ୍ଧା, ୦୪/୧୨ (ନି.ପ୍ର): ଖୋର୍ଦ୍ଧା ସବ ରେଜିଷ୍ଟର ସରକାରୀ ବାସଭନ ଭୂତ ଖାନା । ଏହି ସରକାରୀ ବାସଭନ ଠିକ ଥାଇ କେହି ନ ରହିବାରୁ ଏହା ଅସାଜିମିକ ଲୋକ ଆଡ୍ଡା ସ୍ଥଳ ପାଲଟିଛି ଶୁଣିବାକୁ ମିଳେ। ସେହି ଘରଟି ଖୋର୍ଦ୍ଧା ଜିଲ୍ଲା ଆଦର୍ଶ ଥାନା ପଛ ପଟେ ଓ ପୁରୁଣା ଖୋର୍ଦ୍ଧା ORT ବସଷ୍ଟାଣ୍ଡକୁ ଲାଗି । ଏହି ସରକାରୀ ଘର ବ୍ୟସାୟୀଙ୍କ କ୍ୟାବିନ ପଡ଼ି ଦେଖା ଯାଏ ନାହିଁ । ସାଧାରଣ ଲୋକ ଜାଣିବା କଥା ଦୂର ଖୋର୍ଦ୍ଧା ବୁଦ୍ଧିଜୀବି, ସରକାରୀ ହାକିମ, ଓ କେତେଜଣ ସାମ୍ବାଦିକ ଜାଣିଛନ୍ତି କି ? ଜାଣି ପାରିବେ ନାହିଁ । ପୋଲିସ କନେଷ୍ଟବଳଙ୍କ ରହିବା ବାରେକ ଥାଇ ମଧ ଏଠି କଣ ହୁଏ କହିବେକି ? ଏହି ସରକାରୀ ବାସଭବନ କଥା କହି ପାରିବେ କିଏ କଣ କରୁଛି , ସେଠାକୁ ଯିବାକୁ ରାସ୍ତା କେଉଁ ପଟେ ଅଛି। କିଛି ଆସାମୀ ଥାନାକୁ ଆସିଲେ ଏହି ଗଳିଆ ରାସ୍ତା ଦେଇ ଚା ପାନ ଆଣିବା ଓ ଯିବା କରନ୍ତି ଲୋକେ ଦେଖନ୍ତି କି ନାହିଁ ପୋଲିସ ବାବୁ , କାବିନ ମାଲିକ ଓ ବେବସାୟୀଙ୍କୁ ଜଣା । କାରଣ ଏହି ସରକାରୀ ଘର କଣ ପାଇଁ ସେଠାର ଅଛି କିଏ ରହୁଛି ଆମ ଜିଲ୍ଲା ପାଳ ଖୋର୍ଦ୍ଧା ତାଦନ୍ତ କରିବା ପାଇଁ ଖୋର୍ଦ୍ଧା ବୁଦ୍ଧି ଯିବି ଦାବି କରୁଛନ୍ତି। ଉକ୍ତ ଅଫିସର କେହି ଅଧିକାରୀ କେବେ ରହନ୍ତି କି ରହିଛନ୍ତି କେହି କହିପାରିବେ ନାହିଁ ।

# ପୁରୀ ବେଳାଭୂମିରେ ଲାଗିଲା ଲାଲ ପତାକା

ପୁରୀ,୦୪/୧୨ (ନି.ପ୍ର):ବାତ୍ୟା 'ଜୱାଦ'ପୁରୀଜିଲ୍ଲାରେ ଉପକୂଳ ଛୁଇଁବା ବେଳକୁ ଏହା ଦୁର୍ବଳ ହୋଇଯିବ ବୋଲି ଭାରତୀୟ ପାଣିପାଗ ବିଭାଗ ପୂର୍ବାନୁମାନ କରିବା ପରେ ଜିଲ୍ଲାପ୍ରଶାସନ ଓ ସାଧାରଣଲୋକମାନେ ଏକ ପ୍ରକାର ଅଶ୍ୱସ୍ଥ ହୋଇଛନ୍ତି। ତେବେ ସମ୍ଭାବ୍ୟ ବାତ୍ୟକୁ ଦୃଷ୍ଟିରେ ରଖି ଗତକାଲି ଠାରୁ ସ୍ଥାନାନ୍ତରିତ ହୋଇଥିବା ୧୯୬୧ ଜଣ ଲୋକ ଏବେ ବିଭିନ୍ନ ଆଶ୍ରୟସ୍ଥଳରେ ଅଛନ୍ତି। 'ଜୱାଦ'ପ୍ରଭାବରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ଚାଷୀମାନେ ଅଧିକ କ୍ଷତଗ୍ରସ୍ତ ହେବା ସ୍ପଷ୍ଟ ହୋଇଛି। ଅନ୍ୟପକ୍ଷରେ ବଙ୍ଗୋପସାଗରରେ ସୃଷ୍ଟ ସାମ୍ଭାବ୍ୟ ବାତ୍ୟା 'ଜୱାଦ'କୁ ଆଖିଆଗରେ ରଖି ପୁରୀସମୁଦ୍ର ବେଳାଭୂମୀରେ ପୁଲିସ ପକ୍ଷରୁ ବ୍ୟାପକ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରାଯାଇଛି। ଦିଗବାରେଣୀ ଛକ ଠାରୁ ଲାଇଟ୍ ହାଉସ୍ ପର୍ଯ୍ୟନ୍ତ ବେଳାଭୂମୀକୁ ରେଡ୍ ଜୋନ୍ ଘୋଷଣା କରାଯାଇଛି। ବେଳାଭୂମୀରେ ଲାଲ ପତାକା ଲଗାଯିବା ସହିତ ସମୁଦ୍ରକୂଳକୁ ଯିବା ଲାଗି ଲୋକମାନଙ୍କୁ ବାରଣ କରାଯାଇଛି।ନିଜେଏସ୍ ପି କନୱାର ବିଶାଳ ସିଂ ବରିଷ୍ଠ ପୁଲିସ ଅଧିକାରୀଙ୍କ ସହିତ ବେଳଭୂମୀ ଅଞ୍ଚଳରେ ବୁଲି ପୁଲିସ ପକ୍ଷରୁ ନିଆଯାଇଥିବା ପଦକ୍ଷେପର ଅନୁଧ୍ୟାନ କରିଛନ୍ତି। ସମୁଦ୍ର କୂଳକୁ ନଆସିବା ଲାଗି ଏସ୍‌ପି ପର୍ଯ୍ୟଟକ ଓ ସାଧାରଣଲୋକମାନଙ୍କୁ ପ୍ରବର୍ତ୍ତାଇଛନ୍ତି। ଜିଲ୍ଲାପାଳ ସମଥ ବର୍ମା ଆଜି ସାମ୍ଭାବ୍ୟ ବାତ୍ୟା ପରିସ୍ଥିତି ସମୀକ୍ଷା କରିଥିଲେ। ସମସ୍ତ ଆଶ୍ରୟସ୍ଥଳରେ ସାନିଟାଇଜର, ମାସ୍କ, ପାନୀୟଜଳ ଓ ଆଲୋକ ବ୍ୟବସ୍ଥା କରାଯାଇଛି। ଚୁଡ଼ା,ଗୁଡ, ବିସ୍କୁଟ୍ ଆଦି ଶୁଖିଲା ଖାଦ୍ୟ, ପାନୀୟଜଳ, ଔଷଧ ଓ ପ୍ରଚୁର ପରିମାଣର ପଶୁଖାଦ୍ୟ ମହଜୁଦ୍ ରଖାଯାଇଥିବାବେଳେ ସମସ୍ତ ବାତ୍ୟା ଆଶ୍ରୟସ୍ଥଳରେ କୋଭିଡ୍ ନିୟମ ପାଳନ କରିବାକୁ ପରାମର୍ଶ ଦିଆଯାଇଛି। ଜିଲ୍ଲାରେ ୩୦ହଜାର ହେକ୍ଟର ଜମିର ଅମଳ ଶସ୍ୟ ଜମିରୁ ନେଇ ସୁରକ୍ଷିତ ସ୍ଥାନରେ ରଖାଯାଇଛି। ଜିଲ୍ଲାରେ ହାରାହାରି ୪୦ମିଲିମିଟର ବର୍ଷା ହୋଇଥିବାରୁ ଫସଲ ବିଶେଷ କ୍ଷତି ହୋଇନଥିବା ଜିଲ୍ଲା ମୁଖ୍ୟକୃଷି ଅଧିକାରୀ ଅନୀଲ ଚନ୍ଦ୍ର ସାହୁ କହିଛନ୍ତି।

# ଚାଷୀଙ୍କ ନିଦ ହଜାଇଛି ଅଦିନିଆ ବାତ୍ୟା

## ବିଲରେ ପଡିଛି ୧୫ ହଜାର ହେକ୍ଟର ଧାନ ଓ ୫୫୫୦ ହେକ୍ଟର ଅଣଧାନ ଫସଲ

ଜଳେଶ୍ୱର, ୪/୧୨(ନି.ପ୍ର): ଆଜି ଶନିବାର ଦିନ ତମାମ ବର୍ଷା ଓ କହଲା ପାଗ ଜଳେଶ୍ୱର କୃଷି ଜିଲାର ଚାଷୀଙ୍କ ନିଦ ହଜାଇ ଦେଇଛି। ଆସନ୍ତା ୨ ଦିନରେ ପ୍ରବଳ ବର୍ଷା ଓ ପବନ ହେବାର ପାଣିପାଗ ବିଭାଗ ସୂଚନା ଦେଇଥିବା ବେଳେ ଅଦ୍ୟାବଧି ୧୫ ହଜାର ହେକ୍ଟର ଧାନ ଜମିର ପାଚିଲା ଫସଲ ଓ ୫୫୫୦ ହେକ୍ଟର ଅଣଧାନ ଜମିର ପରିବା, ତୈଳଜାତୀୟ, ମସଲା, ଡାଲି ଇତ୍ୟାଦି ଚାଷର କ୍ଷତି ଆଶଙ୍କାରେ ଚାଷୀକୂଳ ମୁଣ୍ଡରେ ହାତମାରି ବସିଛନ୍ତି। ଚଳିତ ଖରିଫ ଋତୁରେ ଜଳେଶ୍ୱର କୃଷି ଜିଲାର ଜଳେଶ୍ୱର ବ୍ଲକରେ ୨୦୦୫୫ ହେକ୍ଟର ଜମିରେ ଖରିଫ ଧାନଚାଷ ହୋଇଥିଲା। ସୁବର୍ଣ୍ଣରେଖାର ବାରମ୍ବାର ବନ୍ୟା ଓ ପ୍ରବଳ ବର୍ଷାଯୋଗୁଁ ୫୫୫ ହେକ୍ଟର ଜମିର ଚାଷ ଧୋଇ ଯାଇଥିଲା ଏବେ ୧୯୫୦୦ ହେକ୍ଟର ଜମିର ପ୍ରାୟ ୧୨୫୦୦ ହେକ୍ଟର ଜମିର ଧାନକଟା ସରିଥିବା ବେଳେ ପ୍ରାୟ ୭ହଜାର ହେକ୍ଟର ଜମିର ଧାନ ବିଲରେ ରହିଥିବା କୃଷିଜିଲା ଅଧିକାରୀ ଚନ୍ଦ୍ରସେଖର ପାଢ଼ି ପ୍ରକାଶ କରିଛନ୍ତି। ଭୋଗରାଇ ବ୍ଲକରେ ୧୭ହଜାର ହେକ୍ଟର ଜମିରେ ରୁଆପୋତା ହୋଇଥିବା ବେଳେ ୧୦ହଜାର ହେକ୍ଟର ଜମିରେ ଧାନଚାଷ ବନ୍ୟାଯୋଗୁଁ ସଂପୂର୍ଣ୍ଣ ଧୋଇଯାଇଥିବା କୃଷି, ରାଜସ୍ୱ ସୂତ୍ରରୁ ପ୍ରକାଶ। ତେଣୁ ୭ହଜାର ହେକ୍ଟର ଜମିରେ ଧାନଚାଷ ହୋଇଥିବା ବେଳେ ୪ହଜାର ହେକ୍ଟର ଜମିର ଧାନ ଚାଷୀ ଘରକୁ ନେଇଥିବା ବେଳେ ୩ହଜାର ହେକ୍ଟର ଜମିର ଚାଷ ବିଲରେ ପଡି ରହିଛି। ବାଲିଆପାଳ ବ୍ଲକର ୧୫୪୫୬ ହେକ୍ଟର ଜମିରେ ଖରିଫ ଧାନଚାଷ ହୋଇଥିବା ବେଳେ ୨୦୦ ହେକ୍ଟର ଜମିର ଚାଷ ବନ୍ୟାରେ ଧୋଇ ଯାଇଥିଲା। ୧୦ ହଜାର ହେକ୍ଟର ଜମିର ଧାନ ଚାଷୀମାନେ ଘରକୁ ନେଇଥିବା ବେଳେ ଏବେ ୫ହଜାର ହେକ୍ଟର ଜମିର ଧାନଚାଷ ବିଲରେ ପଡିରହିଛି ବୋଲି ଶ୍ରୀ ପାଢ଼ି ସମ୍ବାଦଦାତା ମାନଙ୍କୁ ସୂଚନା ଦେଇଛନ୍ତି। ରବିଋତୁରେ ଜଳେଶ୍ୱର ବ୍ଲକ ଅଂଚଳରେ ୨୭୦୦ ହେକ୍ଟର ଜମିରେ ବାଇଗଣ, ବିଲାତି, କାଂକଡ, ପୋଟଳ, ଭେଣ୍ଡି, ବନ୍ଧା କୋବି, ଫୁଲ କୋବି, ଝୁଡଙ୍ଗ, ଲଙ୍କା, ଶାବ, ମୁଗ, ବିରି, ରାଇ, ସୋରିଷ, ସୂର୍ଯ୍ୟମୁଖୀ, ଚିନାବାଦାମ, ଆଳୁ, ପିଆଜ ଚାଷ ହୋଇଥାଏ। ଏବେ ଏହି ଚାଷ ଅମଳ ହେଉଥିବା ବେଳେ ଡାଲି ଓ ଚିନାବାଦାମ ମଂଜି ବୁଣା ସରିଛି। ସେହିପରି ଭୋଗରାଇରେ ୧୩୦୦ ହେକ୍ଟର ଓ ବାଲିଆପାଳରେ ୧୫୫୦ ହେକ୍ଟର ଜମିରେ ଅଣଧାନ ଚାଷ ହୋଇଥାଏ। ଆଜି ଦିନ ତମାମ ବର୍ଷା ହେଉଥିବା ବେଳେ ୬ ତାରିଖ ଯାଏ ଏ ଅଂଚଳରେ ବର୍ଷା ଲାଗି ରହିବ ବୋଲି ସୂଚନା ମିଳିଛି। ବିଲରେ ପାଚିଲାଧାନ ଓ ଅଣଧାନ ଚାଷ ରହିଥିବାରୁ ସେଗୁଡିକ ନଷ୍ଟ ହେବାର ଯଥେଷ୍ଟ ସମ୍ଭାବନା କରିଥିବାରୁ ବହୁ ଚାଷୀ ପରିବାର ଚିନ୍ତାରେ ଭଂଗି ପଡିଛନ୍ତି।

# ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟି ବାର୍ଷିକ ଅଧିବେଶନ ସମ୍ପର୍କୀତ ବୈଠକ



ବାଲେଶ୍ୱର,୦୪/୧୨ (ନି.ପ୍ର): ମେଡିକାଲ କଲେଜ କ୍ରିୟାନୁଷ୍ଠାନ କମିଟିର ଆସନ୍ତା ବାର୍ଷିକ ସମ୍ମିଳନୀ ଓ ସଦସ୍ୟତା ବୃଦ୍ଧି ସମ୍ପର୍କିତ ଏକ ବୈଠକ ମନ୍ଦାରପୁର ପଞ୍ଚାୟତର ଓଡ଼ମ୍ବର ଗ୍ରାମ ମକର ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। ରଘୁନାଥ ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ବୈଠକରେ ଜିଲା କ୍ରିୟାନୁଷ୍ଠାନ କମିଟିର ସାଧାରଣ ସଂପାଦକ ପ୍ରଦୀପ ଦାସ, କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ା, ଜନସଂପର୍କ ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ, ଶ୍ୟାମସୁନ୍ଦର ଜେନା ଓ ଅଜୟ ମହାପାତ୍ର ପ୍ରମୁଖ ଯୋଗଦେଇ ଜିଲା ସ୍ୱାସ୍ଥ୍ୟ ବିଭାଗର ସମସ୍ୟା ସଙ୍ଗକୁ ବାର୍ଷିକ ସମ୍ମିଳନୀ ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ଏହି ବୈଠକରେ ଉପସ୍ଥିତ ମହିଳାମାନେ ଫକୀରମୋହନ ଭେଷଜ ମହାବିଦ୍ୟାଳୟ ଡାକ୍ତରଖାନାରେ ହୃଦରୋଗ ଓ ସ୍ନାୟୁ ରୋଗ ଭଳି ଗୁରୁତ୍ୱପୂର୍ଣ୍ଣ ବିଭାଗରେ ବିଶେଷଜ୍ଞ ଡାକ୍ତର ନଥିବା ପ୍ରସଙ୍ଗକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଥିଲେ। କ୍ରିୟାନୁଷ୍ଠାନ କମିଟିର ଆସନ୍ତା ବାର୍ଷିକ ସମ୍ମିଳନୀରେ ଏହା ଉପରେ ଆଲୋଚନା ପରେ ବ୍ୟାପକ ଆନ୍ଦୋଳନ କରାଯିବ ବୋଲି ବୈଠକରେ କମିଟିର କାର୍ଯ୍ୟକର୍ତ୍ତାମାନେ ପ୍ରତିଶ୍ରୁତି ଦେଇଥିଲେ। ଏଥି ସହିତ ଭେଷଜ ମହାବିଦ୍ୟାଳୟ ସଂଲଗ୍ନ ଡାକ୍ତରଖାନା ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା, ଏମ୍ସର ବହିଃର୍ବିଭାଗ କାର୍ଯ୍ୟକ୍ଷମ କରିବା, ଆୟୁଷ ହସପିଟାଲ ଓ ନର୍ସିଂ କଲେଜ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବା ଓ ହସପିଟାଲରେ ସମସ୍ତ ରୋଗର ପରୀକ୍ଷା ବ୍ୟବସ୍ଥା ଉପଲବ୍ଧ କରାଇବା ଉପରେ ବୈଠକରେ ଆଲୋଚନା କରାଯାଇଥିଲା। କ୍ରିୟାନୁଷ୍ଠାନ କମିଟିରେ ମହିଳାଙ୍କ ସଦସ୍ୟତା ଗ୍ରହଣ ପାଇଁ ବୈଠକର ଆବାହିକା ପ୍ରମିତା ସାହୁ ଅନୁରୋଧ କରିଥିଲେ। ଅଞ୍ଜନା ମହାପାତ୍ର, ସନ୍ଧ୍ୟାରାଣୀ ଗିରି, ପୁଷ୍ପାଞ୍ଜଳି ଦାସ, ପ୍ରମିଳା ସାମଲ, ନମିତା ଦାସ, ମଧୁସ୍ମିତା ଦାସ, ଅର୍ଚ୍ଚନା ଖଟୁଆ, ମୀନତି ଗିରି, ସୁଷମା ଗିରି, ସୁବାସିନୀ ଦାସ, ପ୍ରତିମା ଗିରି, କବିତା ଜେନା, ଅର୍ଚ୍ଚନା ଖଟୁଆ, ରେମୁଣା ଆଞ୍ଚଳିକ କମିଟିର ସମ୍ପାଦକ ବିଧାନଚନ୍ଦ୍ର ରାୟ, ସ୍ଥାନୀୟ ବାସିନ୍ଦା ନଗେନ୍ଦ୍ର ଗିରି, ରାମଚନ୍ଦ୍ର ନାୟକ ଓ ମନୋଜ ମହାରଣା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୁବର୍ଣ୍ଣ ବେହେରା ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ବଡଗାମ ଜିଲ୍ଲାରୁ ଲସ୍କର-ଏ-ତେୟବାର ଆତଙ୍କବାଦୀ ଗିରଫ

ଶ୍ରୀନଗର, ୦୪/୧୨ (ନି.ପ୍ର): ଜାମ୍ମୁ ଓ କାଶ୍ମିରର ବଡଗାମ ଜିଲ୍ଲାରେ ସୁରକ୍ଷା କର୍ମୀମାନେ ଶନିବାର ଦିନ ଲସ୍କର-ଏ-ତେୟବାର ଜଣେ ସକ୍ରିୟ ଆତଙ୍କବାଦୀକୁ ଗିରଫ କରାଯାଇଛି। ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି ହମିଦ ନାଥ ନିବାସି ପେଠ୍ ଜାନିଗାମଙ୍କୁ ପୁଷ୍କରରୁ ପୋଲିସ ଏବଂ ସେନାର ଟିମ୍ ଧରିଛନ୍ତି। ଧରାଯାଇଥିବା ଆତଙ୍କୀ ଏହିବର୍ଷ ୨୬ ଫ୍ରେବୁଆରିଠାରୁ ସକ୍ରିୟ ଭାବରେ ସେହି ଅଂଚଳରେ କାମ କରୁଥିଲା। ଅଧିକାରୀଙ୍କ କହିବାନୁସାରେ ହମିଦନାଥ ଲସ୍କର କମାଣ୍ଡର ମୋହମ୍ମଦ ୟୁସୁଫ୍ କାନ୍ତରୋ ବହୁତ ସହଯୋଗିଥିଲା। ଘଟଣା ସଂପର୍କରେ ସେ ନିଜେ ସ୍ୱିକାର କରିଛନ୍ତି।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୩୧ ଗିରଫ

ଭୁବନେଶ୍ୱର, ୦୪/୧୨ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୩୧ ଜଣଙ୍କୁ ଗିରଫ ଜବତ କରା ଯାଇଛି। ୬୮୪ ବାହନକୁ ଜବତ କରା ଯାଇଛି। ଏହି ସମୟ ମଧ୍ୟରେ ୨୩,୩୧,୯୫୦ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି।

# ଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ବାଲେଶ୍ୱର,୦୪/୧୨ (ନି.ପ୍ର): ସୁଏଲପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷୟିତ୍ରୀ ସୁଲେଖା ପଟ୍ଟନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସ୍ଥାନୀୟ ରେଣୁକା କଲ୍ୟାଣମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା ସମିତି ସଭାପତି ଅବଦୁଲ ସବିର ପୌରୋହିତ୍ୟ କରିଥିଲେ। ଜିଲା ପ୍ରାଥମିକ ଶିକ୍ଷକ ସଙ୍ଘ ସାଧାରଣ ସମ୍ପାଦକ ଅରୁଣ କୁମାର ପାତ୍ର ଓ ବରିଷ୍ଠ ଶିକ୍ଷକ ନେତା ରବି ନାରାୟଣ ମହାପାତ୍ର ଏଥିରେ ବରେଣ୍ୟ ଅତିଥି ଭାବେ ଯୋଗଦେଇ ଦୀର୍ଘବର୍ଷର କାର୍ଯ୍ୟକାଳ ମଧ୍ୟରେ ଶିକ୍ଷୟିତ୍ରୀ ଶ୍ରୀମତୀ ପଟ୍ଟନାୟକଙ୍କ ପ୍ରେରଣାଦାୟୀ କାର୍ଯ୍ୟଧାରା ଓ ଆଚାର ସମ୍ପର୍କରେ ଆଲୋଚନା କରିଥିଲେ। ଜଣେ ଛାତ୍ର ବତ୍ସଳ, ସମୟାନୁବର୍ତ୍ତିତା ତଥା କର୍ମଠ ବ୍ୟକ୍ତିତ୍ୱ ଭାବେ ଶିକ୍ଷୟିତ୍ରୀ ଶ୍ରୀମତୀ ପଟ୍ଟନାୟକଙ୍କ ଚାକିରି ଜୀବନ ଅନ୍ୟମାନଙ୍କ ପାଇଁ ଉଦହରଣ ହୋଇ ରହିବ ବୋଲି ସେମାନେ କହିଥିଲେ। ସିଆରସିସି ବିଜୟାଲକ୍ଷ୍ମୀ ମିଶ୍ର ଏଥିରେ ଅନ୍ୟତମ ଅତିଥି ଭାବେ ଯୋଗଦେଇ ଶ୍ରୀମତି ପଟ୍ଟନାୟକଙ୍କ ବହୁବିଧ ପ୍ରତିଭା ଓ କାର୍ଯ୍ୟଧାରା ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିରେ ଶ୍ରୀମତୀ ପଟ୍ଟନାୟକଙ୍କୁ ବିଦ୍ୟାଳୟ ପକ୍ଷରୁ ବିଭିନ୍ନ ପ୍ରକାରର ଉପଢୌକନ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବର୍ଦ୍ଧିତ ଅବସରରେ ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଶ୍ରୀମତୀ ପଟ୍ଟନାୟକ ଭାବବିହ୍ୱଳ ହୋଇ ପଡ଼ିବା ସହିତ ଏହି ବିଦ୍ୟାଳୟରେ ଦୀର୍ଘଦିନର କାର୍ଯ୍ୟକାଳରେ ଛାତ୍ରଛାତ୍ରୀଙ୍କ ଭକ୍ତି, ସହର୍କର୍ମୀଙ୍କ ତଥା ପରିଚାଳନା ସମିତି କାର୍ଯ୍ୟକର୍ତ୍ତା ତଥା ସ୍ଥାନୀୟ ଅଞ୍ଚଳର ଅଭିଭାବକଙ୍କ ସହଯୋଗ କେବେ ଭୁଲିପାରିବେ ନାହିଁ ବୋଲି କହିଥିଲେ। ଶିକ୍ଷୟିତ୍ରୀ ସୁମଲି ପୁରୀ ଓ ଜାହିରା ପରବିନ ଏହି ସମ୍ବର୍ଦ୍ଧନା ଉତ୍ସବକୁ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ସରସ୍ୱତୀ ଭୋଳ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଶ୍ରୀମତୀ ପଟ୍ଟନାୟକ ଗତ ୩୦ ତାରିଖରେ କାର୍ଯ୍ୟରୁ ଅବସର ଗ୍ରହଣ କରିଥିଲେ।

# ସଂକ୍ଷିପ୍ତ ବାର୍ଷିକ ପଞ୍ଜିକା ଲୋକାର୍ପିତ

ପୁରୀ,୦୪/୧୨ (ନି.ପ୍ର): ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ କଳାମାଣିକ ପ୍ରକାଶନୀ ପକ୍ଷରୁ ସଂକ୍ଷିପ୍ତ ବାର୍ଷିକ ପଞ୍ଜିକା ୨୦୨୨ଲୋକାର୍ପିତ ହୋଇଛି। ଏହି ପଞ୍ଜିକାର ଲୋକାର୍ପଣ ଉତ୍ସବରେ ଜ୍ୟୋତିର୍ବିଦ୍ ପ୍ରଶାନ୍ତ କୁମାର ଆଚାର୍ଯ୍ୟ,ବରିଷ୍ଠ ଦଇତାପତି ରାମଚନ୍ଦ୍ର ଦାସ ମହାପାତ୍ର,କାର୍ତ୍ତିକ ଦାସ ମହାପାତ୍ର, ରାଧାବଲ୍ଲଭ ମଠର ମଠାଧୀଶ ରାମକୃଷ୍ଣ ଦାସ,ସେବାୟତ ବାଳକୃଷ୍ଣ ପୂଜାପଣ୍ଡା ସାମନ୍ତ,ଅଭିନନ୍ଦନିକାର ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି,କଳାମଣିମା ପ୍ରକାଶକ ମହେଶ ନାୟକ ପ୍ରମୁଖ ଯୋଗଦେଇ ପଞ୍ଜିକାକୁ ଲୋକାର୍ପିତ କରିଥିଲେ। ସୂଚନାଯୋଗ୍ୟଯେ,ଓଡ଼ିଶାର ପ୍ରଚଳିତ ଖଡ଼ିରତ୍ନ,ସାମନ୍ତ ପଞ୍ଜିକା ଓ ବିରଜା ପଞ୍ଜିକା ଅନୁଯାୟୀ ତଥ୍ୟ, ତିଥି,ବାର ଓ ନକ୍ଷତ୍ର ନଣନା କ୍ଷେତ୍ରରେ ପାଠକୀୟ ଆଦୃତିଲାଭ କରିଛି।

## ବିରୋଧିଦଳ ନାଟକ କରୁଛନ୍ତି : ବିଜେଡି

ଭୁବନେଶ୍ୱର, ୦୪/୧୨ (ନି.ପ୍ର): ମମିତା ମେହେର ପ୍ରସଙ୍ଗରେ ବିରୋଧିଦଳ ଗୁଡିକ ଯେଭଳି ନାଟକ କରୁଛନ୍ତି ତାହା ଗଣତନ୍ତ୍ର ପ୍ରତି ଆଦୌ ଶୁଭଙ୍କର ନୁହେଁ। ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ଦେବାପରେ ବିରୋଧିଦଳ କରୁଥିବା ପ୍ରତିବାଦର କୌଣସି କାରଣ ନାହିଁ ବୋଲି କହିଛନ୍ତି ବିଜେଡି ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ। ଶ୍ରୀମତୀ ଛୁରିଆ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ରଖି ବିନା ଦ୍ୱନ୍ଦ ଓ ବିନା ଚାପରେ ତଦନ୍ତ ଚାଲିବ ବୋଲି କହିବା ପରେ ମଧ୍ୟ ଅଭାବନୀୟ ପରିସ୍ଥିତି ସୃଷ୍ଟି କରାଯାଉଛି। ବିରୋଧୀ ଦଳ ଏହି ପ୍ରସଙ୍ଗରେ ଡ୍ରାମା କରୁଛନ୍ତି। ସମସ୍ତ ପ୍ରକାର ଆଲୋଚନା ପାଇଁ ସରକାର ପ୍ରସ୍ତୁତ ରହିଥିବାବେଳେ ବିରୋଧୀ ଗୃହକୁ ଚଳାଇ ଦେଉନାହାନ୍ତି। ବିରୋଧିଦଳଙ୍କ ଏଭଳି ଆଚରଣ ଗଣତନ୍ତ୍ର ଓ ସମ୍ବିଧାନ ପ୍ରତି ବିପଦ। ଅଯଥା ପ୍ରସଙ୍ଗରେ ବିରୋଧି ଗୃହରେ ଅଚଳାବସ୍ଥା ସୃଷ୍ଟି କରୁଛନ୍ତି। ବିଶୃଙ୍ଖଳିତ ଆଚରଣ ପାଇଁ ରାଜ୍ୟସଭା ଓ ଅନ୍ୟାନ୍ୟ ବିଧାନସଭାରେ ସଦସ୍ୟ ମାନଙ୍କୁ ସସପେଣ୍ଡ କରାଯାଉଛି। ନିର୍ବାଚିତ ଜନପ୍ରତିନିଧି ହୋଇ ବିରୋଧୀ ଦଳର ସଦସ୍ୟ ଯେଭଳି ବିଶୃଙ୍ଖଳିତ ଆଚରଣ କରୁଛନ୍ତି ଜନସାଧାରଣ ତାହାର ଜବାବ ଦେବେ ବୋଲି ଶ୍ରୀମତୀ ଛୁରିଆ କହିଛନ୍ତି।

# ଜିଲ୍ଲାରେ ଗଡ଼ିଲା ଶିଶୁ ଅଧିକାର ସୁରକ୍ଷା ଅଭିଯାନ ରଥ

ବାଲେଶ୍ୱର, ୦୪/୧୨ (ନି.ପ୍ର): ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ପକ୍ଷରୁ ରାଜ୍ୟବ୍ୟାପୀ ପରିକ୍ରମା ଆରମ୍ଭ କରିଥିବା ଶିଶୁ ଅଧିକାର ସୁରକ୍ଷା ଅଭିଯାନ ସଚେତନତା ରଥ ଏବେ ବାଲେଶ୍ୱରରେ ପହଞ୍ଚିଛି। ଅତିରିକ୍ତ ଜିଲାପାଳ ଶ୍ରୀ ନୀଲୁ ମହାପାତ୍ର ଶନିବାର ପୂର୍ବାହ୍ନରେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ। ଜିଲାର ରେମୁଣା, ନୀଳଗିରି ଓ ସୋର ଅଞ୍ଚଳ। ଏହା ପରିକ୍ରମା କରି ଜନସାଧାରଣଙ୍କୁ ଶିଶୁ ଅଧିକାର ସମ୍ପର୍କରେ ସଚେତନ କରିଥିଲା। ଅଙ୍ଗନୱାଡି କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ, ସ୍କୁଲ ଛାତ୍ରଛାତ୍ରୀ, ଶିକ୍ଷକ-ଶିକ୍ଷୟିତ୍ରୀ, ପଞ୍ଚାୟତିରାଜ ଅନୁଷ୍ଠାନର ସଭ୍ୟସଭ୍ୟା, ବ୍ଲକ-ପଞ୍ଚାୟତସ୍ତରୀୟ ଶିଶୁ ସୁରକ୍ଷା କମିଟିର ସଦସ୍ୟ-ସଦସ୍ୟା, ଶିଶୁ ସୁରକ୍ଷା ଅନୁଷ୍ଠାନ ଓ ଚାଇଲ୍ଡ ଲାଇନର କର୍ମକର୍ତ୍ତାମାନେ ବିଭିନ୍ନ ସ୍ଥାନରେ ଏହି ରଥକୁ ସ୍ୱାଗତ କରିଥିଲେ। ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଆନୁକୂଲ୍ୟରେ ନଭେମ୍ବର ୧ରୁ ୨ଟି ସଚେତନତା ରଥ ୪୦ଦିନିଆ ଅଭିଯାନରେ ବାହାରି ରାଜ୍ୟର ବିଭିନ୍ନ ଅଞ୍ଚଳ ପରିକ୍ରମା କରିବା ସହିତ ଶିଶୁ ଅଧିକାର ସମ୍ପର୍କିତ ସଚେତନତା ବାର୍ତ୍ତା ପ୍ରଚାର କରୁଛି। ଡିସେମ୍ବର ୧୦ତାରିଖ ପର୍ଯ୍ୟନ୍ତ ଏହି ପରିକ୍ରମା ଜାରି ରହିବ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଯୁବକ ମାଝୀ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ କୁନ୍ତଳା କୁମାରୀ ମଲିକ, ଜିଲା ପ୍ରୋଗ୍ରାମ ଅଫିସର ଦ୍ରୌପଦୀ ମାରାଣ୍ଡି, ସିଡିପିଓ ସବିତା ରାଉତ, ସୁଜାତା ପଟ୍ଟନାୟକ, ସୁପରଭାଇଜର ଶୁଭଶ୍ରୀ ଜେନା, ଶୁଭଶ୍ରୀ ଦାସ, 'ମେ ଆଇ ହେଲ୍ପ ୟୁ'ର 'ଏନଜିଓ'ର କର୍ମକର୍ତ୍ତା ଉବାଚକ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ଆଜିର ଏହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅବକାରୀ ଚଢ଼ାଉ : ୩ ମଦବେପାରୀ ଗିରଫ



ରୂପସା, ୦୪/୧୨ (ନି.ପ୍ର): ବସ୍ତା ଅବକାରୀ ବିଭାଗ ପକ୍ଷରୁ ଆଜି ଚଢ଼ାଉ କରାଯାଇ ଦୁଇ ମହିଳା ସମେତ ତିନି ଜଣ ମଦବ୍ୟବସାୟୀଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତ ହେଲେ ବସ୍ତା ଥାନା ଅନ୍ତର୍ଗତ ପଥୁରିଆ ଗାଁ ର ସୁମତି ରାମ, ହୋସେନପୁର ର ପୁଡ୍ଡୁ ହାଁସଦା ଓ ଭାନ୍ଦିପୁରର ଗଣେଶ ବେସ୍ରା। ସେମାନଙ୍କ ଠାରୁ ୧୫୦ ଲିଟର ଚୋରା ଦେଶୀ ମଦ ଜବଦ କରାଯାଇଛି। ଏ ସଂକ୍ରାନ୍ତରେ ୬୯,୭୦ ଓ ୭୧/୨୦୨୦-୨୧ ନମ୍ବର ରେ ୩ ଟି ମାମଲା ରୁଜୁ ହୋଇ ଗିରଫ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଛି। ବସ୍ତା ଥାନା ଅଂଚଳ ରେ ଦୀର୍ଘ ଦିନ ଧରି ଚୋରା ରେ ମଦବ୍ୟବସାୟ ଚାଲୁରହିଥିବା ବେଳେ ପୋଲିସ ର ଦୃଷ୍ଟିପାତ ନ ଥିଲା। ଅଭିଯୋଗ ପାଇବା ପରେ ଅବକାରୀ ବିଭାଗ ପକ୍ଷରୁ ଚଢ଼ାଓ ପରେ ସଫଳତା ମିଳିଥିଲା।

# ଡ୍ରଗ୍ସ ବାଦ୍‌ଶା ସେକ୍ ସଇଫୁଦ୍ଦିନର ସମ୍ପତ୍ତି ବାଜ୍ୟାପ୍ତି ଓ ସେକ୍ ଆଜବାହାରର ଗିରଫ ପରେ ପୁଲିସ୍ ଆଶ୍ୱସ୍ତ !

ଜଳେଶ୍ୱର, ୦୪/୧୨(ନି.ପ୍ର): ସମଗ୍ର ଦେଶରେ ଚହଳ ପକେଇଥିବା ବ୍ରାଉନ୍ ସୁଗରର ଚୋରାଚାଲାଣର ଦୁଇ ମାଷ୍ଟର ମାଇଣ୍ଡ ମଧ୍ୟରୁ ଜଣକର ୨ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି ଓ ଅନ୍ୟ ଜଣଙ୍କର ରାଜ୍ୟ ବାହାରେ ଗିରଫ ହେବାପରେ ଏବେ ରାଜ୍ୟ ପୁଲିସ୍‌କୁ ଆସ୍ୱସ୍ତୀ ମିଳିଛି। କିନ୍ତୁ କେବଳ ଏହି ୨ଜଣ ନୁହେଁ, ଜଳେଶ୍ୱର ଅଂଚଳରେ ପୁଲିସ୍ ସ୍କେନରରେ ଥିବା ୩୨ଜଣ ଧଳାଜହର ମାଫିଆଙ୍କ ପ୍ରତି ପୁଲିସ୍ କଣ ପଦକ୍ଷେପ ନେଉଛି ସେଥିନେଇ ବିଭିନ୍ନ ସ୍ତରରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବାଲେଶ୍ୱର ଜିଲାର ଜଳେଶ୍ୱର ସହରରେ ପ୍ରଥମେ ବ୍ରାଉନ୍ ସୁଗର ମାଷ୍ଟରମାଇଣ୍ଡ ଭାବେ ଉଭା ହୋଇଥିଲା ସେକ୍ ସମିରୁଦ୍ଦିନ ଓରଫ ଟକୁଲୁ ରାଜା। ବିଭିନ୍ନ ସମୟରେ ସେ ନିଶା ବେପାରରେ ପୁଲିସ୍ ସ୍କେନରକୁ ଆସି ପରେ ଖସିଯିବାରେ ସଫଳ ହେଉଥିଲା। ସମିରୁଦ୍ଦିନ ପାକିସ୍ଥାନ-ଆଫଗାନିସ୍ଥାନ-ବାଂଲାଦେଶ-ଜଳେଶ୍ୱର-ଭୁବନେଶ୍ୱର- ଭଦ୍ରକ-ପୁରୀ ଆଦି ଅଂଚଳ ଯାଇ ସେଠାରେ ଏଜେଣ୍ଟ ଜରିଆରେ ଏପରି ଅପରାଧ କାର୍ଯ୍ୟ ଚଳାଇ ଆସିଥିଲେ। ଶେଷରେ ୨୦୨୦ ମାର୍ଚ୍ଚ ୩୦ରେ ଜିଲା କୋର୍ଟରେ ନିଜକୁ ସମର୍ପଣ କରିଥିଲା। ଏସ୍‌ଟିଏଫର ସୂଚନା ଅନୁଯାୟୀ ତାର ୨ କୋଟି ଟଙ୍କାର ସମ୍ପତ୍ତି ବାଜ୍ୟାପ୍ତି କରାଯାଇଥିଲା। ଆଜି ଜଳେଶ୍ୱରର ଅନ୍ୟଜଣେ ଡ୍ରଗ୍ସ ବାଦ୍ସା ସେକ୍ ଆଜବାହାର ରାଜସ୍ଥାନର ଯୋଦ୍ଧ ଅଂଚଳରୁ ଗିରଫ ହୋଇଥିବା ଜଣାଯାଇଛି। ତାର ଘର ଜଳେଶ୍ୱର ଥାନା ଅନ୍ତର୍ଗତ ରାଜପୁର ଗାଁରେ। ଗତ ପଂଚାୟତ ନିର୍ବାଚନରେ ସେ ୱାର୍ଡମେମ୍ବର ଭାବେ ନିର୍ବାଚିତ ହୋଇଥିଲେ। ଏସ୍‌ଟିଏଫ ଦ୍ୱାରା ସେ ୩ଥର ଗିରଫ ହୋଇ ଝାଡପଡା ଜେଲ୍‌ରେ ରହି ଆସୁଥିଲା। ଏକଦା ତାକୁ ପୁଲିସ୍ ଧରିଥିବା ବେଳେ ସେ ସୁବର୍ଣ୍ଣରେଖାର ଭରାନଦୀକୁ ଡେଇଁ ଫେରାର ହେବୁ ଚେଷ୍ଟା କରିଥିଲେ ମଧ୍ୟ ପୁଲିସ୍ ତାକୁ କାବୁ କରିଥିଲା। ୩ଥର ଗିରଫ ହୋଇଥିଲେ ମଧ୍ୟ ଆଇନ୍‌ର ଫାଙ୍କରେ ଖସି ଆସି ତାର ଅପରାଧ ଜାଲକୁ ଲମ୍ବାଇ ଆସୁଥିଲା। ବାଂଲାଦେଶ ସୀମା ଲାଲଗୁଲା- ଜଳେଶ୍ୱର-ବାଲେଶ୍ୱର- କଟକ- ଭୁବନେଶ୍ୱର ଅଂଚଳରେ ତାର କାରବାର ଚଳାଇ ଆସୁଥିବାର ଏସ୍‌ଟିଏଫ ଜାଣିବାକୁ ପାଇଥିଲା। ଏବେ ଗତମାସରେ ବାଲେଶ୍ୱର ଜିଲାରୁ ୫ କିଲୋରୁ ଉର୍ଦ୍ଧ୍ୱ ବ୍ରାଉନ୍‌ସୁଗର ଧରାପଡିଥିବା ବେଳେ ଚଳିତବର୍ଷ ୭.୫ କି.ଗ୍ରା ଜବତ୍ ହୋଇଥିବା ବାଲେଶ୍ୱର ଏସ୍‌ପିଙ୍କ ସୂତ୍ରରୁ ପ୍ରକାଶ। ଗତମାସ ଜଳେଶ୍ୱର ଥାନା ଇଲାକାରୁ ଏସ୍‌ଡିପିଓ ଅଂକିତା କୁମ୍ଭାର ଓ ଆଇଆଇସି ପ୍ରଜ୍ଞା ମହାନ୍ତିଙ୍କ ପ୍ରଚେଷ୍ଟାରେ ପ୍ରାୟ ୪ କି.ଗ୍ରାର ବ୍ରାଉନ୍‌ସୁଗର ଧରାପଡିଥିବା ସରକାରୀଭାବେ କୁହାଯାଉଛି। କିନ୍ତୁ ପୁଲିସ୍ ସ୍କେନରେ ୩୨ଜଣ ବ୍ୟକ୍ତି ଏପରି କାରବାରରେ ସଂପୃକ୍ତି ଥିବା ଗୁଇନ୍ଦା ସୂତ୍ରରୁ ପ୍ରକାଶ। ପୂର୍ବରୁ ଏହି କାରବାରରେ ସଂପୃକ୍ତ ଛୋଟ ବ୍ୟବସାୟୀଙ୍କୁ ଧରି ଆସୁଥିବା ବେଳେ ଏବେ ଏପରି ଦୁଇ ସଂଦିଗ୍ଧ ଅପରାଧିକୁ ଧରିବାରେ ସଫଳ ହୋଇଥିବାରୁ ପୁଲିସ୍‌କୁ ଆସ୍ୱସ୍ତି ନେଇଛି ସିନା ମୂଳ ଉତ୍ପାଟନ କେବେ ହେଉଛି ତାହା ଦେଖିବାକୁ ବାକି ରହିଲା।

# ୫ଟି ସଚିବଙ୍କ ସହ ଆଲୋଚନା କଲେ ୨୧ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଛାତ୍ରଛାତ୍ରୀ

ଜଳେଶ୍ୱର, ୪/୧୨(ନି.ପ୍ର): ଶିକ୍ଷାର ଗୁଣାତ୍ମକ ବିକାଶ, ଛାତ୍ରଛାତ୍ରୀଙ୍କର ଶୈକ୍ଷୀକ ବିକାଶ, ବୈଜ୍ଞାନିକ ଯନ୍ତ୍ରପାତିର ବ୍ୟବହାର, ଯୋଗ ଓ ଖେଳ ପ୍ରତି ଆକର୍ଷଣ ଓ ସର୍ବୋପରି ମାନସିକ ବିକାଶ ଲାଗି ସାମ୍ପ୍ରତିକ ସମାଜରେ ଶିକ୍ଷାର ଭିତ୍ତି ଭୂମୀ ପରିବର୍ତ୍ତନର ଆବଶ୍ୟକତା ରହିଥିବା ସମ୍ପର୍କରେ ଆଜି ୫ଟି ସଚିବ ଭି.କେ ପାଣ୍ଡିଆନ୍ ଭିଡିଓ କନ୍‌ଫାରେନ୍ସିଂରେ କହିଛନ୍ତି। ଜଳେଶ୍ୱର ବ୍ଲକ ସଭାଗୃହରେ ଆୟୋଜିତ ଆଲୋଚନାଚକ୍ରରେ ୨ୟ ପର୍ଯ୍ୟାୟରେ ନିଆଯାଇଥିବା ମୋ ସରକାର ଯୋଜନାରେ ୨୧ଟି ଉଚ୍ଚ ବିଦ୍ୟାଳୟର ସମଗ୍ରୀକ ବିକାଶ ଲାଗି ରାଜ୍ୟ ସରକାର ଏପରି ପଦକ୍ଷେପ ନେଇଥିବା ସେ ଉପସ୍ଥିତ ପ୍ରଧାନ ଶିକ୍ଷକ/ଶିକ୍ଷୟତ୍ରୀ, ସରପଂଚ, ପରିଚାଳନା କମିଟି ସଭାପତି, ପୂର୍ବତନ ଛାତ୍ର ଓ ୫ଟି ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କୁ କହିଛନ୍ତି। ଆଲୋଚନାରେ ମନୋରଂଜନ ଦାସ ରାଜ୍ୟରେ ବିଜୁ ବାବୁଙ୍କ ମୁଖ୍ୟମନ୍ତ୍ରୀ କାଳରେ (୧୯୯୪) ୩ହଜାର ଉଚ୍ଚ ବିଦ୍ୟାଳୟକୁ ସରକାରୀକରଣ କରି ଶିକ୍ଷାର ମୂଳଦୁଆ ବିକାଶ ଲାଗି ପ୍ରଚେଷ୍ଟା କରିଥିବା ବେଳେ ଏବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରଚେଷ୍ଟା ସର୍ବତ୍ର ଗ୍ରହଣୀୟ ବୋଲି କହିଥିଲେ। ସ୍ୱଚ୍ଛତା, ଦଳଗତ କାର୍ଯ୍ୟ କରିବା, ସମୟ ନିର୍ଘଣ୍ଟ, ପ୍ରଯୁକ୍ତି ବିଦ୍ୟାର ବିକାଶ, ଓ ବିଦ୍ୟାଳୟର ରୂପାନ୍ତରିକରଣ ୫ଟିର ମୂଳମନ୍ତ୍ର ହୋଇଥିବାରୁ ଏବେ ଏପରି ଶିକ୍ଷାର ପରିବର୍ତ୍ତନକୁ ଉପସ୍ଥିତ ସମସ୍ତେ ପ୍ରଶଂସା କରିଥିଲେ। ବିଲେଶ୍ୱର ଜିଲାରେ ୨ୟ ପର୍ଯ୍ୟାୟରେ ଜଳେଶ୍ୱର ବ୍ଲକରୁ ସର୍ବାଧିକ ବିଦ୍ୟାଳୟକୁ ଏପରି ଯୋଜନାରେ ସାମିଲ କରି ଜଳେଶ୍ୱର ଶିକ୍ଷାର ବିକାଶ କରିବରେ ମୁଖ୍ୟମନ୍ତ୍ରୀ ବଦ୍ଧପରିକର ବୋଲି ୫ଟି ସଚିବ ଭିକେ ପାଣ୍ଡିଆନ କହିଥିଲେ। ପ୍ରଥମ ପର୍ଯ୍ୟାୟରେ ଜଳେଶ୍ୱରରୁ ନିଆଯାଇଥିବା ୨ଟି ବିଦ୍ୟାଳୟ ନେଇ ଛାତ୍ରଛାତ୍ରୀ, ଶିକ୍ଷକ/ଶିକ୍ଷୟତ୍ରୀ, ସରପଂଚ, ପୁରାତନ ଛାତ୍ରଛାତ୍ରୀ ସମସ୍ତେ ସନ୍ତୋଷ ବୋଲି ଉତ୍ତରରେ ସମସ୍ତେ କହିଥିଲେ। ଏହି କାର୍ଯ୍ୟକ୍ରମରେ ବିଡିଓ ଦିପ୍ତିରଂଜନ ସେଠୀ, ମ୍ୟୁନିସିପାଲଟି କାର୍ଯ୍ୟନିର୍ବାହୀ ଅଧିକାରୀ ଅଜୟ ମହାପାତ୍ର ଉପସ୍ଥିତ ଥିଲେ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo